RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | •VOLUME- 43 •ISSUE-96 •MONDAY •29 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୬ •ସୋମବାର •୨୯ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




**ବିରାଜିଲେ ମା'** ଆଜି ପୀଠେ ମହାଷ୍ଟମୀ, ମଣ୍ଡପରେ ସପ୍ତମୀ ପୂଜା

# ଭାରତକୁ ବିଜୟ ତିଳକ



ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁବାଇ ଗ୍ରାଉଣ୍ଡରେ ଧୂଳି ଚଟାଇ ଭାରତ ନବମଥର ପାଇଁ ଏସିଆ କପ୍ ଟାଇଟଲ୍ ହାସଲ କରିଛି । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଭାରତକୁ ତିଳକ ବର୍ମାଙ୍କ ୬୯ ରନ୍‌ର ଧୂଆଁଧାର ଇନିଂସ ବିଜୟ ସ୍ୱାଦ ଚଖାଇଛି । ଆରମ୍ଭରୁ ବାଦବିବାଦ ମଧ୍ୟରେ ବହୁଚର୍ଚ୍ଚିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଟସ୍ ଜିତି ଭାରତ ବ୍ୟାଟିଂ ପାଇଁ ପାକିସ୍ତାନକୁ ଆମନ୍ତ୍ରଣ ଦେଇଥିଲା । ପ୍ରଥମରୁ ସାହିବଜାଦା ଫରହାନ୍ ଓ ଫକର୍ ଜମାନ୍‌ଙ୍କ ଧୂଆଁଧାର ବ୍ୟାଟିଂ ଭାରତୀୟ ଶିବିରରେ ଛନକା ଖେଳାଇଥିଲା । ମାତ୍ର ୯ ଓଭର୍‌ରେ ୮୪ ରନ୍ କରି ବିଶାଳ ସ୍କୋର୍ ଆଡ଼କୁ ଯାଉଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଫରହାନ୍‌ଙ୍କୁ ଆଉଟ୍ କରି ପାକିସ୍ତାନର ରନ୍ ଇଞ୍ଜିନ୍‌କୁ ଅକାମୀ କରି ଦେଇଥିଲେ । ପରେ କୁଲ୍‌ଦୀପ ଓ ଅକ୍ଷର୍‌ଙ୍କ ସ୍ପିନ୍ ଯାଦୁରେ ପାକିସ୍ତାନ ୧୯.୧ ଓଭର୍‌ରେ ୧୪୬ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଜବାବରେ ଭାରତ ୧୯.୪ ଓଭର୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଛି । (ବିବରଣୀ: ପୃଷ୍ଠା-୧୨)

## ବିହାର ନିର୍ବାଚନ ସହ ନୂଆପଡ଼ା ଉପନିର୍ବାଚନ



■ ଭୁବନେଶ୍ୱର, ୨୮।୯ (ସମିସ): ବିହାର ବିଧାନସଭା ନିର୍ବାଚନ ସହ ଅନୁଷ୍ଠିତ ହେବ ନୂଆପଡ଼ା ଉପ ନିର୍ବାଚନ। ରବିବାର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ନିର୍ବାଚନ କମିଶନ। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ବିହାର ନିର୍ବାଚନ ସହ ଦେଶର ବିଭିନ୍ନ ସ୍ଥାନରେ ୮ଟି ବିଧାନସଭା ନିର୍ବାଚନ ନିମନ୍ତେ ଉପନିର୍ବାଚନ କରାଯିବ। ବିହାର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ପରିଚାଳନା ପାଇଁ ମୋଟ ୪୭୦ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଏଥିରେ ୩୨୦ ଆଇଏଏସ, ୬୦ ଆଇପିଏସ ଓ ୯୦ ଅନ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି କମିଶନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କ ଅକାଳ ପରଲୋକ ଯୋଗୁଁ ଏଠାରେ ଉପନିର୍ବାଚନ କରାଯିବାକୁ ନିଷ୍ପତ୍ତି ହୋଇଥିବାରୁ ଏହାକୁ ସୁରୁଖୁରୁରେ ସମ୍ପାଦିତ କରିବା କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ▶ପୃଷ୍ଠା-୭

**ତେଜିଲା ଦଳାଚକଟା ରାଜନୀତି**

## ଦୁର୍ଘଟଣା ନା ଷଡ଼ଯନ୍ତ୍ର



- ବିଜୟଙ୍କ ରାଲି ଦଳାଚକଟା ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ମୃତକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଦେବେ ବିଜୟ
- ଷଡ଼ଯନ୍ତ୍ର କରିଥିଲେ ଡିଏମ୍‌କେ ନେତା: ଟିଭିକେ
- ଟିଭିକେ ନେତାଙ୍କ ବିରୋଧରେ ରୁଜୁହେଲା ଏତଲା
- ସରକାରଙ୍କୁ ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରାଳୟ

■ ଚେନ୍ନଇ, ୨୮।୯ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟିଥିବା ଥଲପତି ବିଜୟଙ୍କ ରାଜନୈତିକ ରାଲିରେ ଦଳଚକଟା ଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚି ଯାଇଛି। ମୃତକଙ୍କ ମଧ୍ୟରେ ୧୬ ମହିଳା, ୧୦ ଶିଶୁ ସାମିଲ ଅଛନ୍ତି। ୯୫ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୧ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଆଇସିୟୁରେ ଚିକିତ୍ସା ଚାଲିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ▶ପୃଷ୍ଠା-୭









### ୟୁନେସ୍କୋ ନେଟ୍‌ୱର୍କରେ ସ୍ଥାନ ପାଇଲା

## ସ୍ପିତି ଉପତ୍ୟକା ଦେଶର ପ୍ରଥମ ଶୀତଳ ମରୁସ୍ଥଳ

ସିମ୍ଲା,୨୮।୯ (ଏଜେନ୍ସି): ହିମାଚଳ ପ୍ରଦେଶର ଲାହୌଲ-ସ୍ପିତି ଜିଲ୍ଲାରେ ଥିବା ସ୍ପିତି ଉପତ୍ୟକା ଦେଶର ପ୍ରଥମ ଶୀତଳ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଭାବେ ମାନ୍ୟତା ପାଇଛି। ଏହିକ୍ରମରେ ସ୍ପିତି ଉପତ୍ୟକାକୁ ୟୁନେସ୍କୋର ସମ୍ମାନଜନକ ମାନବ ଓ ବାୟୋସ୍ପିଅର ପ୍ରୋଗ୍ରାମ୍ (ଏମ୍‌ଏବି)ରେ ସାମିଲ କରାଯାଇଛି। ଗତ ସେପ୍ଟେମ୍ବର ୨୬ ଚୀନ୍‌ର ହାଙ୍ଗଝୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ କୋର୍ଡିନେଟିଂ କାଉନସିଲ (ଏମ୍‌ଏବି- ଆଇସିସି) ବୈଠକର ୩୭ତମ ସଂସ୍କରଣରେ ସ୍ପିତି ଉପତ୍ୟକାକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି।



ଏଥିସହ ଏମ୍‌ଏବି ନେଟ୍‌ୱର୍କରେ ଭାରତର ୧୩ଟି ବାୟୋସ୍ପିଅର ରିଜର୍ଭ ସାମିଲ ହୋଇଛି। ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁ ଏହା ସମ୍ଭବପର ହୋଇ ପାରିଛି। ଜଳବାୟୁ ପରିବର୍ତ୍ତନର ଯୁଗରେ ହିମାଚଳର ସମୃଦ୍ଧ ପ୍ରାକୃତିକ, ସାଂସ୍କୃତିକ ପରମ୍ପରାକୁ ଅତୁଟ ରଖିବାକୁ ରାଜ୍ୟ ସରକାର ପ୍ରୟାସ କରିଆସୁଛନ୍ତି। ସ୍ପିତିର ଏହି ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ୭,୭୭୦ ବର୍ଗ କିମି ଭୌଗଳିକ କ୍ଷେତ୍ରରେ ପରିବ୍ୟାପ୍ତ।

### ଆର୍ଜେଣ୍ଟିନା ଡ୍ରଗ୍ସ ଗ୍ୟାଙ୍ଗର ଜଘନ୍ୟ କାଣ୍ଡ

## ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ତିନି ଯୁବତୀଙ୍କୁ ହତ୍ୟା

ବଏନେସ ଏରିଜ୍, ୨୮।୯ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ଆର୍ଜେଣ୍ଟିନାରେ ଡ୍ରଗ୍ସ ଗ୍ୟାଙ୍ଗ୍ ୩ ଜଣ ଯୁବତୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଆଉ ଏହି ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ଦୃଶ୍ୟକୁ ଇନ୍‌ଷ୍ଟାଗ୍ରାମ୍‌ରେ ଲାଇଭ ଦେଖାଇବାର ଦୁଃସାହାସ କରିଛି। ଗତ ୧୯ ତାରିଖରେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ଏହି ଗ୍ୟାଙ୍ଗର ଗୁଣ୍ଡାମାନେ ପ୍ରଥମେ ଏହି ଝିଅମାନଙ୍କୁ ଅମାନୁଷିକ ଭାବେ ବାଡେଇଥିଲେ। ଏହା ପରେ ସେମାନଙ୍କ ଆଙ୍ଗୁଠି କାଟି ଦେଇଥିଲେ। ନଖ ଉପାଡି ଦେଇଥିଲେ ଏବଂ ଶେଷରେ ତଣ୍ଟି ଚିପି ହତ୍ୟା କରିଥିଲେ। ପୁଲିସ ସୂଚନା ମୁତାବକ, ଏହି ମହିଳାଙ୍କୁ ପାର୍ଟି କରିବା ବାହାନାରେ ଡକାଯାଇ ଭ୍ୟାନରେ ନିଆଯାଇଥିଲା। ଗ୍ୟାଙ୍ଗର ନିୟମ ଭାଙ୍ଗିଥିବାରୁ ଦଣ୍ଡ ସ୍ୱରୂପ ୩ ମହିଳାଙ୍କୁ ହତ୍ୟା କରାଯାଇଥିଲା। 'ଯିଏ ମୋର ଡ୍ରଗ୍ସ ଚୋରି କରିବ ତାଙ୍କର ଅବସ୍ଥା ଏହିପରି ହେବ' ବୋଲି ଗ୍ୟାଙ୍ଗ ଲିଡର ଭିଡିଓରେ କହୁଥିବାର ଦେଖାଯାଇଥିଲା। ମୃତକ ୩ ଯୁବତୀଙ୍କ ମଧ୍ୟରେ ଦୁଇ ଜଣ ସମ୍ପର୍କୀୟ ଭଉଣୀ ମୋରେନା ବେର୍ଡିନ ଓ ବ୍ରେଣ୍ଡା ଡେଲ କାଷ୍ଟିଲୋ। ଏହି ଦୁଇ ଭଉଣୀଙ୍କ ବୟସ ୨୦ ବର୍ଷ। ସେହିପରି ଅନ୍ୟଜଣେ ହେଲେ ୧୫ ବର୍ଷୀୟା ଲାରା ଗୁଟିଏରେଜ। ବଏନେସ ଏରିଜ୍‌ସ୍ଥିତ ବାସଭବନ ନିକଟରୁ ଏହି ୩ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି।



### କରୁର ଦଳାଚକଟା ମାମଲା

# ବିଜୟଙ୍କ ଭୁଲ୍ ପାଇଁ ଅଘଟଣ!

ଚେନ୍ନଇ, ୨୮।୯ (ଏଜେନ୍ସି):

ରାଜନୈତିକ ଲଢ଼େଇ ପୂର୍ବରୁ ଅଭିନେତା ଥଲପତି ବିଜୟ ଆଇନ ଜାଲରେ ଫସି ଯାଇଛନ୍ତି। କରୁର ରାଲିରେ ଦଳଚକଟା ପାଇଁ ଅଭିନେତାଙ୍କୁ ଦାୟୀ କରାଯାଉଥିବାବେଳେ ତାଙ୍କ ଦଳ ଟିଭିକେ କ୍ଷମତାସୀନ ଡିଏମ୍‌କେକୁ ଦୋଷ ଦେଉଛି। ଡିଏମ୍‌କେ ନେତାଙ୍କ ଷଡ଼ଯନ୍ତ୍ର ପାଇଁ ଏହି ଅଘଟଣ ଘଟିଲା ବୋଲି କୁହାଯାଇଛି। ଆଉ କିଛି ରିପୋର୍ଟରେ ବିଜୟ ଠିକ୍ ସମୟରେ ନ ପହଞ୍ଚିବାରୁ ଦଳଚକଟା ଘଟିଥିବା ଦାବି କରାଯାଇଛି। ତେଣୁ ଏହାର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ବିଜୟଙ୍କୁ ଆଉ ରାଲି ନ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଜଣେ ପୀଡ଼ିତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ ଶନିବାର ଟିଭିକେ ମୁଖ୍ୟଙ୍କ ଦୁଇଟି ରାଲି ଥିଲା। ନମକଲରେ ସକାଳ ୮ଟା୪୫ରେ ସଭା କରିବା ପାଇଁ ତାଙ୍କୁ ଅନୁମତି ଦିଆଯାଇଥିଲା। କିନ୍ତୁ ବିଜୟ ନିର୍ଦ୍ଧାରିତ ସମୟରେ ସେଠାରେ ପହଞ୍ଚି ନ ଥିଲେ। ସେ ପ୍ରାୟ ୬ ଘଣ୍ଟା ବିଳମ୍ବରେ ଦ୍ୱିପହର ୨ଟା୪୫ରେ ଜନସଭାରେ ଯୋଗ ଦେଇଥିଲେ। କିନ୍ତୁ ଅଭିନେତାଙ୍କୁ ଦେଖିବା ପାଇଁ ଲୋକେ ସକାଳୁ ଭିଡ଼ ଜମାଇ ଥିଲେ। ଖରାରେ ଭୋକ ଉପାସରେ ଏତେ ସମୟ ଅପେକ୍ଷା କରି ଲୋକେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। କିଛି ଲୋକ ଚେତାଇ ହରାଇ ପଡିବାରେ ଲାଗିଥିଲେ। ଏଥିଯୋଗୁଁ ସ୍ଥିତି ବିଗିଡି ଯାଇଥିଲେ। ଏହା ଦେଖି କିଛି ଲୋକ ଦୌଡିବାରେ ଲାଗିଥିଲେ। ନିୟନ୍ତ୍ରଣ ହରାଇ ଅନେକ ପଡ଼ି ଯାଇଥିଲେ। ଏଥିରେ ଅନେକ ଆହତ ହୋଇଥିଲେ। ଜଣେ ମହିଳାଙ୍କ ଗୋଡ଼ ମଧ୍ୟ ଭାଙ୍ଗି ଯାଇଥିଲା। ଆୟୋଜକମାନେ ଭିଡ଼ ପରିଚାଳନା ପାଇଁ କିଛି ବ୍ୟବସ୍ଥା କରି ନ ଥିଲେ। ସେମାନଙ୍କୁ ସ୍ଥିତି ସମ୍ଭାଳିବାକୁ କହି ବିଜୟ ୩ଟା ୪୫ରେ ନମକଲରୁ ବାହାରି ଯାଇଥିଲେ। ତେବେ ସେ ଏହି ଅଘଟଣରୁ କିଛି ଶିକ୍ଷା ଗ୍ରହଣ କରି ନ ଥିଲେ। ପୁଣି ୬ ଘଣ୍ଟା ବିଳମ୍ବରେ କରୁର ରାଲିରେ ପହଞ୍ଚି ଥିଲେ। ଏଠାରେ ସନ୍ଧ୍ୟା ୭ଟା ୪୫ରେ କିଛି ଲୋକ ବିଜୟଙ୍କ ବସ୍ ଅଭିମୁଖେ ବଢ଼ିବାରୁ ଏବଂ ବିଜୟ ନିଖୋଜ ଶିଶୁକୁ ଖୋଜିବା ପାଇଁ କହିବାରୁ ଦଳାଚକଟା ଘଟିଥିଲା। ପରସ୍ପରକୁ ଧକ୍କା ଦେବାରୁ ଦୀର୍ଘ ସମୟ ହେଲା ଖରାରେ ଅପେକ୍ଷା କରି ରହିଥିବା ଅନେକ ଲୋକ ଅଚେତ ହୋଇଗଲେ। ଗରମ ଏବଂ ଭିଡ଼ ଯୋଗୁଁ ଅନେକ ନିଃଶ୍ୱାସ ନେଇପାରି ନ ଥିଲେ।



**ପୂର୍ବ ତ୍ରୁଟିରୁ ଶିକ୍ଷା ଗ୍ରହଣ କଲାନି ଟିଭିକେ**

**ଉତ୍ତମ ବ୍ୟବସ୍ଥା କରି ନ ଥିଲେ ଆୟୋଜକ**

ଅନେକ ପିଲା ମଧ୍ୟ ନିଜ ପରିବାର ସଦସ୍ୟଙ୍କଠାରୁ ଅଲଗା ହୋଇ ଯାଇଥିଲେ। ଆଉ କିଛି ଚାପି ହୋଇ ଯାଇଥିଲେ। ବିଜୟଙ୍କ ମଞ୍ଚ ନିକଟରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ କିମ୍ବା ସ୍ୱେଚ୍ଛାସେବୀ ନଥିଲେ। ଫଳସ୍ୱରୂପ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ଅନ୍ୟପକ୍ଷରେ ଲୋକଙ୍କ କ୍ରୋଧକୁ ଦେଖି ଚେନ୍ନଇ ସ୍ଥିତ ଅଭିନେତା ବିଜୟଙ୍କ ଘରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ଟିଭିକେର ସବୁ ଜିଲ୍ଲା ଅଧ୍ୟକ୍ଷଙ୍କ ସୁରକ୍ଷା ବଢ଼ାଇବା ପାଇଁ ପୁଲିସ ନିର୍ଦ୍ଦେଶ ଦେଇଛି। ଦଳାଚକଟାକୁ ନେଇ ଡିଏମ୍‌କେ ଅଭିନେତାଙ୍କୁ ସମାଲୋଚନା କରିଛି। ମାର୍ଗଦର୍ଶିକା ଉଲ୍ଲଙ୍ଘନ କରିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଇଛି। ଆୟୋଜନକାରୀ ପାଣି ଏବଂ ଖାଦ୍ୟର ବ୍ୟବସ୍ଥା କରି ନଥିଲେ। ବିଜୟଙ୍କ ସମର୍ଥକ ମଧ୍ୟ ନିୟମକୁ ଫୁ କରି ଦେଇଥିଲେ। ଲୋକେ ଚେତା ହରାଇ ପଡୁଥିବାବେଳେ ବିଜୟ ଅଭିଭାଷଣ ଦେବା ଜାରି ରଖିଥିଲେ। ଏହି ସମୟରେ ଆମ୍ବୁଲାନ୍ସକୁ ମଧ୍ୟ ଛଡ଼ା ଯାଇ ନ ଥିଲା। ତେବେ ବିଜୟଙ୍କ ଓକିଲ ସବୁ ନିୟମ ପାଳନ କରାଯାଇଥିବା କହିଛନ୍ତି। ଏହାକୁ ନେଇ ଟିଭିକେ ସାଧାରଣ ସମ୍ପାଦକ ଏନ. ଆନନ୍ଦ, ଯୁଗ୍ମ ସଚିବ ନିର୍ମଳ କୁମାର ଏବଂ କରୁର ଜିଲ୍ଲା ସଚିବ ଭିପି ମାଥିୟଝାଗନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ତାଙ୍କ ବିରୋଧରେ ଉଦ୍ଦେଶ୍ୟ ରହିତ ହତ୍ୟାକାଣ୍ଡ ଏବଂ ଅନ୍ୟାନ୍ୟ ଧାରା ଲଗାଯାଇଛି।

## 'ଟଙ୍କା ନୁହେଁ; ଭଉଣୀକୁ ଫେରାଇଦିଅ'

ଚେନ୍ନଇ, ୨୮।୯ (ଏଜେନ୍ସି): ତାମିଲନାଡୁ କରୁରରେ ଆୟୋଜିତ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ୨୨ ବର୍ଷୀୟ ବ୍ରିନ୍ଦା ପହଞ୍ଚି ଥିଲେ। ସେ ଅଭିନେତାଙ୍କ ବଡ଼ ଫ୍ୟାନ ଥିଲେ। ସେଥିପାଇଁ ୨ ବର୍ଷର ପୁଅକୁ ଭଉଣୀ ପାଖରେ ଛାଡ଼ି ଅଭିନେତାଙ୍କ ଟିକେ ଝଲକ ପାଇବା ପାଇଁ ରାଲିକୁ ଯାଇଥିଲେ। ମାତ୍ର ଏହା ତାଙ୍କ ଶେଷ ଯାତ୍ରା ପାଲଟି ଯାଇଥିଲା। ଦଳାଚକଟାରେ ତାଙ୍କ ଜୀବନ ଚାଲି ଯାଇଥିଲା। ବ୍ରିନ୍ଦାଙ୍କ ଭଉଣୀ ତାଙ୍କୁ ଶନିବାର ୪ଟାବେଳେ ଫୋନ କରିଥିଲେ। କିନ୍ତୁ ସେ କଲ୍ ଉଠାଇ ନ ଥିଲେ। ରାତି ୧୦ଟା ପରେ ତାଙ୍କ ଫୋନ ସ୍ୱିଚ୍‌ଅଫ୍ ହୋଇଯାଇଥିଲା। ତେବେ ରବିବାର ସକାଳେ ଭଉଣୀର ମୃତ୍ୟୁ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏବେ ସେ ୨୦ ଲକ୍ଷ ଟଙ୍କା ନୁହେଁ, ବରଂ ଭଉଣୀଙ୍କୁ ବିଜୟ ଫେରାଇ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏହି ଟଙ୍କା ଦ୍ୱାରା ଆମର ହୋଇଥିବା କ୍ଷତି ଭରଣା ହୋଇଯିବ ନାହିଁ। ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବାରୁ ଏଭଳି ଘଟଣା ଘଟିଲା। ଲୋକଙ୍କ ପାଇଁ ଖାଦ୍ୟ ଏବଂ ପାନୀୟର ବ୍ୟବସ୍ଥା କରାଯାଇ ନ ଥିଲା। ଖାଲି କ୍ଷତିପୂରଣ ଦେଇଦେଲେ ସବୁ କିଛିର ସମାଧାନ ହୋଇଯିବ ନାହିଁ। ଆମେ ଟଙ୍କା ନୁହେଁ, ଭଉଣୀଙ୍କୁ ଫେରି ପାଇବାକୁ ଚାହୁଁଛୁ। ଭଉଣୀକୁ ବିଜୟ ଫେରାଇ ଦେଇପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।



## ସେଲିବ୍ରିଟିଙ୍କ ସମ୍ପତ୍ତି ଜବତ କରିବ ଇଡି!

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ପାଇଁ '୧Xବେଟ୍'ର ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କିଛି ଖେଳାଳି ଏବଂ ଅଭିନେତାଙ୍କୁ ଗିରଫ କରିପାରେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କିଛି ସେଲିବ୍ରିଟି ଏହି ଆପ୍‌ର ପ୍ରଚାର ପାଇଁ ମିଳିଥିବା ଅର୍ଥରୁ ସମ୍ପତ୍ତି କ୍ରୟ କରିଛନ୍ତି। ତେଣୁ ଏହାକୁ ଅପରାଧରୁ ଆୟ କରାଯାଇଥିବା ସମ୍ପତ୍ତି ଧରାଯାଉଛି। ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ କିଛି ସେଲିବ୍ରିଟିଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ଜବତ କରିବା ଇଡି ଖୁବଶୀଘ୍ର ନିର୍ଦ୍ଦେଶ ଜାରି କରିବ। ଆଉ କିଛି ସେଲିବ୍ରିଟି ୟୁଏଇ ଭଳି ଦେଶରେ ସମ୍ପତ୍ତି କିଣିଥିବା ଜଣାପଡ଼ିଛି। କିନ୍ତୁ ଏହାର ମୂଲ୍ୟାଙ୍କନ କରାଯାଇ ନାହିଁ। ଗତ କିଛି ଦିନ ତଳେ ଇଡି ଏହି ମାମଲାରେ କ୍ରିକେଟର ଯୁବରାଜ ସିଂହ, ସୁରେଶ ରୈନା, ରବିନ ଉଥପ୍ପା, ଶିଖର ଧାୱନ, ଅଭିନେତା ସୋନୁ ସୁଦ, ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ, ଅଙ୍କୁଶ ହାଜରାଙ୍କ ସମେତ କିଛି ଇନ୍‌ଫ୍ଲୁଏନ୍ସରଙ୍କୁ ଜେରା କରିଥିଲା।



## ମଦ ପାଇଁ ମା'କୁ ହତ୍ୟା କଲା ପୁଅ

ସାହାରନପୁର, ୨୮।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ୍ୟପାନ କରିବାକୁ ପଇସା ନ ଦେବାରୁ ଜଣେ ମା'ଙ୍କୁ ତାଙ୍କ ପୁଅ ଅତି ନୃଶଂସ ଭାବେ ହତ୍ୟା କରିଛି। ରବିବାର ପୁଲସ ଏ ନେଇ ସୂଚନା ଦେଇଛି। ନାଗରକୋଟୱାଲି ଥାନାର ନୀର୍ଭୟପୁରମ କଲୋନୀରେ ଶନିବାର ରାତିରେ ଏହି ଘଟଣା ଘଟିଥିଲା। ୫୫ ବର୍ଷୀୟ ଆଶାଦେବୀଙ୍କୁ ତାଙ୍କ ପୁଅ ଅକ୍ଷୟ ମଦ ପିଇବା ପାଇଁ ପଇସା ମାଗିଥିଲେ। କିନ୍ତୁ ପାଖରେ ପଇସା ନଥିବାରୁ ଆଶାଦେବୀ ଟଙ୍କା ଦେବାକୁ ମନା କରିଥିଲେ। ମାତ୍ର ପୁଅ ସୁନା ଗହଣା ବିକିଦେବାକୁ କହିଥିଲେ। ଏହାକୁ ବି ଏଡାଇ ଦେବାରୁ ଉତ୍‌କ୍ଷିପ୍ତ ହୋଇ ଅକ୍ଷୟ ମାଙ୍କୁ ମାଡ଼ ମାରିବା ସହ ତାଙ୍କ ମୁଣ୍ଡକୁ କାନ୍ଥରେ ପିଟି ପିଟି ହତ୍ୟା କରିଥିଲା।

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୨୮।୯ (ଏଜେନ୍ସି): ଜମ୍ମୁ-କଶ୍ମୀର କୁପୱାରା ଜିଲ୍ଲାରେ କେରନ ସେକ୍ଟରରେ ଭାରତୀୟ ସେନା ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଆତଙ୍କବାଦୀ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ଦେଇ ଭାରତ ସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଦୁଇଜଣଙ୍କ ମୃତଦେହ ଏଲ୍‌ଓସିର ନିକଟରେ ପଡିଛି। ସୀମା ସେପଟୁ ଗୁଳିମାଡ଼ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଦୁଇ ନିହତ ଆତଙ୍କାବାଦୀଙ୍କୁ ବାହର କରିବା ପାଇଁ ସେନା ଚେଷ୍ଟିତ ରହିଛି। ମୃତ ଆତଙ୍କବାଦୀଙ୍କ ପରିଚୟ ଓ ସେମାନେ କେଉଁ ସଂଗଠନର ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ।

## ଦେଶ ଛାଡ଼ିବେନି ଓଲି

କାଠମାଣ୍ଡୁ,୨୮।୯ (ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ସମେତ ୫ ଜଣ ନେତା ଏବଂ ଅଧିକାରୀଙ୍କ କାଠମାଣ୍ଡୁ ଛାଡି ବାହାରକୁ ଯିବା ଉପରେ କଟକଣା ଲଗାଇ ଦିଆଯାଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଗୌରୀ ବାହାଦୂର କାର୍କିଙ୍କ ଅଧ୍ୟକ୍ଷତାରେ ଗଠିତ ନ୍ୟାୟିକ କମିଟି ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଓଲିଙ୍କୁ ବାଦ୍ ଦେଲେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକ, ଗୃହ ସଚିବ ଗୋକର୍ଣ୍ଣ ମାଣି ଦୁବାଡି, ଅଭ୍ୟନ୍ତରୀଣ ଗୁଇନ୍ଦା ବିଭାଗ ମୁଖ୍ୟ ହୁତ ରାଜ ଥାପ୍ପା ଓ କାଠମାଣ୍ଡୁର ତତ୍‌କାଳୀନ ଜିଲ୍ଲା ଅଧିକାରୀ ଛବି ରିଜାଲଙ୍କୁ ରାଜଧାନୀ ଛାଡି ନଯିବାକୁ ନିର୍ଦ୍ଦେଶ ହୋଇଛି। ଏହି କମିଟି ଜେନ୍- ଜେଡ୍ ଆନ୍ଦୋଳନ ଅବସରରେ ହୋଇଥିବା ଗୁଳିକାଣ୍ଡ ଘଟଣାର ଯାଞ୍ଚ କରୁଛି। କେବଳ ସେତିକି ନୁହଁ ଏମାନଙ୍କ ପାସପୋର୍ଟ ନୀଳମ୍ବନ କରିବାକୁ ଓ ଏମାନଙ୍କ ଉପରେ କଡ଼ା ନଜର ରଖିବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅବଶ୍ୟ ଓଲି ପୂର୍ବରୁ ଦେଶ ଛାଡି ବାହରକୁ ଯିବିନାହିଁ ବୋଲି କହିଥିଲେ।

### ଛାତ୍ରୀଙ୍କ ଯୌନ ଶୋଷଣ ମାମଲା

## ଚୈତନ୍ୟାନନ୍ଦ ଆଗ୍ରାରୁ ଗିରଫ

ନୂଆଦିଲ୍ଲୀ,୨୮।୯ (ଏଜେନ୍ସି): ଯୌନ ଶୋଷଣ ମାମଲାରେ ଦିଲ୍ଲୀ ବସନ୍ତକୁଞ୍ଜ ସ୍ଥିତ ଶ୍ରୀ ସାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥସାରଥୀ ଶେଷରେ ଗିରଫ ହୋଇଛନ୍ତି। ଦିଲ୍ଲୀ ପୁଲିସ ଶନିବାର ରାତିରେ ତାଙ୍କୁ ଆଗ୍ରାର ଏକ ହୋଟେଲରୁ ଗିରଫ କରିଛି। ସେ ନିଜ ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଙ୍କୁ ଯୌନ ଶୋଷଣ କରିଥିବା ଗମ୍ଭୀର ଅଭିଯୋଗ ହୋଇଥିଲା। ମେଡିକାଲ ଯାଞ୍ଚ ପାଇଁ ପୁଲିସ ତାଙ୍କୁ ସଫଦରଗଞ୍ଜ ହସ୍ପିଟାଲ ନେଇଥିଲା। ଏହାପରେ ତାଙ୍କୁ ପଟିଆଲ ହାଉସ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୫ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି।

ଏହି ଅଭିଯୋଗ ପରେ ଚୈତନ୍ୟାନନ୍ଦ ଫେରାର ହୋଇ ଯାଇଥିଲେ। ତାଙ୍କର ଶେଷ ଲୋକେସନ ଆଗ୍ରାରେ ମିଳିଥିଲା। ଦିଲ୍ଲୀ ପୁଲିସର କିଛି ଟିମ୍ କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା ଓ ଶେଷରେ ତାଙ୍କୁ ଠାବ କରିବାରେ ସଫଳ ହୋଇଥିଲେ। ତାଙ୍କୁ ଏବେ ବସନ୍ତକୁଞ୍ଜ ଥାନା ଅଣାଯାଇ ପଚରା ଉଚରା କରାଯାଉଛି। ତାଙ୍କଠାରୁ ଦୁଇଟି ନକଲି ଭିଜିଟିଂ କାର୍ଡ ପୁଲିସ ଜବତ କରିଛି। ଗୋଟିଏ କାର୍ଡରେ ତାଙ୍କୁ ଜାତିସଂଘର ସ୍ଥାୟୀ ରାଷ୍ଟ୍ରଦୂତ ଏବଂ ଅନ୍ୟଟିରେ ବ୍ରିକ୍ସ ଜଏଣ୍ଟ କମିଶନ ଓ ଭାରତର ସ୍ୱତନ୍ତ୍ର ଦୂତ ଭାବେ ଦର୍ଶାଯାଇଛି। ସେ ଶନିବାର ଅପରାହ୍ଣ ୪ଟାରେ ଗିରଫ୍ ହୋଇଥିବା ହୋଟେଲରେ ପହଞ୍ଚିଥିଲେ ବୋଲି ରେସିପିଓସନିଷ୍ଟ କହିଛନ୍ତି। ସେ ହୋଟେଲରେ ଥିବା ବେଳେ ତାଙ୍କୁ କେହି ଭେଟିବାକୁ ଆସି ନ ଥିଲେ। ନାଇଟ୍ ସିଫ୍ଟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ତାଙ୍କର ଏଣ୍ଟ୍ରି କରାଇ ଥିଲେ। ରାତିରେ ପାଖାପାଖି ୩.୩୦ରେ ଦୁଇଜଣ ପୁଲିସ କର୍ମୀ ନିଜକୁ ଦିଲ୍ଲୀ କ୍ରାଇମ ବ୍ରାଞ୍ଚର ଇନିସପେକ୍ଟର ଭାବେ ପରିଚୟ ଦେଇ ତାଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ୧୦ ମିନିଟ କଥା ହେବା ପରେ ଦୁହିଁ ଚୈତନ୍ୟାନନ୍ଦଙ୍କୁ ନେଇ ଯାଇଥିଲେ।

ଆର୍ଥିକ ଭାବେ ଦୁର୍ବଳ ଥିବା ଛାତ୍ରୀଙ୍କୁ ସେ ନିଶାଣ କରୁଥିଲେ। ଗର୍ଲ୍ସ ହଷ୍ଟେଲରେ ସିକ୍ରେଟ କ୍ୟାମେରା ଲଗାଇବା, ବିଳମ୍ବିତ ରାତିରେ ଛାତ୍ରୀଙ୍କୁ ରୁମ୍ ଡକାଇବା, ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ମେସେଜ ଦେବା ଭଳି ହୀନ କାର୍ଯ୍ୟ କରୁଥିଲେ। ବିଦେଶ ବୁଲାଇବା ଏବଂ ଅଧିକ ମାର୍କ ଦେବାକୁ କହି ସେ ଛାତ୍ରୀଙ୍କ ନିଜ ଜାଲରେ ଫସାଉ ଥିଲେ। ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ କରିଥିଲେ। ଛାତ୍ରୀଙ୍କୁ ନିଜ ରୁମ୍‌କୁ ଡକାଇ କମ୍ ଗ୍ରେଡ ଦେବା କହି ଚୈତନ୍ୟାନନ୍ଦ ବ୍ଲାକମେଲ୍ କରୁଥିଲେ। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା। ୬୨ ବର୍ଷୀୟ ଏହି ବାବା ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ନୀଚ କାମ କରିଥିଲେ। ସେ ଚିକାଗୋ ବିଶ୍ୱ ବିଦ୍ୟାଳୟରୁ ଏମ୍‌ବିଏ ଓ ପିଏଚ୍‌ଡି କରିଥିଲେ। ସେ ଏକାଧାରରେ ଦାର୍ଶନିକ, ଲେଖକ ଓ ଅଧ୍ୟାପକ ଥିଲେ। ୨୮ଟି ବହି ସହ ସେ ୧୪୩ଟି ରିସର୍ଚ୍ଚ ପେପର ମଧ୍ୟ ଲେଖିଛନ୍ତି।



## ୟେମେନ୍‌ରେ ଏଲ୍‌ପିଜି ଟ୍ୟାଙ୍କର ଉପରେ ଇସ୍ରାଏଲ ଆକ୍ରମଣ

ସନ୍ନା,୨୮।୯ (ଏଜେନ୍ସି): ୟେମେନରେ ଏକ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଟ୍ୟାଙ୍କର ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରୀ ମୋହସିନ ନକ୍‌ବୀ ସୂଚନା ଦେଇଛନ୍ତି। ଗତ ୧୭ ତାରିଖରେ ୟେମେନର ରାସ୍ ଅଲ-ଇସା ବନ୍ଦରରେ ଥିବା ଏହି ଟ୍ୟାଙ୍କର ଉପରେ ଇସ୍ରାଏଲ ଡ୍ରୋନ ଆକ୍ରମଣ କରିଥିଲା। ଏହି ବନ୍ଦର ହୁତୀ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଛି। ଏହି ଟ୍ୟାଙ୍କର ଇରାନର ଆବାସ ବନ୍ଦରରୁ ଆସୁଥିଲା। ଏଥିରେ ୨୭ ଜଣିଆ ଚାଳକ ଦଳ ଥିଲା। ଏମାନଙ୍କ ମଧ୍ୟରେ ୨୪ଜଣ ପାକିସ୍ତାନୀ, ୨ ସିଂହଳୀ ଓ ଜଣେ ନେପାଳୀ ନାଗରିକ ଥିଲେ।

ମୁକ୍ତା ଆକବର ଟ୍ୟାଙ୍କରର କ୍ୟାପ୍ଟେନ ଭାବେ ଦାୟିତ୍ୱରେ ଥିଲେ। ଡ୍ରୋନ ଆକ୍ରମଣ ଯୋଗୁଁ ଏଲ୍‌ପିଜି ଟ୍ୟାଙ୍କରରେ ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଥିଲା। ତେବେ ଚାଳକ ଦଳ ତୁରନ୍ତ ନିଆଁକୁ ଲିଭାଇବାରେ ସଫଳ ହୋଇଥିଲେ ବୋଲି ନକ୍‌ବୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାପରେ ହୁତୀ ବିଦ୍ରୋହୀଙ୍କ ନୌକା ଟ୍ୟାଙ୍କରକୁ ଘେରି ଯାଇଥିଲା। ଏହି ଆତଙ୍କବାଦୀ ଚାଳକ ଦଳକୁ ଜାହାଜରେ ବନ୍ଦୀ କରି ରଖିଥିଲା। ୧୦ ଦିନ ପରେ ଏହାକୁ ଛାଡ଼ି ଦେଇଥିଲେ। ଏବେ ଏହି ଟ୍ୟାଙ୍କର ୟେମେନର ଅଞ୍ଚଳରୁ ବାହରକୁ ଆସିଛି। ଟ୍ୟାଙ୍କର ସବୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଇସ୍ରାଏଲ ପୂର୍ବରୁ ୟେମେନର କଣ୍ଟ୍ରୋଲ ହେଡକ୍ୱାର୍ଟର ଉପରେ ଆକ୍ରମଣ କରିଥିଲା।




## ଜୁବିନଙ୍କ ମ୍ୟାନେଜର, ଆୟୋଜକଙ୍କ ବିରୋଧରେ ଅଭିଯୋଗ

ନୂଆଦିଲ୍ଲୀ,୨୮।୯ (ଏଜେନ୍ସି): ବଲିଉଡ୍ ତଥା ଆସାମ ତାରକା ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ଲୋକେ ତଦନ୍ତ ଦାବି କରିଛନ୍ତି। ଜୁବିନଙ୍କ ମ୍ୟାନେଜର ସିର୍ଦ୍ଧାର୍ଥ ଶର୍ମା ଓ ନର୍ଥ- ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ଆୟୋଜକ ଶ୍ୟାମକାନୁ ମହନ୍ତଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଆସାମ କ୍ରିମିନାଲ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି)ରେ ଅନ୍‌ଲାଇନ୍‌ରେ ଏହି ଅଭିଯୋଗ ଦାଖଲ କରାଯାଇଛି। ଜୁବିନଙ୍କ ପତ୍ନୀ ଗାରିମା ଗର୍ଗ, ଭାଉଜ ପମି ବୋରଠାକୁର ଓ ଦାଦା ମନୋଜ ବୋରଠାକୁର ଏହି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ସିଦ୍ଧାର୍ଥ ଓ ଶ୍ୟାମକାନୁଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଯାଞ୍ଚ୍ ଭଲ ଭାବେ ହେଉ ଓ ପୂରା ଟିମ୍ ଯାଞ୍ଚର ପରିସରରେ ରହୁ। ସତ କଣ ସାମ୍ନାକୁ ଆସୁ। ଯିଏ ବି ଦୋଷୀ ତାଙ୍କୁ ଛଡ଼ା ନ ଯାଉ ବୋଲି ସେ କହିଛନ୍ତି। ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ଦୁର୍ଘଟଣା ସମ୍ମୁଖୀନ ହୋଇ ଜୁବିନ ମୃତ୍ୟୁବରଣ କରିଥିଲେ। ୫୨ ବର୍ଷୀୟ ଜୁବିନ ତାଙ୍କ କ୍ୟାରିଅରରେ ୪୦ଟି ଭାଷାରେ ମୋଟ ୩୮,୦୦୦ ଗୀତ ଗାଇଥିଲେ



### ଟଙ୍କା ପାଇଁ ବିବାହରେ ଫାଟ

# ଛାଡ଼ପତ୍ର ପାଇଁ ୪୨% ପୁରୁଷ ନେଇଛନ୍ତି ଋଣ

ମୁମ୍ବଇ, ୨୮।୯ (ଏଜେନ୍ସି):

ଭାରତରେ ଦାମ୍ପତ୍ୟ ଜୀବନ କଳହପୂର୍ଣ୍ଣ ହେବାରେ ଲାଗିଛି। ଏଥିଯୋଗୁଁ ଦିନକୁ ଦିନ ଛାଡ଼ପତ୍ର ମାମଲା ବଢ଼ି ଚାଲିଛି। ଏହା କାରଣ ଜାଣିବା ଏକ ଆର୍ଥିକ ପରାମର୍ଶଦାତା କମ୍ପାନୀ କରିଥିବା ସର୍ଭେରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏଥିରୁ ଜଣାପଡ଼ିଛି ଯେ ବିବାହ ପରେ ୪୨ ପ୍ରତିଶତ ପୁରୁଷ ଛାଡ଼ପତ୍ର ସମ୍ବନ୍ଧିତ ଖର୍ଚ୍ଚ ପାଇଁ ଋଣ ନେଇଛନ୍ତି। ସେହିପରି ୪୬ ପ୍ରତିଶତ ମହିଳା କାମ କରିବା ଛାଡ଼ି ଦେଇଥିଲେ କିମ୍ବା ହ୍ରାସ କରିଥିଲେ। 'ୱାନ ଫାଇନାନ୍ସ ଆଡଭାଇଜର କମ୍ପାନୀ'ର ସର୍ଭେରୁ ଏହା ଜଣାପଡିଛି। ଏଥିରେ ଟିୟର-୧ ଏବଂ ଟିୟର-୨ ସହରର ଛାଡ଼ପତ୍ର ନେଇଥିବା କିମ୍ବା ଆବେଦନ କରିଥିବା ୧୨୫୮ ଦମ୍ପତିଙ୍କ ରାୟ ନିଆଯାଇଥିଲା।



ସର୍ଭେରେ କୁହାଯାଇଛି ଯେ ଭରଣପୋଷଣ ଖର୍ଚ୍ଚ ଦେବା ପରେ ୨୯ ପ୍ରତିଶତ ପୁରୁଷଙ୍କ ଆୟ ନକରାତ୍ମକ ସ୍ଥିତିକୁ ଚାଲି ଯାଇଥିଲା। ଆୟର ୩୮ ପ୍ରତିଶତ ଅଂଶ ଭରଣପୋଷଣ ଦେବାରେ ଖର୍ଚ୍ଚ ହୋଇଥିଲା। ଛାଡ଼ପତ୍ର ସମ୍ବନ୍ଧିତ ଖର୍ଚ୍ଚରେ ୧୯ ପ୍ରତିଶତ ମହିଳା ୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରିଥିଲେ। ସେହିପରି ୪୯ ପ୍ରତିଶତ ପୁରୁଷ ମଧ୍ୟ ଏତେ ଟଙ୍କା ଖର୍ଚ୍ଚ କରିଥିଲେ।

**ଟଙ୍କାକୁ ନେଇ ଝଗଡ଼ା ହୋଇଥିବା ମାନିଛନ୍ତି ୬୭%**

ବିବାହ ପରେ ଟଙ୍କାକୁ ନେଇ ବିବାଦ ହେଉଥିଲା ବୋଲି ୬୭ ପ୍ରତିଶତ ଲୋକ କହିଥିଲେ। ଆର୍ଥିକ ବିବାଦ ଏବଂ ଅସମାନତା ଯୋଗୁଁ ଛାଡ଼ପତ୍ର ହୋଇଥିବା ୪୩ ପ୍ରତିଶତ ସ୍ୱୀକାର କରିଥିଲେ। ବିବାହ ସମୟରେ ୫୬ ପ୍ରତିଶତ ମହିଳା ନିଜ ସ୍ୱାମୀଙ୍କଠାରୁ କମ୍ ଆୟ କରୁଥିଲେ। କେବଳ ୨ ପ୍ରତିଶତ ମହିଳା ସ୍ୱାମୀଙ୍କଠାରୁ ଅଧିକ ଦରମା ପାଉଥିଲେ।

ୱାନ ଫାଇନାନ୍ସର ସହ ପ୍ରତିଷ୍ଠାତା ତଥା ସିଇଓ କେଭଲ ଭାନଶାଲୀ କହିଛନ୍ତି ଯେ ଟଙ୍କା ହିଁ ଛାଡ଼ପତ୍ରର ମୁଖ୍ୟ କାରଣ ପାଲଟି ଯାଇଛି। ଅନ୍ୟଠାରୁ କମ୍ ଅର୍ଥ ଆୟ କରୁଥିବାର ଭାବନାରୁ ବିବାଦ ସୃଷ୍ଟି ହୋଇଥାଏ। ଏହା ଦାମ୍ପତ୍ୟ ଜୀବନକୁ ଛାରଖାର କରିଦିଏ। ତେଣୁ ବିବାହ ପାଇଁ ଭାବପ୍ରବଣତା ସହିତ ଆର୍ଥିକ ଭାବେ ମଜବୁତ ହେବା ମଧ୍ୟ ଜରୁରୀ। ବିଶେଷଜ୍ଞଙ୍କ ଅନୁଯାୟୀ ବିବାହ ପୂର୍ବରୁ ଟଙ୍କାକୁ ନେଇ ଖୋଲାଖୋଲି ଭାବେ ଆଲୋଚନା କରିବା ଉଚିତ। ବର୍ତ୍ତମାନର ଋଣ, ଭବିଷ୍ୟତର ସଞ୍ଚୟ, ଉଭୟଙ୍କ ମାତାପିତାଙ୍କ ଦାୟିତ୍ୱ, ଆୟରେ ଅନିଶ୍ଚିତତା ଏବଂ ଜୀବନଶୈଳୀକୁ ନେଇ ଥିବା ଆଶା ବିଷୟରେ ପୂର୍ବରୁ ଆଲୋଚନା କରିବା ଜରୁରୀ। ଏହା ଦ୍ୱାରା ସମ୍ବନ୍ଧରେ ସ୍ଥିରତା ଆସିବ ଏବଂ ବିବାଦରୁ ଦୂରେଇ ରହିହେବ।

## ନବରାତ୍ରୀରେ ଗ୍ରହମାନଙ୍କ ଅଦ୍ଭୁତ ସଂଯୋଗ

# ଗଜବାହନରେ ଆସିଲେ ମା'



ଭୁବନେଶ୍ୱର,୨୮।୯(ସମିସ): ଶାରଦୀୟ ପୂଜାରେ ଧରାବତରଣ କରଛନ୍ତି ଜଗତଜନନୀ ମା' ଦୁର୍ଗା। ମା'ଙ୍କ ନବରାତ୍ରି ପୂଜା ଆରମ୍ଭ ହୋଇଯାଇଛି। ହିନ୍ଦୁ ଧର୍ମରେ ନବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ପ୍ରତିବର୍ଷ ଆଶ୍ୱିନ ମାସରେ ପାଳିତ ହେଉଥିବା ଶାରଦୀୟ ନବରାତ୍ରିରେ ମହିଷାମର୍ଦ୍ଦିନୀ ମା' ଦୁର୍ଗା ଓ ତାଙ୍କର ୯ ରୂପର ପୂଜାର୍ଚ୍ଚନା ହୋଇଥାଏ। ଏଥର ନବରାତ୍ରି ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇଛି ଓ ଅକ୍ଟୋବର ୨ ତାରିଖରେ ଦଶହରାରେ ଏହା ଶେଷ ହେବ। ତେବେ ଚତୁର୍ଥୀ ତିଥି ବୃଦ୍ଧି ହେତୁ ଚଳିତବର୍ଷ ନବରାତ୍ରୀ ଦଶଦିନ ପାଳନ ହେଉଛି ଓ ମା' ଦୁର୍ଗା ଗଜ ଅର୍ଥାତ୍ ହାତୀ ବାହନରେ ଧରାବତରଣ କରିଛନ୍ତି।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ହାତୀ ଉପରେ ବିରଜମାନ କରି ଧରାପୃଷ୍ଠକୁ ଦେବୀଙ୍କ ଆଗମନ ସୁଖ ଓ ସମୃଦ୍ଧି ଆଣିବ। ଅନ୍ୟପକ୍ଷରେ କିଛି ଜ୍ୟୋତିଷଙ୍କ ଆକଳନ ଚଳିତ ବର୍ଷ ୨୦୨୫ ସାଂଖ୍ୟିକ ଅନୁସାରେ ମଙ୍ଗଳଙ୍କ ବର୍ଷ । ଯେଉଁଠାରେ ୨୦୨୫ ସଂଖ୍ୟାକୁ ମିଶାଇଲେ ୯ ହୋଇଥାଏ। ମଙ୍ଗଳ ଯୁଦ୍ଧକାରକ ଓ ଏହା ଶକ୍ତି, ସାହସ ଏବଂ ପରିବର୍ତ୍ତନର ପ୍ରତୀକ । ସେହିପରି ଚଳିତ ବର୍ଷ ରାଶି ଉପରେ ଶନିଙ୍କ ଗତି ପଶ୍ଚାତଭିମୁଖୀ ବା ବକ୍ରୀ ରହିଛି। ଶନିଙ୍କୁ କର୍ମର ଦାତା ବୋଲି ବିବେଚନା କରାଯାଏ ଏବଂ ଏହାର ପଛକୁ ଗତି ସମସ୍ତ ରାଶି ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇବ। କେବଳ ସେତିକି ନୁହଁ ବୃହସ୍ପତି ମଧ୍ୟ ପଛକୁ ଚଳନ କରିସାରିଛନ୍ତି। ଯାହାର ଅର୍ଥ ହେଉଛି ଯେତେବେଳେ ବୃହସ୍ପତି ପଛକୁ ଯାଆନ୍ତି ଏହା ଜଣେ ବ୍ୟକ୍ତିଙ୍କ ଜୀବନରେ ବିଳମ୍ବ, ବାଧା କିମ୍ବା ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ହେଲେ ସବୁଠୁ ବଡ କଥା ହେଲା ଏହି ସବୁ ସଂକେତ ମିଶିଗଲେ ଯୁଦ୍ଧର ସୂଚନା ଦେଇଥାଏ ବୋଲି କିଛି ଜ୍ୟୋତିଷ ମତ ଦେଇଛନ୍ତି। ଏକ ପକ୍ଷରେ ଗଜବାହନରେ ମା'ଙ୍କ ଆଗମନ ସୁଖ ସମୃଦ୍ଧି ଆଣିଥିବାବେଳେ ଶନିଙ୍କ ବକ୍ରୀ ଗତି ଓ ମଙ୍ଗଳଙ୍କ ବର୍ଷ ଯୁଦ୍ଧ ଓ ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ଜ୍ୟୋତିଷମାନେ ଆକଳନ କରିଛନ୍ତି।













## ବାପ-ଝିଅଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

ଅନୁଗୋଳ,୨୮।୯(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଯାଉଥିବା ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ରିଙ୍କି ସାହୁଙ୍କୁ ଆଠମଲ୍ଲିକ ଥାନା ଯଦପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଭୁ ସାହୁ, ଜିତେନ୍ଦ୍ର ସାହୁ ପେଟ୍ରୋଲ ପକାଇ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଶନିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବି ଓ ରିଙ୍କି ଘରକୁ ଯାଉଥିବା ବେଳେ ୩ ଅଭିଯୁକ୍ତ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ପରେ ଠେଙ୍ଗାରେ ଆକ୍ରମଣ କରି ରିଙ୍କିଙ୍କ ସୁନା କାନଫୁଲ ନେଇଯାଇଥିଲେ। ରିଙ୍କି ଓ ରବି ପ୍ରତିବାଦ କରିବାରୁ ସେମାନଙ୍କୁ ପେଟ୍ରୋଲ ପକାଇ ନିଆଁ ଲଗାଇଦେବାକୁ ଉଦ୍ୟମ କରିଥିଲେ। ତେବେ ବାପ-ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଉଭୟ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବା ପରେ ରବି ଥାନାରେ ଅଭିଯୋଗ କରିଛନ୍ତି।

## ରାଜ୍ୟ ବିଜେପି ସରକାର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବିଜେଡି

# ଗାନ୍ଧୀ ଜୟନ୍ତୀରୁ ସଂକଳ୍ପ, ଗୋପବନ୍ଧୁ ଜୟନ୍ତୀରୁ ଜନ ସଂପର୍କ ପଦଯାତ୍ରା

- ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଅସୁରକ୍ଷିତ
- ମଦମୁକ୍ତ ଓଡ଼ିଶା ଗଠନ ନାରା ପ୍ରହସନରେ ପରିଣତ
- ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ଚୋରି କରିଛନ୍ତି ସରକାର

ଭୁବନେଶ୍ୱର,୨୮।୯(ସମିସ): ଆସନ୍ତା ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଓ ସାର୍ବଜନୀନ ଦଶହରା ପଡୁଥିବାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ବିଜୁ ଜନତା ଦଳ ଜନ ସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନେବ। ଏହାପରେ ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ପଦଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ ସହ ଗତ ୧୫ ମାସର ବିଜେପି ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ପବିତ୍ର ଗାନ୍ଧୀ ଜୟନ୍ତୀରେ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ସଙ୍କଳ୍ପ ନିଆଯିବ। ଏହାପରେ ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ସମୟରେ ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରାଯିବ।





ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। ହେଲେ ଗତ ୧୫ ମାସର ବିଜେପି ସରକାରଙ୍କ କାର୍ଯ୍ୟକଳାପ ଦେଖି ରାଜ୍ୟବାସୀ ଅତିଷ୍ଠ ହେଲେଣି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟରେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ କରାଯାଇଥିବା ବିଏସ୍‌କେୱାଇ ବହୁତ ଉପକାରୀ ହୋଇଥିଲା ବେଳେ ବିଜେପି ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନା ଆସିବା ପରେ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ମଦମୁକ୍ତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ୭୦ଟି ନୂଆ ମଦ ଦୋକାନ ଓ ଦୁଇଟି ମଦ କାରଖାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସାର ଅଭାବରୁ ରାଜ୍ୟର ଚାଷୀ ଆଜି ରାଜରାସ୍ତାରେ ଛିଡ଼ା ହୋଇଛନ୍ତି। ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରି ସରକାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କୁ ପଦଯାତ୍ରା ମାଧ୍ୟମରେ ଘେରିବ ବୋଲି ସେ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ମା'-ଝିଅ ମୃତ

ତୁରୁମୁଙ୍ଗା, ୨୮।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'-ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୩୮) ଏବଂ ତାଙ୍କ ଶାଶୂ ତୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣି ନାୟକ(୭୧)। ଯାତ୍ରୀଙ୍କ ଘରକୁ ବୁଲି ଆସିଥିଲେ ଫୁଲମଣି। ଶୁକ୍ରବାର ରାତିରେ ଖାଇ ସାରି ମା'-ଝିଅ ଘର ଚଟାଣରେ ଶୋଇଥିବା ବେଳେ ଏକ ଚିତିସାପ ଦୁହିଁଙ୍କୁ କାମୁଡ଼ି ଦେଇଥିଲା। କିନ୍ତୁ, ଫୁଲମଣି ଏ ସଂପର୍କରେ ଜାଣି ପାରିନଥିଲେ। ପରିବାରଲୋକ କେବଳ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ସେମାନେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆ ନିକଟକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଠାକୁରମୁଣ୍ଡା, ଘଷିପୁରା ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘସିପୁରା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଫୁଲମଣିଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ି ନଥିବାରୁ କିଛି ସମୟ ପରେ ଘରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁଇଦିନ ଧରି ଫୁଲମଣିଙ୍କ ମୃତଦେହ ଘର ଭିତରେ ପଡ଼ି ରହିଥିବା ବେଳେ ରବିବାର ସକାଳୁ କାଶୀପୁର ଗ୍ରାମକୁ ଅଣାଯାଇଥିଲା। ତାଙ୍କର ଶବକୁ ବ୍ୟବଚ୍ଛେଦ ନକରି ପରିବାର ଲୋକେ ମଶାଣିରେ ପୋତି ଦେଇଥିଲେ।





## ମାଲ୍ ପରିବହନରେ ପାରାଦୀପ ବନ୍ଦରର ରେକର୍ଡ

ଭୁବନେଶ୍ୱର, ୨୮।୯(ସମିସ): ପାରାଦୀପ ବନ୍ଦର ଐତିହାସିକ ସଫଳତା ହାସଲ କରିଛି। ଚଳିତ ଆର୍ଥିକ ବର୍ଷରେ ବନ୍ଦର ୭୫ ନିୟୁତ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) ମାଲ ପରିବହନ କରିବାରେ ମାଇଲରେକର୍ଡ କରିଛି ବୋଲି ବନ୍ଦର କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ରେକର୍ଡ ସମୟ ମଧ୍ୟରେ ବନ୍ଦର ଏହି ମାଇଲ ଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଏଥର ବନ୍ଦର ପରିବହନ କ୍ଷେତ୍ରରେ ୫.୦୩ ପ୍ରତିଶତ ବୃଦ୍ଧି ହୋଇଛି। ଗତବର୍ଷ ତୁଳନାରେ ୧୦ ଦିନ ପୂର୍ବରୁ ପାରଦୀପ ବନ୍ଦର ଏହି ସଫଳତା ହାସଲ କରିଛି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ)ର ମଜବୁତ ରଣନୀତି ଓ ସମର୍ପିତ ପ୍ରୟାସ ସହିତ ହିତଧାରକଙ୍କ ନିରନ୍ତର ସମର୍ଥନ ଓ ସହଯୋଗ କାରଣରୁ ଏହା ସମ୍ଭବ ହୋଇପାରିଛି। ଅଶୋଧିତ ତୈଳ ଆମଦାନୀ ଏଥର ୧୭.୨୨ ମିଲିଅନ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଗତବର୍ଷ ତୁଳନାରେ ଏହା ୧୯.୩୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଉପକୂଳ ତାପମାନ କୋଇଲା ଲୋଡିଂ ୨୨.୫୧ ଏମ୍‌ଏମଟିରେ ପହଞ୍ଚିଛି ଓ ଏଥିରେ ୪.୩ ପ୍ରତିଶତ ସାମଗ୍ରିକ ବୃଦ୍ଧି ଘଟିଛି। ସେହିପରି ଫ୍ଲକ୍ସ ମ୍ୟାଟେରିଆଲ ପରିମାଣ ୨.୯୭ ଏମଏମ୍‌ଟିରେ ପହଞ୍ଚିଛି। ଏଥିରେ ମୋଟ ୧୯ ପ୍ରତିଶତ ବୃଦ୍ଧି ହୋଇଛି। ପିପିଏ ଅଧ୍ୟକ୍ଷ ପିଏଲ୍ ହରନାଦ ଏଥିପାଇଁ କେନ୍ଦ୍ର ସରକାରଙ୍କ ବନ୍ଦର, ପୋତ ଓ ପରିବହନ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ବହୁମୂଲ୍ୟ ମାର୍ଗଦର୍ଶନ, ନେତୃତ୍ୱ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ସେ ବନ୍ଦରର ସବୁ ଅଧିକାରୀ, କର୍ମଚାରୀ, ଉପଯୋଗକର୍ତ୍ତା ଉଦ୍ୟୋଗ, ଷ୍ଟିମର ଏଜେଣ୍ଟ, ଟ୍ରେଡ ୟୁନିୟନ ଓ ପିପିପି ଅପରେଟର ଓ ସେମାନଙ୍କ ନିରନ୍ତର ବିଶ୍ୱାସ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।

## ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଓ ଟିଆଇଏସ୍‌ଏସ୍ ମଧ୍ୟରେ ବୁଝାମଣା

# 'ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ପାଇଁ ମାର୍ଗ ଦେଖାଇବ'

ଭୁବନେଶ୍ୱର,୨୮।୯(ସମିସ): ଭୁବନେଶ୍ୱରସ୍ଥିତ ଓଡ଼ିଶା ରିସର୍ଚ୍ଚ ସେଣ୍ଟର(ଓଆର୍‌ଏସ୍) ଏବଂ ମୁମ୍ବାଇସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ(ଟିଆଇଏସ୍‌ଏସ୍) ମଧ୍ୟରେ ସାମାଜିକ ଗବେଷଣାକୁ ମିଳିତ ଭାବେ ପ୍ରୋତ୍ସାହିତ କରିବ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢିର ଗବେଷଣାକୁ ଆଗକୁ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ। କୌଣସି ଜାତିର ଉଜ୍ଜ୍ୱଳ ଭବିଷ୍ୟତ ଦେଖିବା ପାଇଁ ତା'ର ଇତିହାସକୁ ମନେ ରଖିବାକୁ ହେବ। କଳିଙ୍ଗ ଯୁଦ୍ଧରେ ଓଡ଼ିଶାର ବିରତ୍ୱ ରହିଛି। ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିରର ପରି ନିର୍ମାଣ ଶୈଳୀ ଆମ ଓଡ଼ିଆ ଜାତିର ବୈଜ୍ଞାନିକ ଚିନ୍ତାଧାରା ଓ ସାମାଜିକ ବ୍ୟବସ୍ଥାର ପ୍ରତିଫଳିତ କରୁଛି। ଓଡ଼ିଆ ଭାଷା ସାହିତ୍ୟର ମଧ୍ୟ ସୁଦୀର୍ଘ ଇତିହାସ ରହିଛି। ଓଡ଼ିଶାର ସବୁ ସମ୍ଭାବନାକୁ ଉପଯୋଗ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍କଳର ଅନନ୍ୟ ଐତିହକୁ ଉତ୍ତରପିଢ଼ି ପାଖରେ ପହଞ୍ଚାଇବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସ୍‌ଏସ୍‌ଆରର ସମ୍ପାଦକ ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସ୍‌ଏସ୍‌ର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିୱାରୀ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାଶା ଏବଂ ପରିଚାଳନା ପରିଷଦର ଅନ୍ୟାନ୍ୟ ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ଭିତରକନିକାରେ ବାର୍ହା ଶିକାର କଲା ବଉଳା

ରାଜନଗର, ୨୮।୯ (ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ଏକ ବଉଳା କୁମ୍ଭୀରର ବାର୍ହା ଶିକାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି ରାଜନଗର ବ୍ଲକ୍ ଡାଙ୍ଗମାଳ ତାଳଚୁଆ ଜଙ୍ଗଲ ପାଖ ଡାଲଖାଇ ଛକ ନିକଟର। ସେଥିରେ ଦେଖିବାକୁ ମିଳୁଛି, ଜଙ୍ଗଲ ଭିତରେ ଜୁଆର ପାଣିରେ ପ୍ରାୟ ୨୦ ଫୁଟ୍ ଲମ୍ବର କୁମ୍ଭୀର ଏକ ବାର୍ହାକୁ ଖାଉଛି। ପାଖାପାଖି ୧ଘଣ୍ଟା ଧରି କୁମ୍ଭୀରଟି ବାର୍ହାକୁ ପାଟିରେ ଧରି ପହଁରିବା ସହ ଖାଉଛି। ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଦେଖାଦେଇଛି।



ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ଫଳରେ ଖାଦ୍ୟାଭାବ ଯୋଗୁଁ ଜନବସତିରେ ଥିବା ନଦୀ ନାଳକୁ ଚାଲି ଆସୁଛନ୍ତି। କୁମ୍ଭୀର ଜୁଆର ପାଣିରେ ଜନବସତି ନିକଟକୁ ଚାଲିଆସିବା ଲୋକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି କରିଛି। ଯେଉଁ ସ୍ଥାନରେ କୁମ୍ଭୀରଟି ବାର୍ହା ଶିକାର କରିଛି, ସେ ସ୍ଥାନରେ ତାରବାଡ଼ ଥିବାରୁ ଜନବସତି ମଧ୍ୟକୁ ଆସିପାରିନାହିଁ। ଅଧିକାଂଶ ସ୍ଥାନରେ ଜଙ୍ଗଲ ପାଖରେ ତାରବାଡ ନ ଥିବାରୁ ଖାଦ୍ୟ ସନ୍ଧାନରେ କୁମ୍ଭୀର ଜନବସତିକୁ ଚାଲିଆସୁଥିବା ଜଣାପଡ଼ିଛି।

## ମହିଳାଙ୍କୁ ଉଲଗ୍ନ କରି ପିଟିଲେ

- କାର୍ଯ୍ୟାନୁଷ୍ଠାନ ନେଉନି ପିପିଲି ପୁଲିସ
- ଡିଜିପିଙ୍କୁ ନ୍ୟାୟ ମାଗିଲେ ପୀଡ଼ିତା

ଭୁବନେଶ୍ୱର, ୨୮।୯(ସମିସ): ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଉଲଗ୍ନ କରି ନଡ଼ିଆ ଗଛରେ ବାନ୍ଧିଲେ। ସେତିକିରେ ସେମାନଙ୍କ ନିର୍ଯାତନା ସରିଲାନି ଯେ କଟୁରିରେ ତାଙ୍କୁ ଆକ୍ରମଣ କରି ଗୁରୁତର କଲେ। କିନ୍ତୁ ଏପରି ଏକ ସାଂଘାତିକ ଅଭିଯୋଗକୁ ୭ ଦିନ ବିତିଥିଲେ ବି ପୁଲିସ ଖାଲି ଏକ ମାମଲା ରୁଜୁ କରି ଚୁପ୍ ବସିପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅପରପକ୍ଷେ ପୁଲିସର ଏହି ନିଷ୍କ୍ରିୟତାର ସୁଯୋଗ ନେଇ ଅଭିଯୁକ୍ତମାନେ ଏବେ ମହିଳା ଓ ତାଙ୍କ ପରିବାରକୁ ଧମକଚମକ ଦେଉଛନ୍ତି। ତେଣୁ, ନ୍ୟାୟ ପାଇଁ ସବୁଆଡୁ ନିରାଶ ହେବା ପରେ ପୀଡ଼ିତା ମହିଳାଜଣଙ୍କ ପୁଲିସ ଡିଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ୱିଟ୍ କରି ମହିଳାଜଣଙ୍କ ଡିଜିଙ୍କୁ ନ୍ୟାୟ ପାଇଁ ଗୁହାରି କରିଛନ୍ତି। ମିଳିଥିବା ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୨୦ କିମି ଦୂର ପିପିଲି ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀଙ୍କ ସହ ଉକ୍ତ ମହିଳାଙ୍କ ପୂର୍ବରୁ ବିବାଦ ରହିଥିଲା। ୭ ଦିନ ତଳେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପଡ଼ୋଶୀ ପରିବାରର ୪ରୁ ୫ଜଣ ଉକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲେ। ସେମାନେ ମହିଳାଙ୍କୁ ଉଲଗ୍ନ କରି ଏକ ନଡ଼ିଆ ଗଛରେ ବାନ୍ଧି ଦେବା ସହ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ମହିଳାଜଣଙ୍କ ଗୁରୁତର ଆହତ ହୋଇଥିଲେ। ପରେ କିଛି ଗ୍ରାମବାସୀ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ଏ ସଂପର୍କରେ ମହିଳାଜଣଙ୍କ ପିପିଲି ଥାନାରେ ଅଭିଯୋଗ କରିବାରୁ ପୁଲିସ ନଂ-୧୮୯/୨୫ରେ ମାମଲା ରୁଜୁ କରିଛି। କିନ୍ତୁ ଘଟଣାକୁ ୭ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।



# ସୋସିଆଲ୍ ମିଡିଆରେ ଉସୁକାଉଛନ୍ତି ବ୍ଲଗର୍

ଭୁବନେଶ୍ୱର, ୨୮।୯(ସମିସ): ଆଜିର ଯୁବପିଢି ସ୍ମାର୍ଟଫୋନରେ ଅଧିକ ସମୟ ଅତିବାହିତ କରୁଛନ୍ତି। ସେଠାରୁ କିଏ ଭଲ କଥା ଶିକ୍ଷା କରୁଥିବା ବେଳେ ଆଉ କିଏ ଖରାପ କଥାକୁ ଗ୍ରହଣ କରୁଛନ୍ତି। ଅନେକ ବ୍ଲଗର୍ ମଧ୍ୟ ମିଥ୍ୟା ଖବର ପ୍ରସାରଣ କରି ଚରିତ୍ର ସଂହାର କରିବା ସହ ଅଶ୍ଳୀଳ କଣ୍ଟେଣ୍ଟ୍ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ଛାଡୁଛନ୍ତି। ଯାହାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହେବା ସହ ଅନେକ ହତ୍ୟାକାଣ୍ଡ ଘଟୁଛି। ଆଜିର ଯୁବପିଢି ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କୁ ନିଜର ଆଇଡଲ୍ ବୋଲି ମାନୁଛନ୍ତି। କିନ୍ତୁ କିଛି ସୋସିଆଲ୍ ମିଡିଆ ଇନଫ୍ଲୁଏନସରଙ୍କ ପାଇଁ ଏବେ ରାଜ୍ୟ ତଥା ଦେଶ ବିପଦରେ। କାରଣ ସେମାନେ ସାମ୍ବାଦିକଙ୍କ ନାମରେ ଭିଡ଼ ଏବଂ ଗଣ୍ଡଗୋଳ ସ୍ଥାନରେ ଲୋକଙ୍କୁ ଉତ୍ତେଜିତ କରୁଛନ୍ତି କରି ଗଣ୍ଡଗୋଳକୁ ଉସୁକାଉଛନ୍ତି। ଯେଉଁଥିପାଇଁ ଦଙ୍ଗା ଏବଂ ହଣାକଟା ଭଳି ପରିସ୍ଥିତି ସୃଷ୍ଟି ହେଉଛି।



ନିକଟରେ ଏଭଳି ଘଟଣା କ୍ୟାପିଟାଲ ହସ୍ପିଟାଲରେ ଦେଖିବାକୁ ମିଳୁଛି। ଗତ କିଛିଦିନ ତଳେ କ୍ୟାପିଟାଲ୍ ହସ୍ପିଟାଲରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଥିଲା। ଡାକ୍ତରଙ୍କୁ ଅପ ବ୍ୟବହାର, ହସ୍ପିଟାଲରେ ଗଣ୍ଡୋଗୋଳ ସାଙ୍ଗକୁ ସିକ୍ୟୁରିଟି ଗାର୍ଡଙ୍କୁ ମାଡ ମାରି ମୁଣ୍ଡ ଫଟାଇଦେଇଥିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ଆଉ ଏହି ପଛରେ ସୋସିଆଲ୍ ମିଡିଆ ଇନଫ୍ଲୁଏନସର୍ ଦୀପକ୍ ନାୟକଙ୍କୁ ଦାୟୀ କରାଯାଇଛି। ଦୀପକ ନାୟକ ଲୋକଙ୍କୁ ଉସକାଇ ଉତ୍ତେଜନା ସୃଷ୍ଟି କରିଥିବା ଅଭିଯୋଗରେ ପୁଲିସ ମଧ୍ୟ ତାଙ୍କୁ ଗିରଫ କରିଛି। କେବଳ ଦୀପକ ନୁହେଁ; ଏହିଭଳି କିଛି ଶସ୍ତା ବ୍ଲଗର ଖବର ସଂଗ୍ରହ ନାମରେ ଭିଡ଼ରେ ପଶି ନିଆଁରେ ଘିଅ ଢାଳୁଛନ୍ତି। ଅନେକ ବ୍ଲଗ୍ର ଅଛନ୍ତି ସେମାନେ ଏଭଳି ଭିଡ଼ରେ ନଶି ସୋସିଆଲ ମିଡ଼ିଆରେ ଅଶ୍ଳୀଳ ପୋଷ୍ଟ ଏବଂ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଉତ୍ତେଜନା ସୃଷ୍ଟି କରୁଛନ୍ତି। ନିକଟରେ ଉଦିତ୍ ନାମରେ ଜଣେ ରୋଷ୍ଟର ସୋସିଆଲ ମିଡ଼ିଆରେ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦିଏ। ଏହିଭଳି ସେ ସୋସିଆଲ ମିଡ଼ିଆରେ ଗାଳିଗୁଲଜ ପାଇଁ ଜଣେ ଯୁବକଙ୍କୁ ଗୁଳିମାଡ଼ ପାଇଁ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ମଧ୍ୟ ସେ ସୁଧୁରି ନ ଥିଲେ। ପୂର୍ବରୁ ଯେଉଁଭଳି ସୋସିଆଲ ମିଡ଼ିଆରେ ଗାଳିଗୁଲଜ କରନ୍ତି ସେହିଭଳି ବର୍ତ୍ତମାନ କରୁଛନ୍ତି। ସେମାନଙ୍କ ପାଟିରେ ନା ଅଛି ବନ୍ଧବାଡ଼ ନା କଟକଣା ଲଗାଇବା ପାଇଁ ଗାଇଡ୍‌ଲାଇନ୍। ଯାହା ପାଇଲେ କହିଲେ, ଯାହା ଚାହିଁଲେ କରିଲେ। ଅପରପକ୍ଷେ ବର୍ତ୍ତମାନ ଏହି ରୋଷ୍ଟର ଏବଂ ବ୍ଲଗ୍‌ରମାନେ ଟଙ୍କା ରୋଜଗାର ପାଇଁ ସୋସିଆଲ ମିଡ଼ିଆରେ ମହିଳା ଏବଂ ସରକାରୀ କର୍ମଚାରୀଙ୍କ ଚରିତ୍ର ସଂହାର କରୁଛନ୍ତି। ସେମାନଙ୍କୁ ଟାର୍ଗେଟ କରି ଏହି ବ୍ଲଗର୍‌ମାନେ ଗାଳିଗୁଲଜ କରୁଛନ୍ତି। ପରେ ଉକ୍ତ ବ୍ୟକ୍ତିଙ୍କୁ ବ୍ଲକମେଲିଂ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ କେବେ ଏ ନେଇ ପୁଲିସ ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଆସିବ ସେ ନେଇ ଉଠିଛି ପ୍ରଶ୍ନ।

# କଖଡ଼ା ସାର୍ବଜନୀନ ଦୁର୍ଗାପୂଜାକୁ ପୂରିଲା ୭୮ ବର୍ଷ

ବାଲେଶ୍ୱର(ଉତ୍ତର), ୨୮।୯ (ସମିସ)



ଭୋଗରାଇ ଅଞ୍ଚଳର ଅନ୍ୟତମ ପୁରାତନ ଦୁର୍ଗାପୂଜା ମଧ୍ୟରୁ କଖଡ଼ା ସାର୍ବଜନୀନ ଦୁର୍ଗାପୂଜା ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇ ଆସୁଛି। ଏଠାରେ ସାମ୍ପ୍ରଦାୟିକ ସଦ୍ଭାବନାକୁ ବଜାୟ ରଖି ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ସହଯୋଗରେ ଦୀର୍ଘ ୭୮ ବର୍ଷ ଧରି ପାଳନ ହୋଇଆସୁଛି। ତତ୍କାଳୀନ ଜମିଦାରୀ ଅମଳରୁ ଏଠାରେ ଷଣ୍ଢ ଉପରେ ହରପାର୍ବତୀଙ୍କ ପୂଜା ଆରମ୍ଭ ହୋଇଥିଲା ବେଳେ ଏହା ବଷ୍ଟୁମାଣୀ ପୂଜା ବୋଲି କୁହାଯାଉଥିଲା। ଭୋଗରାଇ ତହସିଲଦାର ଏହି ପୂଜା କମିଟିର ଆବାହକ ରହିଥିବାବେଳେ କଖଡ଼ା ରାଜସ୍ୱ ନିରୀକ୍ଷକ କମିଟିରେ ସଦସ୍ୟ ରହିଛନ୍ତି। ପୂଜାର ରୀତି, ନୀତି ପରମ୍ପରାକୁ ସବୁଦିନ ଏଠାରେ ବେଶ ଗୁରୁତ୍ୱ ଦିଆଯାଇଥାଏ। ସୂଚନା ଅନୁଯାୟୀ, ଜମିଦାର ଈଶ୍ୱର ଚନ୍ଦ୍ର ଚୌଧୁରୀଙ୍କ ଶାସନ କାଳରେ କଖଡ଼ା ଠାରେ ହରପାର୍ବତୀଙ୍କ ପୂଜା ଅନୁଷ୍ଠିତ ହେଉଥିଲା। ୧୯୨୩ ମସିହାରେ ଈଶ୍ୱରଙ୍କ ବିୟୋଗ ପରେ ବିଷ୍ଣୁପ୍ରିୟା ଚୌଧୁରାଣୀ ଏହାର ଦାୟିତ୍ୱ ନେଲେ। କ୍ରମେ ଇଂରେଜ ଶାସନ ପରେ ଜମିଦାରୀ ପ୍ରଥା ଉଚ୍ଛେଦ ହେବାରୁ ନ୍ୟାୟାଳୟକୁ ବିଚାର ଗଲା। ତତ୍କାଳୀନ ପଶ୍ଚିମବଙ୍ଗ କଲିକତା(ହୁଗୁଳି)ର ବାରିଷ୍ଟର ବିଏଲ ମୁଖାର୍ଜୀ ଅଧା ସମ୍ପତ୍ତି ନେବା ସର୍ତ୍ତରେ ନ୍ୟାୟାଳୟରେ ବିଚାର ଜିତିଲେ। ବିଏଲ ମୁଖାର୍ଜୀଙ୍କ ମୃତ୍ୟୁ ପରେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ପଶ୍ଚିମବଙ୍ଗ ପ୍ରଶାସନ ହାତକୁ ଗଲା। ତେବେ ଓଡିଶାର ସମ୍ପତ୍ତି ପଶ୍ଚିମବଙ୍ଗ ସରକାର ନିଜ ଦଖଲକୁ ନେଇ ନ ପାରିବାରୁ ୧୯୪୮ ମସିହାରେ ତାହା ପୁଣି ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରା ଯାଇଥିଲା। ଉକ୍ତ ସମ୍ପତ୍ତିରେ ସରକାରୀ ଅନୁଷ୍ଠାନ ହେବ ବୋଲି ଏକ ଚୁକ୍ତି ମଧ୍ୟ ହୋଇଥିଲା। ତଦନୁଯାୟୀ ପରବର୍ତ୍ତୀ ସମୟରେ ସେହି ସମ୍ପତ୍ତି ଉପରେ କଖଡ଼ା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ବିଷ୍ଣୁପ୍ରିୟ ଚୌଧୁରାଣୀଙ୍କ ସମ୍ପତ୍ତିକୁ ତାଙ୍କ ଉତ୍ତରାଧୀକାରୀମାନେ ପରବର୍ତ୍ତୀ ସମୟରେ ବିକ୍ରି କରିଦେଲେ। ମାତ୍ର ସର୍ତ୍ତ ଥିଲା ତାଙ୍କର କୂଳ ଦେବତା ରଘୁବୀର ଏକ ବର୍ଷ ଜମିଦାରଙ୍କ ପାଖରେ ଓ ଏକ ବର୍ଷ ବି ଏଲ ମୁଖାର୍ଜୀଙ୍କ ପାଖରେ ରହିବେ। ତେଣୁ ପ୍ରତିବର୍ଷ ନଭେମ୍ବର ୧ ତାରିଖରେ ରଘୁବୀର ଅଦଳବଦଳ ହୋଇଥାଏ। ଅନ୍ୟ କୂଳଦେବତା ଚଣ୍ଡୀମନ୍ଦିର ରହିଥିଲା ବେଳେ ଚଣ୍ଡୀଙ୍କ ବାର୍ଷିକ ଉତ୍ସବ ସ୍ୱରୂପ ଦୁର୍ଗାପୂଜାକୁ ସରକାର ପାଳନ କରିବେ ବୋଲି ସର୍ତ୍ତ ରହିଛି। ଫଳରେ ରାଜସ୍ୱ ନିରୀକ୍ଷକଙ୍କ ଦାୟିତ୍ୱରେ ଥିବା ଏହି ପୂଜା ପାଇଁ ପ୍ରତିବର୍ଷ ୭୨ଟି ମୌଜାରୁ ଦାନ ସଂଗ୍ରହ କରାଯାଇ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିଲା। ରାଜ୍ୟ ସରକାରଙ୍କ ବୃହତ ବନ୍ଦବୋସ୍ତ ପରେ ପୂଜାରେ ବ୍ୟତିକ୍ରମ ହେଲା। ତେବେ ସେହି ସମୟରେ କେତେକ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ପୂଜାର ଦାୟିତ୍ୱ ନେଇ ଏହାକୁ ସାର୍ବଜନୀନ ଉତ୍ସବ ଭାବେ ପାଳନ କଲେ । ଏହା ହେବା ପରେ ହରପାର୍ବତୀରୁ ଦଶଭୁଜାଙ୍କୁ ପୂଜାର୍ଚ୍ଚନା କରାଗଲା। ଏବେ କଖଡା ପଂଚାୟତର ୭ଟି ଗାଁ ଓ ପାଖ ଗାଁ ଲୋକଙ୍କ ଠାରୁ ସାହାଯ୍ୟ ସଂଗ୍ରହ କରି ଏହି ପୂଜା ଉତ୍ସବ କରାଯାଉଛି। ସରକାରୀ ସହାୟତା ଭାବେ ଭୋଗରାଇ ତହସିଲଦାର ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। କଖଡା ରାଜସ୍ୱ ନିରୀକ୍ଷକଙ୍କ ସମେତ ପୂଜା କମିଟିର ସଭାପତି ଆଶିଷ ଦାସ, ସମ୍ପାଦକ ଭୁପେନ ବେହେରା, କୋଷାଧ୍ୟକ୍ଷ ବିଦ୍ୟା ସାଗର ଚନ୍ଦ, ସମାଜସେବୀ ହରିଶ୍ଚନ୍ଦ୍ର ସାହୁ, ଲୋକମାନ ସାହା, ଇମାମୁଲ ବେଗ, ଇସାଗ ବେଗ, ଇମାମୁଲ ବେଗ, ଖଲିଲ ବେଗ ସମେତ ଗାଁର ଉଭୟ ହିନ୍ଦୁ ଓ ମୁସଲମାନ ଲୋକମାନେ ପୂଜାରେ ସହଯୋଗ କରି ଆସୁଛନ୍ତି।

**● ଜମିଦାରୀ ଅମଳରୁ ଆରମ୍ଭ ହୋଇଥିଲା ହରପାର୍ବତୀଙ୍କ ପୂଜା**

**● ସହଯୋଗ କରନ୍ତି ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକ**

# ୫୩୮ ବର୍ଷର ରାୟ ମହାଶୟ ଗଡ଼ର ଦୁର୍ଗାପୂଜା



**ଭୋଗରାଇ, ୨୮।୯ (ସମିସ):** ଭୋଗରାଇ ବ୍ଲକ ଦେହୁର୍ଦ୍ଧା ପଞ୍ଚାୟତର ସେହି ଗ୍ରାମରେ ଥିବା ରାୟ ମହାଶୟ ଗଡ଼ର ଦୁର୍ଗାପୂଜା ୫୩୮ ବର୍ଷରେ ପଦାର୍ପଣ କରିଛି। ବିଗତ ଜମିଦାରଙ୍କ ସମୟରୁ ଏହି ପୂଜା ଚାଲିଆସୁଥିବା ବେଳେ ଜମିଦାରୀ ଉଚ୍ଛେଦ ପରେ ୧୯୫୫ ମସିହାରେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇ ସମ୍ପୂର୍ଣ୍ଣ ସାର୍ବଜନୀନ ଭାବେ ୭୧ ବର୍ଷ ହେବ ପୂଜା ପାଉଛନ୍ତି। ସୂଚନା ଏହିକି ଯେ ୧୪୪୭ ମସିହାରେ ଘୋଷ ବଂଶର ଜଣେ ବ୍ୟକ୍ତି ବଙ୍ଗର ନବାବ ସୁଲତାନ ହୁସେନ ଶାହାଙ୍କଠାରୁ ଜମିଦାରୀ ଭାବେ ନିଯୁକ୍ତି ପାଇବା ସହିତ ରାୟ ଉପାଧିରେ ଭୂଷିତ କରାଯାଇଥିଲା। କିଛି ବର୍ଷପରେ ସେହି ବ୍ୟକ୍ତିଙ୍କୁ ସମ୍ରାଟ ଶେରଶାହା ମହାଶୟ ଉପାଧିରେ ଭୂଷିତ କରିଥିଲେ। ଲୋକଙ୍କ କହିବା କଥା କିଛି ବର୍ଷପରେ ସେହି ବଂଶୀଧର ପ୍ରତାପ ନାରାୟଣ ରାୟ ମହାଶୟଙ୍କୁ ସ୍ୱପ୍ନାଦେଶ ହୋଇଥିବାରୁ ଏକ ଶିବ ମନ୍ଦିରର ନିର୍ମାଣ ପାଇଁ ପ୍ରଥମେ ପୁଷ୍କରିଣୀ ଖନନ ଆରମ୍ଭ କରିଥିଲେ। ପୁଷ୍କରିଣୀ କିଛି ଖୋଳିବା ପରେ ମାଟି ତଳୁ ଅଙ୍ଗାର ଭଳି କିଛି ଧାତୁ ବାହାରିଥିଲା ତାହାକୁ ଦେଖି ଲୋକେ ରାୟ ମହାଶୟ ଖବରଦେବା ପରେ ସେଗୁଡ଼ିକୁ ଏକ ଗୁପ୍ତ ଘରରେ ଢାଳିବାକୁ କହିଥିଲେ କାରଣ ଜମିଦାରଙ୍କୁ ମାଁ ଦୁର୍ଗା ସ୍ୱପ୍ନରେ ତାହା ସୁନା ଖଣ୍ଡ ବୋଲି କହିଥିଲେ । ସେହି ସୁନା ଖଣ୍ଡ ସାଧାରଣ ଲୋକଙ୍କ ଆଖିରେ ଅଙ୍ଗାର ଭଳି ଦିଶୁଥିବା କଥା କହିଥିଲେ। ସେହି ସୁନା ଖଣ୍ଡ ଗୁଡ଼ିକୁ ଦୁର୍ଗା ଦେବୀଙ୍କ ପୂଜା ଅର୍ଚ୍ଚନା ସହିତ ମହାଦେବ ମାଁ କାଳୀ, ରାଧାକୃଷ୍ଣ ଓ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା।୧୯୫୫ ମସିହାରେ ଥିବା ଦେହୁର୍ଦ୍ଧା ପଞ୍ଚାୟତର ସରପଞ୍ଚ ଜମିଦାର ବଂଶର ଅନୁଜ ଭୂପେଶ ଚନ୍ଦ୍ର ରାୟ ମହାଶୟ ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ସହିତ ଆଲୋଚନା କରି ରାୟ ମହାଶୟ ଗଡ଼ର ଘରୋଇ ଦୁର୍ଗା ଦେବୀଙ୍କ ପୂଜା ସାର୍ବଜନୀନ ହୋଇଥିଲା। ଏହି ଦୁର୍ଗା ଦେବୀଙ୍କ ପୂଜା ଆବାହାନ କାଳରୁ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲାରୁ ଆସି ଭୋଗରାଇରେ ବସବାସ କରି ରହୁଥିବା ଶ୍ୟାମ ବେଦ ଧାରି ବ୍ରାହ୍ମଣ ଚାଟାର୍ଜୀ ବଂଶର ପୂଜାର୍ଚ୍ଚନା କରି ଆସୁଛନ୍ତି। ବର୍ତ୍ତମାନ ସମୟରେ ଶୈଳଜା ଚାଟାର୍ଜୀ ମତ ଅନୁସାରେ ପୂଜା ଅର୍ଚ୍ଚନା କରାଯାଉଛି। ସମ୍ପୂର୍ଣ୍ଣ ବଙ୍ଗଳା ପାଞ୍ଜିରେ ମତରେ ଏଠାରେ ଦୁର୍ଗା ଦେବୀଙ୍କ ପୂଜା କରାଯାଏ। ଏଠା ମହାନବମୀ ଓ ସନ୍ଧି ପୂଜାରେ ପାଣି କଖାରୁ, ଜହ୍ନି ବଳି ଦିଆଯାଇଥାଏ। ଦଶହରା ପରେ ଏଠାରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ୭ ବର୍ଷରେ ସରଦିହା-ମୁକୁନ୍ଦପୁର ଦୁର୍ଗାପୂଜା



**ଗ୍ରାମାଞ୍ଚଳରେ ସହରୀ ଝଲକ**

**ବସ୍ତା ବ୍ଲକ, ୨୮।୯ (ସମିସ):** ପବିତ୍ର ଦୁର୍ଗାପୂଜା ପାଇଁ ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠି ଚଳ ଚଞ୍ଚଳ। ରବିବାର ସମସ୍ତ ଦୁର୍ଗାପୂଜା ପେଣ୍ଡାଲରେ ବେଲବରଣୀ ଷଷ୍ଠୀ ପୂଜା ଅନୁଷ୍ଠିତ ହେଉଛି। ପୂଜା ପେଣ୍ଡାଲକୁ ଆକର୍ଷଣୀୟ ପାଇଁ ସୁସଜ୍ଜିତ ତୋରଣ ସହିତ ଆଲୋକ ମାଳାରେ ଝଲସୁଛି। ସୋମବାର ସପ୍ତମୀ ପୂଜା ଆରମ୍ଭ ହେଉଥିବାରୁ ମା' ଦୁର୍ଗାଙ୍କ ମୂର୍ତ୍ତିରେ କାରିଗର ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ। ପୂଜାକୁ ସୁନ୍ଦର୍ ଭାବେ ପାଳନ ପାଇଁ ବିଭିନ୍ନ ବ୍ୟବସାୟୀକ ପ୍ରତିଷ୍ଠାନ ସଜାଇ ହୋଇଛି। ଧିରେ ଧିରେ ଉତ୍ସବ ମୁଖର ହୋଇଛି ସହରଠାରୁ ଗ୍ରାମାଞ୍ଚଳ। ସଂପ୍ରତି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ର ବିଭିନ୍ନ ଗ୍ରାମରେ ଦୁର୍ଗାପୂଜା ହେଉଥିବା ବେଳେ ବସ୍ତା ବଜାର ତଥା ବଜାର ସଂଲଗ୍ନ ଅଞ୍ଚଳରେ ୫ଟି ପେଣ୍ଡାଲରେ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଛି। ବସ୍ତା ରେଲୱେ ଷ୍ଟେସନ, ହସ୍ପିଟାଲ ଛକ, ବଙ୍ଗାଳୀ ସାହି ଓ ସରଡିହାରେ ଦୁର୍ଗାପୂଜା ହେଉଥିବା ବେଳେ ବସ୍ତା ଆନନ୍ଦ ବଜାର ସ୍ଥିତ ଇଶ୍ୱରବର୍ତ୍ତୀ ମନ୍ଦିର ନିକଟରେ ଶକ୍ତି ରୂପେ ହରପାର୍ବତୀ ପୂଜା ଅନୁଷ୍ଠିତ ହେଉଛି। ବସ୍ତା ବ୍ଲକ ର ପତ୍ରଝଡ଼ା ପଞ୍ଚାୟତର ସରଡିହା-ମୁକୁନ୍ଦପୁର ପୂଜା ସପ୍ତମ ବର୍ଷରେ ପଦାର୍ପଣ କରିଛି। ଗ୍ରାମାଞ୍ଚଳରେ ସହରୀ ଝଲକ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ କଲିକତାରେ ଥିବା ଇସ୍କନ ମାୟାପୁର ମନ୍ଦିର ସଦୃଶ୍ୟ ତୋରୋଣ ନିର୍ମାଣ ହେଉଛି। ଲକ୍ଷାଧିକ ଟଙ୍କା ବିନିମୟରେ ଏହି ତୋରଣ ନିର୍ମିତ ହେଉଥିବା ବେଳେ ବଙ୍ଗୀୟ ମିସ୍ତ୍ରୀ ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବସ୍ତା ଅଞ୍ଚଳ ରେ ଏହି ତୋରଣ ବେଶ ଆକର୍ଷଣୀୟ ହେବ ବୋଲି ସଭାପତି ଜୟଦେବ ଭୁଇଁଆ ଆଶା ପ୍ରକଟ କରିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ପାଇଁ ଆଗାମୀ ଦିନରେ ଏହି ପୂଜା ପେଣ୍ଡାଲକୁ ଅଧିକ ଚିତ୍ତାକର୍ଷକ କରାଯିବ ବୋଲି ସମ୍ପାଦକ ଲମ୍ବୋଦର ତରାଇ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଲୋକ ସମାଗମ ହେବାକୁ ଆଶା ବାନ୍ଧି ସମସ୍ତ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ସତର୍କତା ଅବଲମ୍ବନ କରାଯାଇଛି।

# ଟିପିଏନ୍‌ଓଡିଏଲ ପକ୍ଷରୁ ଅଟିଜିମ୍ ସଚେତନତା



## ବାଲେଶ୍ୱରରେ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନୀ

**ବାଲେଶ୍ୱର, ୨୮।୯ (ସମିସ):** ଟିପିଏନ୍‌ଓଡିଏଲ ପକ୍ଷରୁ ବାଲେଶ୍ୱରର ଏକ ସିନେମା ହଲରେ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ନାୟୁ ବିବିଧତା ତଥା ଅଟିଜିମ୍ ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ସପକ୍ଷରେ ସମାଜରେ ଗ୍ରହଣୀୟତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ସ୍ନାୟୁବିବିଧ ତଥା ଅଟିଜିମ୍ ଶିଶୁ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ, ଶିକ୍ଷାବିତ୍, ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଏନଜିଓ, ସରକାରୀ କର୍ମଚାରୀ ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ୨୫୦ରୁ ଅଧିକ ଦର୍ଶକ ଏହି ଚଳଚ୍ଚିତ୍ରକୁ ଦେଖିଥିବା ବେଳେ ଟିପିଏନଓଡିଏଲର ଏଭଳି ଉଦ୍ୟମକୁ ସେମାନେ ଉଚ୍ଚ ପ୍ରଶଂସା କରିଥିଲେ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ, ସମସ୍ତ ବରିଷ୍ଠ ଅଧିକାରୀ, ସରକାରୀ ଅଧିକାରୀ ଓ ଅନ୍ୟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଅନୁପମ ଖେର ପ୍ରଡକ୍ସନ୍ ଦ୍ୱାରା ନିର୍ଦ୍ଦେଶିତ ଓ ଏନଏଫଡିସିର ମିଳିତ ଉଦ୍ୟମରେ ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ଚଳଚ୍ଚିତ୍ରର କାହାଣୀରେ ଜଣେ ଅଟିଷ୍ଟିକ୍ ଯୁବତୀ ଭାରତୀୟ ସେନାରେ ଯୋଗଦେବାକୁ ସ୍ୱପ୍ନ ଦେଖୁଛନ୍ତି। ଯୁବତୀଙ୍କ ସଂଘର୍ଷ ଓ ତାଙ୍କ ଶକ୍ତି-ସାମର୍ଥ୍ୟକୁ ଚଳଚ୍ଚିତ୍ରରେ ଚମତ୍କାର ଢଙ୍ଗରେ ପ୍ରଦର୍ଶିତ କରାଯାଇଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଟାଟା ପାୱାରର ଫ୍ଲାଗସିପ୍ ପ୍ରୋଗ୍ରାମ "ପେ ଅଟେନ୍‌ସନ୍'ର ଏକ ଅଂଶ। ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କାଲେ କହିଥିଲେ ଯେ ଭିନ୍ନକ୍ଷମ କେବେ ଅକ୍ଷମ ନୁହଁନ୍ତି ଓ ଏହି ପ୍ରକ୍ରିୟାକୁ ସମାଜରେ ସଶକ୍ତିକରଣ ବୋଲି ବୁଝିବା ଦରକାର। ପ୍ରତ୍ୟେକ ବ୍ୟକ୍ତିର ଦକ୍ଷତା ସ୍ୱତନ୍ତ୍ର, ଯାହା ସମାଜକୁ ସର୍ବଦା ପ୍ରେରଣା ଯୋଗାଇବାକୁ ସକ୍ଷମ ତନଭି ଦି ଗ୍ରେଟ୍ ଭଳି ସିନେମା ଆମକୁ କରୁଣା ଓ ଦାୟିତ୍ୱର ବାର୍ତ୍ତା ବିସ୍ତାର କରିବାରେ ସାହାଯ୍ୟ କରେ। ଟିପିଏନଓଡିଏଲ୍ ଏଭଳି ଏକ ସଂପ୍ରଦାୟ ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯେଉଁଠାରେ ବିବିଧତାକୁ ପାଳନ କରିବା ଆମର ପ୍ରମୁଖ ସାମାଜିକ ଦାୟିତ୍ୱ ହେବ। ଟିପିଏନଓଡିଏଲ୍ ବିଦ୍ୟୁତ ବିତରଣ ଦାୟିତ୍ୱରୁ ଆଗକୁ ବଢ଼ି ସାମାଜିକ ଅନ୍ତର୍ଭୁକ୍ତୀକରଣ ସମେତ ଏକ ସହାନୁଭୂତିଶୀଳ ସଂପ୍ରଦାୟ ଗଠନ ଉପରେ ଧ୍ୟାନ ଦେଉଛି। ଯେଉଁମାନେ ଭିନ୍ନ, ସେମାନେ ଆମଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। ଏହି ବାର୍ତ୍ତାର ପ୍ରଚାର କରି ସମାଜର ବିବିଧତା ଓ ସ୍ୱତନ୍ତ୍ରତାକୁ ପାଳନ କରିବା ଉପରେ ଟିପିଏନ୍‌ଓଡିଏଲ ଗୁରୁତ୍ୱ ଦେଉଛି ବୋଲି ସେ ଦର୍ଶାଇଥିଲେ।

# କବି ଭରତ ଚନ୍ଦ୍ର ଦାଶଙ୍କୁ ପ୍ରିୟବନ୍ଧୁ ସମ୍ମାନ

**ସିମୁଳିଆ, ୨୮।୯ (ସମିସ):** ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ଦ୍ୱାରା ଆୟୋଜିତ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ କବି ଡ. ଭରତ ଚନ୍ଦ୍ର ଦାଶଙ୍କୁ ପ୍ରିୟବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ୨୭ ତାରିଖରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକା ଡ. ରୋଜାଲିନ୍ ସଂଯୋଜନା କରିଥିଲେ। ସାହିତ୍ୟିକ ଡ. ପ୍ରଭାସ ଆଚାର୍ଯ୍ୟ, ବିଶିଷ୍ଟ କବି ପିତାମ୍ବର ତରାଇ, ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀର ସଭାପତି ନାଟ୍ୟକାର ରଘୁନାଥ ସାହୁ, କବି ରାଜୀବ କୁମାର ଷଡଙ୍ଗୀ, ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରୀ ଦାଶଙ୍କୁ ମାନପତ୍ର ଓ ଅଙ୍ଗବସ୍ତ୍ର ସହ ପ୍ରିୟବନ୍ଧୁ ସମ୍ମାନରେ ସମ୍ମାନିତ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଭାବେ ଶ୍ରୀ ଦାଶ ମଧ୍ୟ ସଫଳତାର ସହିତ କାର୍ଯ୍ୟ କରିଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଫାଟି ଦମ୍ପତି ଗୁରୁତର



**ସହାୟତାର ହାତ ବଢାଇଲେ ହେଲ୍ପ ଫର ୟୁ ଫାଉଣ୍ଡେସନ**

**ଜଳେଶ୍ୱର ବ୍ଲକ, ୨୮।୯ (ସମିସ) :** ପୁଅ ବୋହୂ ହାଇଦ୍ରାବାଦକୁ ଯାଇ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ ମାତ୍ର କାର୍ଯ୍ୟ ସାରି ଯେଉଁ ଘରେ ରହୁଥିଲେ ସେଠାରେ ପାଖ ଘରେ ଗ୍ୟାସ ସିଲିଣ୍ଡର ଫାଟି ଛାତ ଭୁଶୁଡିବାରୁ ପୁଅ ନୀଳକଣ୍ଠ ର ଗୋଡ଼ ଭାଙ୍ଗିଯାଇଥିବା ସ୍ଥଳେ ବୋହୂ ଉଷାରାଣୀ ବାରିକଙ୍କ ମେରୁଦଣ୍ଡ ଏବଂ ଗୋଡ଼ ଭାଙ୍ଗି ଯାଇଛି। ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ସିଂଳା ଥାନା ତେଲିକ ଗ୍ରାମର ଆଦିକନ୍ଦ ବାରିକଙ୍କ ଘରେ ଘଟିଛି। ଘରେ ବୃଦ୍ଧା ବାପା ଆଦିକନ୍ଦ ବାରିକ ଙ୍କର ଗୋଟିଏ ଆଖି କୁ ଦେଖା ଯାଏ ନାହିଁ ଏବଂ ତାଙ୍କର ଗୋଡ଼ ମଧ୍ୟ ଠିକ୍ ରେ କାର୍ଯ୍ୟ କରେ ନାହିଁ। ଆଜି ବୃଦ୍ଧା ମାଆ ଉମାରାଣୀ ବାରିକ୍ ଅସହାୟ ହୋଇଯାଇଛନ୍ତି। କାରଣ ପୁଅ ବୋହୂର ଏକ ମାତ୍ର କୁନି ଝିଅ ର ଭବିଷ୍ୟତ ଅନ୍ଧାର ଘେରକୁ ଠେଲି ହୋଇ ଯାଉଛି। ଆଜି ପରିବାରର ରୋଜଗାର ବୋଲି କିଛି ନାହିଁ। କେମିତି ପୁଅ ବୋହୂର ଚିକିତ୍ସା କରିବେ ଚିକିତ୍ସା କରିବେ ସେଥିପାଇଁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସରସୀଦା ଗ୍ରାମରେ ଗଢ଼ି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନକୁ ଅବଗତ ପରେ ଶାରଦୀୟ ଦୁର୍ଗାପୂଜା ଅବସରରେ ସଙ୍ଗଠନର କର୍ମକର୍ତ୍ତା ପୂଜା ଖର୍ଚ୍ଚ ରୁ କିଛି ଅର୍ଥ ସଞ୍ଚୟ କରି ସେ ପରିବାରର ଦୁଃଖ ସମୟରେ ଛିଡ଼ା ହୋଇ କରିଛନ୍ତି। ଏହି ମହତ କାର୍ଯ୍ୟରେ ବସ୍ତା ଥାନାର ଏସଡିପିଓ ମାନସ କୁମାର ଦେଓ ମଧ୍ୟ ଉପସ୍ଥିତ ଥିଲେ। ଆଜି ପରିବାରର ପୁଅ, ବୋହୂର ଚିକିତ୍ସା ପାଇଁ ସଙ୍ଗଠନର ସକ୍ଷମ ଅନୁସାରେ କିଛି ଆର୍ଥିକ ସହାୟତା ସହିତ ପରିବାରକୁ ନୂତନ ବସ୍ତ୍ର ଏବଂ କୁନି ଝିଅ ପାଇଁ ପାଠ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।


# ଅବକାରୀ ଚଢ଼ଉ, ଦୁଇ ଗିରଫ


**ସୋର, ୨୮।୯ (ସମିସ):** ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡପୋଚ ନଷ୍ଟ କରିବା ସହିତ ଦେଶୀମଦ ଏବଂ ବିୟର ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଶିଙ୍ଗାଖୁଣ୍ଟା ଜଙ୍ଗଲରେ ଗଢି ଉଠିଥିବା ଦେଶୀମଦ କାରଖାନା ଉପରେ ଚଢ଼ାଉ କରି ୩୨ ଶହ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୨୫୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିପରି ଏହି ଟିମ ପୌରପାଳିକା ଅନ୍ତର୍ଗତ ଡିପାସାହି ଗ୍ରାମରେ ଚଢ଼ାଉ କରି ବିଶ୍ୱନାଥ ସିଂ ନିକଟରୁ ୪୫ ଲିଟର ଦେଶୀମଦ ଏବଂ ଅଡଙ୍ଗ ବଜାର ଗ୍ରାମରେ ଚଢ଼ାଉ କରି ଜନାର୍ଦ୍ଦନ ପାତ୍ର ନିକଟରୁ ୯ ଲିଟର ବିୟର ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

# ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



**ରୂପସା, ୨୮।୯ (ସମିସ):** ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚିକିତ୍ସା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା, ଜିଲ୍ଲା ପ୍ରୋଗ୍ରାମ ସଞ୍ଚାଳନ ଅଧିକାରୀ ଚକ୍ରଧର ଜେନା, ବରିଷ୍ଠ ଯକ୍ଷ୍ମା ପରିଦର୍ଶକ ବିଶ୍ୱଜିତ୍ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସତ୍ୟପ୍ରକାଶ ପାଢ଼ୀ ସଭାପତିତ୍ୱ କରିଥିଲେ । ବ୍ଲକ ସଞ୍ଚାଳନ ଅଧିକାରୀ ସତ୍ୟ ସୁନ୍ଦର ଗୋସ୍ୱାମୀ, ଡା. ଅସିତ୍ କୁମାର ପ୍ରଧାନ, ବ୍ଲକ ବିତ୍ତ ସଞ୍ଚାଳନ ଅଧିକାରୀ ହରିଶ ଚନ୍ଦ୍ର ପରିଡା, ପ୍ରଦୀପ ସାହୁ ( ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ), ବ୍ଲକ ତଥ୍ୟ ସଞ୍ଚାଳନ ଅଧିକାରୀ ଅର୍ଚ୍ଚନା ଦତ୍ତ, ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ମାଝୀ, ସୁରେନ୍ଦ୍ର ଘଡେଇ, କିଶନ ମହାପାତ୍ର, ଗଜାନନ ଜେନା, ଅରୁଣ ଜେନା,ରାଧାକାନ୍ତ ଜେନା , ଶୁଭଶ୍ରୀ ମହାନ୍ତି,ପୁନମ ଯୋଜ, ଆରତୀ ପଣ୍ଡା ଉପସ୍ଥିତ ଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ(ଗ୍ରାମାଞ୍ଚଳ)ର କର୍ମୀ ଏବଂ ପରିଦର୍ଶକ ମାନେ ମଧ୍ୟ ପୋଷଣ ଉପରେ ଲୋକଙ୍କୁ ଅବଗତ କରାଇଥିଲେ।









ନବରାତ୍ରରେ ବାରିପଦା ମା' ଅମ୍ବିକାଙ୍କ କାଳରାତ୍ରି ବେଶ

# ହାତୀ ଉପଦ୍ରବ; ଫସଲ ନଷ୍ଟ

**କରଞ୍ଜିଆ, ୨୮।୯(ସମିସ):** କରଞ୍ଜିଆ ବନଖଣ୍ଡ ଅଧୀନ କରଞ୍ଜିଆ ରେଞ୍ଜ୍‌ର ସିଙ୍ଗଡ଼ା ସେକ୍ସନରେ ଥିବା ମୁର୍ଗାପାଟ ଗ୍ରାମର ତରଣୀ ପାତ୍ରଙ୍କ ଫାର୍ମରେ ହାତୀପଲ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ଫସଲ ନଷ୍ଟ କରିଥିବାର ଜଣାପଡ଼ିଛି। ଗତକାଲି ରାତି ପ୍ରାୟ ୧ଟା ୩୦ ବେଳକୁ ୩୦ଟିକିଆ ହାତୀପଲ ମୁର୍ଗାପାଟ ଗ୍ରାମର ତରଣୀ ପାତ୍ରଙ୍କ ଫାର୍ମରେ ପହଞ୍ଚି ଥିଲେ। ତରଣୀ ଦୁଇ ଏକର ଜମିରେ ଧାନ ରୋଇଥିଲେ ହେଲେ ଫସଲକୁ ଯେତିକି ଖାଇ ନଥିଲେ ତାଠୁ ଅଧିକ ମାଡି ନଷ୍ଟ କରିପକାଇଛନ୍ତି। କଦଳୀ ବଗିଚାକୁ ମାଡିଦେଇ ସମ୍ପୂର୍ଣ ଉଜାଡି ପକାଇଛନ୍ତି। ଭଲ କିସମର ଲାଗିଥିବା ଅନେକ ଆମ୍ବ ଗଛକୁ ଖାଇବା ସହିତ ଉପାଡି ପକାଇଛନ୍ତି। ହାତୀପଲ ଯିବା ସମୟରେ ଫାର୍ମରେ ଲାଗିଥିବା ସ୍ପ୍ରିଙ୍କଲର ପ୍ଲାଷ୍ଟିକ ପାଇପକୁ ମାଡି ଭାଙ୍ଗି ଦେଇଛନ୍ତି। ହାତୀ ଦଳରେ ଏକ ଶିଶୁ ଶାବକ ଥିବାରୁ ଦଳଟି ଅନେକ ସମୟ ଧରି ଫାର୍ମରେ ରହିଥିଲେ। ରବିବାର ସକାଳୁ ବନ ବିଭାଗ କର୍ମଚାରୀ ଫାର୍ମକୁ ଯାଇ କ୍ଷତି ହୋଇଥିବାର ଦେଖିଥିଲେ।





ଆସୁଛନ୍ତି ମା'

### ପାର୍ବଣ ପାଇଁ ବାରିପଦା ଉତ୍ସବମୁଖର

# ସରିଲା ବିଲ୍ୱବରଣ; ଆଜି ମହାସପ୍ତମୀ









**ବାରିପଦା, ୨୮।୯(ସମିସ)**

ଚଳିତବର୍ଷ ମା'ଙ୍କର ଆଗମନ ପାଇଁ ବାରିପଦା ସହରର ଉତ୍ସବମୁଖର ହୋଇଉଠିଛି। ସହର ତଥା ଆଖପାଖରେ ୩୦ଟି ସ୍ଥାନରେ ଦୁର୍ଗାମେଢ ପାଇଁ ପ୍ରସ୍ତୁତି ଶେଷ ହେବା ପରେ ଆଜି ବିଲ୍ୱବରଣ ସରିଛି। ପାରମ୍ପରିକ ରୀତିନୀତି ଅନୁସାରେ ବ୍ରାହ୍ମଣ କର୍ତ୍ତାଙ୍କ ସହିତ ବେଲଗଛ ନିକଟକୁ ଯାଇ ବରଣ କରି ମଣ୍ଡପକୁ ଫେରିଛନ୍ତି। ସୋମବାର ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ମୃଣ୍ମୟ ମୂର୍ତ୍ତି ଓ ମଣ୍ଡପ ଆକର୍ଷଣୀୟ ସାଜସଜ୍ଜାରେ ଝଟକୁଛି। ମୟୂରଭଞ୍ଜ ରାଜ୍ୟର ମହାରାଜା କୃଷ୍ଣଚନ୍ଦ୍ରଭଞ୍ଜ ଦେଓଙ୍କ ରାଜତ୍ୱ କାଳରୁ ରାଜପ୍ରସାଦ ପରିସରରେ ଥିବା କିଚକେଶ୍ୱରୀ ମନ୍ଦିର ସମ୍ମୁଖ ଦେବୀମାଳା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ୧୦୩ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନର ବାସିନ୍ଦା ଲଳିତମାଧବ ପ୍ରହରାଜ ପାରିବାରିକ ବ୍ୟବସ୍ଥା ମଧ୍ୟରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରୁଛନ୍ତି। ତାଙ୍କ କହିବାନୁଯାୟୀ, ଶହେ ବର୍ଷ ପୂର୍ବେ ତାଙ୍କ ପୂର୍ବପୁରୁଷ ରଘୁନାଥ ଗଡ଼ୁଆ ନଦିଆ ନବଦୀପରୁ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଆଣି ନିଜ ଘରେ ପୂଜାର୍ଚ୍ଚନା କରୁଥିଲେ। କିନ୍ତୁ ସେ ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅନୁରୋଧ କ୍ରମେ ସେହିମୂର୍ତ୍ତିକୁ ସାର୍ବଜନୀନ ଭାବେ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସାଳୟ ଓ ଗୋପବନ୍ଧୁ ଭବନ ସମ୍ମୁଖ ସହିଦ ପଡ଼ିଆଠାରେ ୧୯୩୪ମସିହାରୁ ବଙ୍ଗଳା ପରମ୍ପରା ଅନୁଯାୟୀ, ଦୁର୍ଗାପୂଜା ଚଳିତବର୍ଷ ୯୨ ବର୍ଷରେ ପଦାର୍ପଣ କରିଛି। ଏହାବାଦ ବଡବଜାର ଟାଉନ ଥାନା ନିକଟରେ ସାର୍ବଜନୀନ ଦୁର୍ଗାପୂଜା ଏଥର ୬୯ ବର୍ଷରେ ପହଞ୍ଚିଥିବା ବେଳେ ବାରିପଦା ଷ୍ଟେସନ ଦୁର୍ଗାପୂଜା ୬୮ ବର୍ଷ ଓ ବାରିପଦା ପୌର କାର୍ଯ୍ୟାଳୟ ପରିସରରେ ଦୁର୍ଗାପୂଜା ୬୦ ବର୍ଷରେ ପଦାର୍ପଣ କରିଛି। ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ଫ୍ରେଜର ହଷ୍ଟେଲ ସମ୍ମୁଖରେ ଯୁବ ସଂଘ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଦୁର୍ଗାପୂଜା ୬୪ ବର୍ଷରେ ପଦାର୍ପଣ କରିଥିବା ବେଳେ ବଡବଜାରର ଶ୍ରୀରାଧାମୋହନ ମନ୍ଦିର ମାଉସୀ ବାଡି ଦୁର୍ଗାପୂଜା ୫୭ ବର୍ଷ, ମୁର୍ଗାବାଡି ଗୋଲେଇ ଦୁର୍ଗାପୂଜା ୪୫ ବର୍ଷ ଏବଂ ସୁନାମୁହିଁ ଦୁର୍ଗାପୂଜା ୪୩ ବର୍ଷରେ ପହଞ୍ଚିଛି। ପାଲବଣୀ ତୁଳସୀଚଉରାରେ ଓ ବଡବଜାରର ଶୀତଳା ମନ୍ଦିର ନିକଟ ବନଦୁର୍ଗା ୪୧ ବର୍ଷରେ ପହଞ୍ଚିଛି। କୃଷ୍ଣଚନ୍ଦ୍ର ଗୋଲେଇ ଏବଂ ଦାରୋଗାଡାହି ଗୋଲେଇଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ଏଥର ୩୯ ବର୍ଷରେ ପଦାର୍ପଣ କରିଛି। ଭଞ୍ଜପୁରଠାରେ ସାର୍ବଜନୀନ ଦୁର୍ଗାପୂଜା ୩୮ ବର୍ଷରେ ପହଞ୍ଚିଥିବା ବେଳେ କମଳାନେହରୁ ବାଳିକା ହାଇସ୍କୁଲ ନିକଟରେ ହେଉଥିବା ଦୁର୍ଗାପୂଜା ୩୬ ବର୍ଷରେ ପହଞ୍ଚିଛି। କଟକ ଚାନ୍ଦିନୀଚୌକ ମେଢ଼ ଅନୁରୂପ ବାରିପଦାର ଲାଲବଜାର ଛକ ମା' ଦୁର୍ଗାଙ୍କ ପୂଜା ୩୧ବର୍ଷରେ ପଦାର୍ପଣ କରିଛି। ତକତପୁର ଓ ମଧୁବନ ଦୁର୍ଗାପୂଜା ଏଥର ୨୭ବର୍ଷରେ ପହଞ୍ଚିଥିବା ବେଳେ ମଧୁବନର ବାରୁଣୀରୋଡରେ ବାରୁଣେଶ୍ୱର ଦୁର୍ଗାପୂଜା ଏଥର ୧୬ବର୍ଷରେ ପହଞ୍ଚିଛି। ବାରିପଦା ବାଘଡାରୋଡ, କ୍ଷେତ୍ରପାଟଣା ଓ ବେଲଗଡ଼ିଆ ଆଦି ବିଭିନ୍ନ ସ୍ଥାନରେ ମଧ ଦୁର୍ଗାପୂଜା ଚାଲିଛି। କଲେଜ ଛକ(୪୯ବର୍ଷ)ଓ ଦୋଳିପଡ଼ିଆରେ ହରପାର୍ବତୀପୂଜା ହୋଇଆସୁଛି। ବାଘଡାରୋଡ ମହାବୀର ଦୁର୍ଗାପୂଜା କମିଟି ପକ୍ଷରୁ ଦୁଇବର୍ଷ ଧରି ମଣ୍ଡପ ପୂଜା ଆରମ୍ଭ ହୋଇଛି। ଅପରପକ୍ଷରେ ମା' ଅମ୍ବିକା ମନ୍ଦିର ସହିତ ବିଭିନ୍ନ ପୀଠରେ ଆଜି ସପ୍ତମୀ ପୂଜା ସରିଥିବା ବେଳେ ସୋମବାର ଅଷ୍ଟମୀ ପୂଜା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନ ରଙ୍ଗୀନ ଆଲୋକମାଳାରେ ସଜେଇ ହେବା ସହ ସୁମଧୁର ଗୀତଧ୍ୱନି ଓ ଚଣ୍ଡୀପାଠର ସୁଲଳିତନାଦ ପରିବେଶକୁ ଆଧ୍ୟାତ୍ମିକ ଭାବାବେଗରେ ନିମଜ୍ଜିତ କରିବ।

ଦଶହରା ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମଧ୍ୟରେ ବାରିପଦାର ପ୍ରସିଦ୍ଧ ଦୋଳାଖେଚୁଡ଼ି, ରାମରୋଚକ ଅନ୍ନଭୋଗ ବଣ୍ଟନ, ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବ ପରିବେଶ ଭାବେ ପରିଚୟ ଦେବ। ମେଢ ଦର୍ଶନ, ସର୍ବସାଧାରଣ ପୂଜା ଓ ବଜାର ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶହରା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ରୁଟ ପରିବର୍ତ୍ତନ ପୂର୍ବକ କଟକଣା ଜାରି କରିଛନ୍ତି। ରବିବାର ଦିନ ତମାମ ବିକ୍ଷିପ୍ତ ବର୍ଷା ପାଇଁ ପାର୍ବଣ ମାହଲ ଫିକା ପଡ଼ିଛି।



# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ



**କରଞ୍ଜିଆ, ୨୮।୯(ସମିସ):** କରଞ୍ଜିଆ ଖଣ୍ଡ ରାଷ୍ଟ୍ରୀୟ ସଙ୍ଘ ସେବକ ସଂଘର ଶତାବ୍ଦୀ ବର୍ଷ ଉପଲକ୍ଷେ ଆଜି ପଥ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦେବସ୍ଥଳୀ ଦୋଳପଡ଼ିଆଠାରୁ ପଥ ସଞ୍ଚଳ ବାହାରି କରଞ୍ଜିଆ ନଗର ପରିକ୍ରମା ପରେ ଦୋଳପଡ଼ିଆଠରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଡାକ୍ତର ଜନାର୍ଦ୍ଦନ ଚୌଧୁରୀ, ସଂଘ ଚାଳକ ଜଗବନ୍ଧୁ ମହାନ୍ତ, ମୁଖ୍ୟବକ୍ତା ଭାବରେ ପୂର୍ବ କ୍ଷେତ୍ରର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୁଇଁଆ ଯୋଗଦେଇ ପ୍ରଥମେ ଭାରତ ମାତା ଓ ମାତା ଦୁର୍ଗା, ସଂଘ ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡ ଗେୱାର ଓ ଶ୍ରୀ ଗୁରୁଜୀଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମରେ ହିନ୍ଦୁ ଏକତା, ରାଷ୍ଟ୍ରୀୟ ଭାବନା ନିର୍ମାଣ ଗାଁଗାଁରେ ସୃଷ୍ଟି କରିବା ପରସ୍ପର ମାଧ୍ୟରେ ସଦଭାବନା ରଖି ଭାରତ ମାଆକୁ ପରମ ବୈଭବଶାଳୀ ରାଷ୍ଟ୍ର ଗଠନ କରିବା ଏହାର ମୁଖ୍ୟ ଉଦେଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଖଣ୍ଡ ସେବା ପ୍ରମୁଖ ଅରୁଣ କୁମାର ମହାନ୍ତ ଅତିଥି ପରିଚୟ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୧୭ଟି ବାଛୁରି ବୋଝେଇ ପିକ୍‌ଅପ୍ ଜବତ



**ମହୁଲଡିହା, ୨୮।୯(ସମିସ):** ମହୁଲଡିହା ଥାନା ପୁଲିସ ଆନନ୍ଦପୁର-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ଆନନ୍ଦପୁର ଆଡୁ ଚୋରାରେ ବାଛୁରି ବୋଝେଇ କରି ଆସୁଥିବା ଏକ ପିକଅପ୍ ଭ୍ୟାନକୁ ଜବତ କରି ଥାନାକୁ ଆଣିଛି। ପ୍ରକାଶ ଥାଉ କି, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ ଏନେଇ ବିଶେଷ ସୂତ୍ରରୁ ଖବର ପାଇଥିଲେ। ପରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀଙ୍କ ସହିତ ରବିବାର ଭୋର ୪ଟାରେ ସାତକୋଶିଆରୁ ସୂଚନା ମୁତାବକ ସନ୍ଦେହରେ ଏକ ପିକଅପର ପିଛା କରି ମହୁଲଡିହା-ଭାଲିଆଡାଳ ରାସ୍ତାର ଗୌଡ଼ିଆବାହାଳି ଜଙ୍ଗଲରୁ ଗାଡିଟି ଜବତ କରି ଥାନାକୁ ଆଣିଛନ୍ତି। ମାତ୍ର ପିକଅପର ଡ୍ରାଇଭର ଅନ୍ଧାରରେ କୌଶଳ କ୍ରମେ ଖସିଯାଇଛି। ପିକଅପରେ ୧୭ଟି ବାଛୁରୀର ଗୋଡ଼କୁ ଗୋଡ଼ ଛନ୍ଦି ଗାଡ଼ିରେ ବୋଝେଇ ହୋଇଥିଲା। ବାଛୁରୀ ସହିତ ଗାଡ଼ିଟି ଥାନାକୁ ଆଣି ଥାନାଧିକାରୀ ଆନିମଲ ଆକ୍ଟରେ କେଶ ନମ୍ବର ୯୬/୨୫ରେ ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ପ୍ରାଣୀ ଚିକିତ୍ସକ ସମସ୍ତ ବାଛୁରୀର ସ୍ୱାସ୍ଥ୍ୟ ପରୀକ୍ଷା ପରେ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି।

## ଘର ସମ୍ମୁଖରୁ ୨ଟି ବାଇକ୍ ଚୋରି

**ବାରିପଦା, ୨୮।୯(ସମିସ):** ରଙ୍ଗାମାଟିଆ ଅଞ୍ଚଳରେ ଘର ସମ୍ମୁଖରୁ ୨ଟି ବାଇକ ଚୋରି ହୋଇଛି। ଏନେଇ ବାରିପଦା ସଦର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଅର୍ଜୁନ ମୁର୍ମୁ ରାତିରେ ଘର ସମ୍ମୁଖରେ ବାଇକ ପାର୍କିଂରେ କରିଥିଲେ। ତେବେ ସକାଳୁ ଦେଖିବା ବେଳକୁ ଉକ୍ତ ସ୍ଥାନରେ ବାଇକ ନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ମଙ୍ଗଳ ସିଂ ରାତିରେ ଘର ସମ୍ମୁଖରୁ ବାଇକ ଚୋରି ମଧ ହୋଇଛି। ଦୁଇଟି ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା

# ଯୁବକଙ୍କ ଛାତିରେ ଲୁହାଛଡ଼ ପଶି ମୃତ୍ୟୁ

**ବାରିପଦା, ୨୮।୯(ସମିସ):** ବାଉରା ଛକ ନିକଟରେ ଅଟୋ-ବାଇକ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ଛାତିରେ ଲୁହାଛଡ଼ ପଶିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସାନ ବ୍ରାହ୍ମଣମରା ଗ୍ରାମର ଲାଦୁ ହେମ୍ବ୍ରମ। ସୂଚନାନୁଯାୟୀ, ସେ ତାଙ୍କ ଝିଅକୁ ନେଇ ବାଇକରେ ଘରକୁ ଫେରୁଥିଲେ। ତେବେ ବାଉରା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ତାଙ୍କୁ ମୁଁହାମୁହିଁ ଧକ୍କା ଦେଇଥିଲା। ଯାହାଫଳରେ ସେ ବାଇକରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଲୁହାଛଡ଼ଟି ତାଙ୍କ ଛାତିରେ ପଶି ଯାଇଥିଲା। ଏହାସହିତ ତାଙ୍କ ସାନ ଝିଅର ଗୋଡ ଭାଙ୍ଗିଯିବାରୁ ସେ ମଧ ଆହତ ହୋଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦରରେ ଏକ ମାମଲା ରୁଜୁ କରାଯାଇଛି।

# ଆସନ୍ତା ୧ରୁ ପନ୍ଦରଦିନିଆ ନାଟ୍ୟ କର୍ମଶାଳା

ବାରିପଦା, ୨୮।୯(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂସ୍ଥା ଆନୁକୂଲ୍ୟରେ ବାରିପଦାରେ ୧୫ଦିନିଆ ଏକ କର୍ମଭିତ୍ତିକ ନାଟ୍ୟ କର୍ମଶାଳା ହେବାକୁ ଯାଉଅଛି। ଅକ୍ଟୋବର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଏହି କର୍ମଶାଳାର ନିର୍ଦ୍ଦେଶକ ଭାବେ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର ପୂର୍ବତନ ଅଧକ୍ଷ ଡଃ ନବୀନ କୁମାର ପରିଡ଼ା କାର୍ଯ୍ୟଭାର ତୁଲାଇବେ। ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଧୀର ବଶା ଏଥିରେ ସହଯୋଗ କରିବେ। ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ନୃତ୍ୟ କେନ୍ଦ୍ରରେ କର୍ମଶାଳା ହେବ ଏବଂ ଭାଗ ନେଇଥିବା କଳାକାରମାନଙ୍କ ଦ୍ୱାରା ୧୫ ତାରିଖ ଦିନ ସହିଦ ସ୍ମୃତି ଭବନରେ ନାଟକ ପରିବେଷିତ ହେବ। ୧୬ ବର୍ଷରୁ ୪୦ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରାର୍ଥୀ ୩୦ ତାରିଖ ମଧ୍ୟରେ ୯୪୩୭୨୩୭୮୮୯, ୭୯୭୮୬୯୫୩୯୪ ଓ ୯୭୭୩୭୭୮୭୭୦ ମୋବାଇଲ ନମ୍ବରରେ ଅନଲାଇନ ପଞ୍ଜୀକରଣ କରିପାରିବେ।

# ଦୁଇଦିନିଆ ଅନ୍ତର୍ଦେଶୀୟ ଫାକଲ୍‌ଟି ଡେଭଲପ୍‌ମେଣ୍ଟ କାର୍ଯ୍ୟକ୍ରମ

**ବାରିପଦା, ୨୮।୯(ସମିସ):** ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଓ ମ୍ୟାନେଜମେଣ୍ଟର ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ମିଳିତ ଉଦ୍ୟମରେ ଦୁଇଦିନିଆ ଅନ୍ତର୍ଦେଶୀୟ ଫାକଲ୍‌ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମର ନାୟକ ଅନଲାଇନ ମୋଡ୍‌ରେ ଉଦ୍‌ଘାଟନ କରିଥିବା ବେଳେ ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୁପାମଞ୍ଜରୀ ବେହେରା ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଅଭିପ୍ସା ନାୟକ ବିଶେଷଜ୍ଞମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଦୁଇଦିନ ଧରି ଦେଶ ଓ ବିଦେଶରୁ ବହୁ ବିଶେଷଜ୍ଞ ଆଲୋଚନାରେ ଭାଗନେଇ ନିଜର ମତ ଉପସ୍ଥାପନ କରିଥିଲେ। 'ଜୈବ ବିବିଧତା ପର୍ଯ୍ୟବେକ୍ଷଣ ଏବଂ ସଂରକ୍ଷଣ ଉପରେ ଉଦୀୟମାନ ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ବିଭିନ୍ନ ବକ୍ତା ସେମାଙ୍କର ମତ ରଖିଥିଲେ। ପ୍ରଥମ ଦିବସରେ ବାଂଲାଦେଶ ଷ୍ଟାମଫୋର୍ଡ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନୀ ପ୍ରଫେସର ଅହମଦ କାମରୁଜାମ ମଜୁମଦାର, ପଶ୍ଚିମବଙ୍ଗ ମେଦିନପୁରସ୍ଥିତ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ପ୍ରିୟଙ୍କା ହାଲଦର ମଲ୍ଲିକ, ଅହମଦାବାଦ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ପ୍ରଫେସର ଡ. ରତ୍ନ ଘୋଷଲା, ମହାରାଷ୍ଟ୍ରରୁ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଜନାର୍ଦ୍ଦନ ନେହୁଲ ଭାଗନେଇ ନିଜ ନିଜର ମତ ରଖିଥିଲେ। ଦ୍ୱିତୀୟ ଦିବସରେ ଉପାଧକ୍ଷା ସଂଘମିତ୍ରା ରାଉତଙ୍କ ପୌରାହିତ୍ୟରେ କାର୍ଯ୍ୟକ୍ରମରେ ଗୁଜୁରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସୀମା ରାଉତ, ଓଡ଼ିଶା ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ବିଶ୍ୱଜିତ ମହାପାତ୍ର, ଲକ୍ଷ୍ନୌସ୍ଥିତ ଜାତୀୟ ପରୀକ୍ଷା କେନ୍ଦ୍ର ନିର୍ଦ୍ଦେଶକ ଡ. ବବିତା କୁମାରୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପୁରବୀ ସାଇକିଆ ଯୋଗଦେଇ ବିଷୟ ବସ୍ତୁ ଉପରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଅଧ୍ୟାପକ ଓ ଅଧ୍ୟାପିକା ଏହି କାର୍ଯ୍ୟକ୍ରମ ଭାଗ ନେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗବେଷଣାରତ ବିଶେଷଜ୍ଞ କେଶରୀ ପ୍ରସାଦ ମଧ ଏଥିରେ ଅଂଶଗ୍ରହଣ କରି ଜୈବବିଧାତାର ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଭିଲିପ୍ସା ଗିରି ସହାୟତା କରିଥିଲେ। ଶେଷରେ ଅଧ୍ୟାପିକା କସ୍ତୁରିବା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


# ମୟୂରଭଞ୍ଜ ହେରିଟେଜ୍ ୱାକ୍ସର ୧୮ ତମ ସଂସ୍କରଣ ଆୟୋଜିତ

**ବାରିପଦା, ୨୮।୯(ସମିସ):** ଜିଲ୍ଲାର ଇତିହାସ, ଐତିହ୍ୟ ଓ ପର୍ଯ୍ୟଟନର ପ୍ରଚାରପ୍ରସାର ତଥା ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ମିରର ଓ ମୟୂରଭଞ୍ଜ ଲଭର୍ସ ସଂଗଠନ ଦ୍ୱାରା ଆୟୋଜିତ ହୋଇଆସୁଥିବା 'ମୟୂରଭଞ୍ଜ ହେରିଟେଜ ୱାକ୍ସର ୧୮ତମ ସଂସ୍କରଣ' ଆୟୋଜିତ ହୋଇଯାଇଛି। ବାରିପଦାର ବଡବଜାର ସ୍ଥିତ ମୟୂରଭଞ୍ଜ ରାଜପ୍ରାସାଦ ବା ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ(ଜୁନିୟର କଲେଜ) ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ପ୍ରାଙ୍ଗଣରେ କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ ଅଭିଯାତ୍ରୀ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ସାମିଲ ହୋଇଥିଲେ। ମୟୂରଭଞ୍ଜ ରାଜପ୍ରାସାଦର ଗଠନ ଶୈଳୀ, ନିର୍ମାଣ ଇତିହାସ, ଶାସନ ବ୍ୟବସ୍ଥା ଏବଂ ସେ ସମୟର ଧର୍ମଧାରଣା ଓ ଜୀବନଶୈଳୀ ସମ୍ପର୍କରେ ଅନେକ କଥା ବୁଲିଦେଖିଥିଲେ। ମହାରାଣୀ ସୁମିତ୍ରା ଦେବୀ ଭଞ୍ଜଦେଓଙ୍କ ଦ୍ୱାରା ବାରିପଦାରେ ପ୍ରାରମ୍ଭିକ ଭାବରେ ନିର୍ମିତ ଏହି ରାଜପ୍ରାସାଦରେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ମହାରାଜାମାନଙ୍କ ଦ୍ୱାରା ମଧ ଅନେକ ନିର୍ମାଣ କାର୍ଯ୍ୟ ହୋଇଥିଲା। ଏହି ରାଜପ୍ରାସାଦଟି ଇଂଲଣ୍ଡର ବକିଂହାମ ପ୍ୟାଲେସ ଶୈଳୀରେ ନିର୍ମିତ ଯେଉଁଥିରେ ପାଖାପାଖି ୧୫୬ଟି କକ୍ଷ ରହିଥିଲା। ରାଜପ୍ରାସାଦରେ ମୟୂରଭଞ୍ଜ ଛଉ



ଉନ୍ନତିର ଶିଖର ଛୁଇଁଥିଲା। ଶୟନ କକ୍ଷ ବ୍ୟତୀତ ଦରବାର ହଲ, ମହାରାଜାଙ୍କ କକ୍ଷ, ଶାସନ କାର୍ଯ୍ୟ ନିମନ୍ତେ ବିଶେଷ ହଲ ଇତ୍ୟାଦି ବ୍ୟତୀତ ବର୍ତ୍ତମାନର କଲେଜ ପାଠାଗାରଟି ସେ ସମୟର ମହାରାଣୀଙ୍କ ସ୍ନାନାଗାର ଥିଲା। ଯେଉଁଥିରେ ବେଲଜିୟମର ବ୍ଲୁ ଟାଇଲସ ଲାଗିବା ସହ ସୂର୍ଯ୍ୟାଲୋକରେ କକ୍ଷଟି ନୀଳରଙ୍ଗର ଆଲୋକରେ ଆଲୋକିତ ହୋଇ ଉଠୁଥିଲା। ଏହି ପ୍ରାସାଦର ପଛପଟେ ଥିବା ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣର ସମ୍ମୁଖ ଭାଗରେ ସେ ସମୟରେ ବାରିପଦା ସହରକୁ ବୁଲି ଆସୁଥିବା ଲୋକମାନଙ୍କର ତଥ୍ୟ ରଖିବା ନିମନ୍ତେ ଭିସା କାର୍ଯ୍ୟାଳୟ ଭଳି ଏକ କାର୍ଯ୍ୟାଳୟ ରହିଥିଲା। ଏହି କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ମିରରର ସଦସ୍ୟ କୁମାରେଶ ନାୟକ ଓ ଋଷିରାଜ ପଟ୍ଟନାୟକ ଓ ଅପର୍ଣ୍ଣା ସିଂହ ପରିଚାଳନା କରିଥିଲେ। ଏହା ସହ ଭବିଷ୍ୟତରେ ନିଜ ଜନ୍ମଭୂମିର ଐତିହ୍ୟ ଓ ଇତିହାସର ପ୍ରଚାର ପ୍ରସାର ଓ ସୁରକ୍ଷା ନିମନ୍ତେ ସଂକଳ୍ପ ନେଇଥିଲେ।

# ସମ୍ପାଦକୀୟ



ଜ୍ଞାନ ଯଦି ଶକ୍ତି ହୁଏ, ସୂଚନା ହେଉଛି ସ୍ୱାଧୀନତାର ସୋପାନ।
-କୋଫି ଆନନ୍

ସକାଳ
THE SAKALA

## ଟ୍ରମ୍ପଙ୍କ 'ମାଗା' ସ୍ୱପ୍ନ?

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଆମଦାନୀ ଶୁଳ୍କ ବୃଦ୍ଧି ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସନ୍ତା ଅକ୍ଟୋବର ୧ ତାରିଖରୁ ଆମେରିକାରେ ବ୍ରାଣ୍ଡେଡ୍ ଔଷଧର ଆମଦାନୀ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ ହେବାକୁ ଯାଉଥିବା ବେଳେ ରୋଷେଇ ଉପକରଣ ଉପରେ ୫୦ ପ୍ରତିଶତ, କେତେକ ନିର୍ଦ୍ଦିଷ୍ଟ ଧରଣର ଆସବାବପତ୍ର ଉପରେ ୩୦% ଏବଂ ଗୁରୁଯାନ ଉପରେ ୨୫% ଆମଦାନୀ ଶୁଳ୍କ ଲାଗୁ ହେବ। ଏହି ନିର୍ଦ୍ଦେଶନାମା ସବୁରାଷ୍ଟ୍ର ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ଭାରତୀୟ ଔଷଧ ରପ୍ତାନୀ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ମୁଖ୍ୟତଃ ଭାରତର ଜେନେରିକ୍ ଔଷଧ ଶିଳ୍ପ ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଥିବା ବେଳେ ବ୍ରାଣ୍ଡେଡ ଔଷଧର ରପ୍ତାନୀ ପରିମାଣ ମଧ୍ୟ କିଛି କମ୍ ନୁହେଁ। ଆଶ୍ୱସ୍ତିର ବିଷୟ ଯେ ଭାରତରେ ପ୍ରସ୍ତୁତ ଜେନେରିକ୍ ଔଷଧ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ରୋଷର ଶିକାର ହୋଇନାହିଁ। ଅପରପକ୍ଷରେ ଅସହିଷ୍ଣୁ ଓ ଅବିମୃଶ୍ୟକାରୀ ଟ୍ରମ୍ପ ଯଦି ଭାରତୀୟ ଜେନେରିକ୍ ଔଷଧ ଉପରେ ଆମଦାନୀ ଶୁଳ୍କ ବଢ଼ାଇ ଦିଅନ୍ତି ତେବେ ଭାରତୀୟ ଜେନେରିକ୍ ଔଷଧ ଶିଳ୍ପ ମଧ୍ୟ ଗୁରୁତର କ୍ଷତିଗ୍ରସ୍ତ ହେବ। ଗତ ଆର୍ଥିକ ବର୍ଷରେ ଭାରତ ୩୧, ୬୨୬ କୋଟି ଟଙ୍କାର ଜେନେରିକ୍ ଔଷଧ ଆମେରିକାକୁ ରପ୍ତାନି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସ ସୁଦ୍ଧା ରପ୍ତାନି ପରିମାଣ ୩୨, ୫୦୫ କୋଟି ଟଙ୍କା ଛୁଇଁଛି। ବାସ୍ତବତା ହେଉଛି ଭାରତ ଯଦି ଆମେରିକାକୁ ଜେନେରିକ୍ ଔଷଧ ରପ୍ତାନି ବନ୍ଦ କରିଦିଏ ତେବେ ଆମେରିକାର ଜନସ୍ୱାସ୍ଥ୍ୟ ପରିସ୍ଥିତି ବିଗିଡ଼ିଯିବ। ତେଣୁ ଟ୍ରମ୍ପ ଔଷଧ ବିକଳରେ ତାଟିଆ କାମୁଡ଼ିବା ନ୍ୟାୟରେ ଏବେ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଶୁଳ୍କ ଲାଗୁ କରିଛନ୍ତି।

ଏହି କ୍ରମବର୍ଦ୍ଧିଷ୍ଣୁ ତାରିଫ୍ ବୃଦ୍ଧି ପଛରେ ଟ୍ରମ୍ପ ଆମେରିକାର ଶିଳ୍ପ ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ମାଗା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ନାରାକୁ ସଫଳ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମଦାନୀ ଆତ୍ମନିର୍ଭରଶୀଳ ଆମେରିକା ଏତେ ଶୀଘ୍ର ସ୍ୱାବଲମ୍ବୀ ହେବା ଆଶା କମ୍। ଟ୍ରମ୍ପଙ୍କ 'ମାଗା' ସ୍ୱପ୍ନ ସାକାର ହେବା ବେଳକୁ ତାଙ୍କ କାର୍ଯ୍ୟକାଳ ସରିଯାଇଥିବ। ଏଭଳି ଅଦୂରଦର୍ଶୀ ଚପଳମତି ନିଷ୍ପତ୍ତିମାନଙ୍କର ପରାଭବ ଆମେରିକାବାସୀ ଭୋଗିବା ହିଁ ସାର ହେବ। ଭାରତ ରୁଷ୍‌ରୁ ଇନ୍ଧନ ନ କିଣିଲେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହୋଇଯିବ ନାହିଁ; ବରଂ ୟୁକ୍ରେନ୍‌କୁ ନାଟୋର ସହାୟତା ବନ୍ଦ ହେଲେ ଯାଇ ଏହି ଯୁଦ୍ଧ ସମାପ୍ତ ହେବ। ଆମେରିକା ଚାହିଁଲେ ନାଟୋର ୟୁକ୍ରେନ୍ ସହାୟତା ବନ୍ଦ ହୋଇପାରିବ। ତା' ନ କରି ଅଯଥା ଭାରତ ଉପରେ ରାଗ ଶୁଝାଇଲେ କିଛି ଲାଭ ହେବ ନାହିଁ। ବିଶ୍ୱରେ ଏବେ ଯେଉଁଠାରେ ଯୁଦ୍ଧର ଘନଘଟା ଲାଗିଛି ତା'ସହିତ ଭାରତର ଇନ୍ଧନ କିଣା ନୁହେଁ, ବରଂ ଆମେରିକାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଦାୟୀ। ଟ୍ରମ୍ପ ନୋବେଲ୍ ଶାନ୍ତି ପୁରସ୍କାର ଆଶାରେ ବିଶ୍ୱକୁ ଆହୁରି ଯୁଦ୍ଧର ଘନଘଟା ମଧ୍ୟକୁ ଠେଲି ଦେଲେ ତା'ର ପରାଭବ ଆମେରିକାବାସୀ ଭୋଗିବା ସାର ହେବ। ●

## ବିଦାୟ ମିଗ୍

ଭାରତୀୟ ବାୟୁସେନାର ପୂର୍ବତନ ନାୟକ ତଥା ପାକିସ୍ତାନ ବିପକ୍ଷ ଯୁଦ୍ଧର ନିର୍ଣ୍ଣାୟକ ମିଗ୍-୨୧ ଭାରତମାତାର ସେବାରୁ ବିଦାୟ ନେଇଛି। ୧୯୬୩ ମସିହାରେ ରୁଷ୍ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧଜାହାଜ ଭାରତୀୟ ବାୟୁସେନାରେ ସାମିଲ୍ ହେବା ପରେ ପରେ ଅନେକ ଯୁଦ୍ଧର ସାମ୍ନା କରିଛି। ୧୯୬୫ ଓ ୧୯୭୧ରେ ପାକିସ୍ତାନ ବିରୋଧୀ ଯୁଦ୍ଧରେ ମିଗ୍-୨୧ର ପରାକ୍ରମ ଯୁଦ୍ଧକୁ ଭାରତ ସପକ୍ଷରେ ନିର୍ଣ୍ଣାୟକ କରିଛି। ଏହାଛଡ଼ା ୧୯୯୧ କାରଗିଲ୍ ଯୁଦ୍ଧ ଏବଂ ପରିଣତ ବୟସରେ ୨୦୧୯ ବାଲାକୋଟ୍ ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ମଧ୍ୟ ଅପୂର୍ବ ପରାକ୍ରମ ପ୍ରଦର୍ଶନ କରିଛି। ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା ପ୍ରଦାନ ପରେ ୬୨ ବର୍ଷ ବୟସରେ ଭାରତୀୟ ବାୟୁସେନା ଏକ ଭାବଗମ୍ଭୀର ପରିବେଶରେ ମିଗ୍-୨୧କୁ ଅବସରକାଳୀନ ସମ୍ବର୍ଦ୍ଧନାରେ ବିଦାୟ ଦେଇଛି।

ମିଗ୍-୨୧ କେବଳ ଭାରତୀୟ ବାୟୁସେନାର ଶକ୍ତି ନଥିଲା, ଏହା ଥିଲା ଭାରତ-ରୁଷ୍ ବନ୍ଧୁତ୍ୱ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ନିଦର୍ଶନ। ମିଗ୍-୨୧ ସହିତ ଆହୁରି ଅନେକ ଦେଶପ୍ରେମର ଇତିହାସ ଯୋଡ଼ି ହୋଇ ରହିଛି। ମିଗ୍ ୨୧ର ପ୍ରଥମ ସ୍କ୍ୱାର୍ଡନ୍ ଲିଡର ଦିଲ୍‌ବାଗ୍ ସିଂହ ଭାରତୀୟ ବାୟୁସେନାର ମୁଖ୍ୟ ଭାବେ ପଦୋନ୍ନତି ପାଇଥିଲେ। ଗତ କିଛି ବର୍ଷ ଧରି ଦୁର୍ଘଟଣା ଓ ଯାନ୍ତ୍ରିକ ତ୍ରୁଟିର ଅପବାଦ ଓ ବିବାଦ ଏହା ସହିତ ଯୋଡ଼ି ହୋଇଯାଇଥିଲା। କିନ୍ତୁ ଶେଷଥର ପାଇଁ ରାଜସ୍ଥାନର ବିକାନେର ସ୍ଥିତ ନାଲ୍ ବାୟୁ ସେନା ଘାଟିରେ ଉଡ଼ାଣ ସହିତ ନିଜର କାର୍ଯ୍ୟଦକ୍ଷତା ବଜାୟ ରଖିଥିବା ପ୍ରମାଣ କରିଥିଲା।

ଏହି ସୁପରସୋନିକ୍ ଯୁଦ୍ଧ ବିମାନ ସହିତ ଓଡ଼ିଶାର ସମ୍ପର୍କ ମଧ୍ୟ ଅତୁଟ। ରୁଷ୍ ଜ୍ଞାନକୌଶଳରେ ଭାରତରେ ମିଗ୍ ୨୧ ବିମାନ ନିର୍ମାଣ ଯୋଜନା ସାକାର ହେବା ପରେ କୋରାପୁଟ୍ ଜିଲ୍ଲାର ସୁନାବେଡ଼ାଠାରେ ଦେଶର ପ୍ରଥମ କାରଖାନା ସ୍ଥାପନ ହେଲା। ଏଥିସହିତ ସୁନାବେଡ଼ା ଅନ୍ତର୍ଜାତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମର୍ଯ୍ୟାଦାପୂର୍ଣ୍ଣ ପରିଚୟ ସୃଷ୍ଟି କରିବା ସହିତ ଅନୁନ୍ନତ ଓ ଆଦିବାସୀ ଅଧ୍ୟୁଷିତ କୋରାପୁଟ୍ ଜିଲ୍ଲାର ସାମାଜିକ-ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହାପଛରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ମିଗ୍-୨୧ର ଅବସର ସହିତ ସେହି ସବୁ ସ୍ୱର୍ଣ୍ଣିମ ଅଧ୍ୟାୟ ଇତିହାସର ଅଲିଭା ସ୍ମୃତି ହୋଇ ଚିରକାଳ ରହିଗଲା।

ଗୌରବାବହ ମିଗ୍-୨୧ - ଭାରତ ଓ ଭାରତୀୟଙ୍କ ତରଫରୁ ସଶ୍ରଦ୍ଧ ସଲାମ୍! ●

# ଜନତା ମାତିଲେଣି

ଗୌରୀ ପ୍ରସାଦ ମହାପାତ୍ର

ଶାସନତନ୍ତ୍ରରେ ଭ୍ରଷ୍ଟାଚାର, ସ୍ୱୈରାଚାର ଓ ଅହଂକାର ଗଣବିପ୍ଳବକୁ ଜନ୍ମଦିଏ। କ୍ରମେ ତାହା ହିଂସାର ରୂପ ନେଇ ଇତିହାସରେ କଳଙ୍କିତ ଅଧ୍ୟାୟଟିଏ ଲେଖିଦିଏ, ଅଥଚ କ୍ଷମତା ପରିବର୍ତ୍ତନ ସହିତ ସମ୍ଭାବନାର ନୂଆ ସୂର୍ଯ୍ୟୋଦୟ ହୁଏ। ଇତିହାସ ଏବେ କଡ଼ ଲେଉଟାଇଛି। ଏକଛତ୍ରବାଦ ଓ ସ୍ୱୈରାଚାର ଆକ୍ରାନ୍ତ ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ଜନବିପ୍ଳବର ଧାରା ସମ୍ପ୍ରତି ଗଣତନ୍ତ୍ର ଶାସନରେ ଆତ୍ମପ୍ରକାଶ କରୁଛି। ଚଳିତ ଦଶନ୍ଧିରେ ଗଣବିପ୍ଳବ ଓ ଶାସନ ପରିବର୍ତ୍ତନର ଏକାଧିକ ଘଟଣା କେବଳ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଘଟିବା ଏକ ସଂଯୋଗ ହୋଇ ନ ପାରେ। 'ଯଦି ସେମାନେ ପାରିଲେ ଆମେ କାହିଁକି ନୁହେଁ?' ଆକ୍ରୋଶଜଡ଼ିତ ଅବଚେତନ ମନରେ ଏହି ପ୍ରଶ୍ନଟି ଯେତେବେଳେ ବିବେକ ସହିତ ବାରମ୍ବାର ସଂଘାତ ସୃଷ୍ଟି କରୁଛି ସେତେବେଳେ ସ୍ୱତଃପ୍ରବୃତ୍ତ ଭାବେ ସମଭାବାପନ୍ନ ଜନତା ଅତ୍ୟାଚାର ବିରୋଧରେ ଏକାଠି ହେଉଛନ୍ତି। ତେଣୁ ଚଳିତ ଦଶନ୍ଧିର ପ୍ରାରମ୍ଭରେ ଗଣତାନ୍ତ୍ରିକ ରାଷ୍ଟ୍ର ଶ୍ରୀଲଙ୍କାରେ ଗଣବିପ୍ଳବ ଜନିତ ଶାସନ ପରିବର୍ତ୍ତନର ଯେଉଁ ସଫଳ ପ୍ରୟାସ ଆରମ୍ଭ ହେଲା ତାହା ଅଚିରେ ବାଂଲାଦେଶ, ଇଣ୍ଡୋନେସିଆ ଓ ନେପାଳରେ ପହଞ୍ଚିଗଲା।

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରରେ ବେକାରୀ, ମୁଦ୍ରାସ୍ଫୀତି, ଖାଦ୍ୟାଭାବ, ଅପରାଧ, ଭ୍ରଷ୍ଟାଚାର, ନିଶା କାରବାର, ବାହ୍ୟଶକ୍ତି ଭଳି କେତେକ କାରକର ପ୍ରଭାବରେ ଜନବିପ୍ଳବ ଏକ ସ୍ୱାଭାବିକ ତତ୍ତ୍ୱ, ଯାହା ଉପରୋକ୍ତ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଘଟିଛି। ଏହା କେତେକାଂଶରେ ସତ ହୋଇପାରେ। କିନ୍ତୁ ଏହି ତତ୍ତ୍ୱ ବା ଧାରଣା ଭୁଲ୍ ପ୍ରମାଣିତ ହେବାକୁ ବାଧ୍ୟ, ଯେତେବେଳେ ଆମେରିକା, ଫ୍ରାନ୍ସ, ଇଂଲଣ୍ଡ, ଜାପାନ୍ ଭଳି ବିକଶିତ ରାଷ୍ଟ୍ର ଜନଆକ୍ରୋଶ ପ୍ରଭାବିତ ଶାସନ ପରିବର୍ତ୍ତନର ଉଦାହରଣମାନ ସୃଷ୍ଟି କରୁଛନ୍ତି। ଅଭିନବତାପ୍ରବଣ, ସମୟ-ଅପଚୟକୁଣ୍ଠ ଫ୍ରାନ୍ସର ଯୁବଗୋଷ୍ଠୀ ଯେତେବେଳେ ସୁଶାସନର ପ୍ରତିଷ୍ଠା ପାଇଁ ରାଜରାସ୍ତାକୁ ଓହ୍ଲାଇ ସବୁକିଛି ବନ୍ଦ କରିଦେବା ପାଇଁ ଡାକରା ଦେଉଛନ୍ତି ଛନ୍ତି କିମ୍ବା ଜାପାନର ପ୍ରଧାନମନ୍ତ୍ରୀଙ୍କୁ ଦୁର୍ନୀତିର ଆଶ୍ରୟଦାତା ଅଭିଯୋଗରେ ସର୍ବସାଧାରଣରେ ହତ୍ୟା କରାଯାଉଛି, ସେତେବେଳେ ସ୍ୱତଃ ଏକ ଧାରଣା ସୃଷ୍ଟି ହେଉଛି ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମଧ୍ୟ କ୍ଷମତା ପରିବର୍ତ୍ତନ ପାଇଁ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାର ଧୈର୍ଯ୍ୟ ଆଉ ଜନତାଙ୍କର ନାହିଁ। ତେବେ ଆମେ କ'ଣ କହିପାରିବା ଯେ ରାଜତନ୍ତ୍ରର ବିକଳ୍ପ ରୂପେ ଜନ୍ମ ନେଇଥିବା ଗଣତନ୍ତ୍ର ଏକ ବିଫଳ ପ୍ରୟୋଗ?

କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଉପରୋକ୍ତ ଗଣବିପ୍ଳବମାନଙ୍କର ପୃଷ୍ଠଭୂମି ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ। ଶାସକ ଓ ଶାସିତର ସମ୍ପର୍କର ସେତୁ ହେଉଛି ଗଣତନ୍ତ୍ର। ଏହି ସେତୁର ଢାଞ୍ଚା ଭୁଶୁଡ଼ି ଗଲେ ଶାସିତର ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁଣ୍ଣ ହୁଏ। କ୍ରମବର୍ଦ୍ଧିଷ୍ଣୁ ବୈଷମ୍ୟ ଗଣତନ୍ତ୍ର-ମୋହରିକ୍ତ ପରିବେଶଟିଏ ସୃଷ୍ଟି କରିବାକୁ ଇନ୍ଧନ ଯୋଗାଏ। ଉପରୋକ୍ତ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ତାହା ହିଁ ହୋଇଛି।

ଶ୍ରୀଲଙ୍କାରେ ଗଣତନ୍ତ୍ର ଏକପ୍ରକାର ପରିବାରତନ୍ତ୍ରରେ ପରିଣତ ହୋଇ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ପରିବାରର ଛଅଜଣ ସଦସ୍ୟଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଶାସନ ଚାଲିଥିଲା। ପରିବାର-ସ୍ୱାର୍ଥକୈନ୍ଦ୍ରିକ ଶାସନରେ ବିଶେଷଜ୍ଞ, ପରାମର୍ଶଦାତା, ବୁଦ୍ଧିଜୀବୀଙ୍କ ଭୂମିକା ଗୌଣ ହୋଇଯାଇ ନୀତି ନିର୍ଦ୍ଧାରଣ ବାଟ ହୁଡ଼ିଥିଲା। ଅଦୂରଦର୍ଶୀ ଓ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ବୈଦେଶିକ ମୁଦ୍ରାଭଣ୍ଡାର ଶୂନ୍ୟ ହୋଇଗଲା। ଜନତାଙ୍କୁ ଅତ୍ୟାବଶ୍ୟକ ଜୀବନଧାରଣ ସାମଗ୍ରୀ ଯୋଗାଇବାରେ ସରକାର ବ୍ୟର୍ଥ ହେଲେ। ଅର୍ଥନୈତିକ-ସାମାଜିକ- ମାନବିକ ସଙ୍କଟ ଜନିତ ଆକ୍ରୋଶ ଜନତାଙ୍କୁ ଧୈର୍ଯ୍ୟଚ୍ୟୁତ କରିବାକୁ ବାଧ୍ୟ କଲା। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା ନ କରି ସେମାନେ ଆଇନ ହାତକୁ ନେଇ ଶାସନ ପରିବର୍ତ୍ତନ କଲେ। ନେପାଳରେ ମଧ୍ୟ ଅନ୍ବେବହୁତ ସମାନ ଥିଲା 'ଜେନ୍ ଜେଡ୍' କୁହାଯାଉଥିବା ଯୁବବର୍ଗଙ୍କ ଆକ୍ରୋଶର ପୃଷ୍ଠଭୂମି। କାମଧନ୍ଦା ଅଭାବରୁ ନେପାଳ ନାଗରିକ ରୋଜଗାର ଅନ୍ୱେଷଣରେ ଦେଶାନ୍ତର ହେଉଥିବା ବେଳେ ଶାସକ ବର୍ଗଙ୍କ ପରିବାର ରାଜକୀୟ ବହ୍ୱାଡ଼ମ୍ବରରେ ବିଳାସପୂର୍ଣ୍ଣ ଜୀବନ ଜିଉଁଥିଲେ। ଏହି ଗୁରୁତର ଶାସକ-ଶାସିତ ବୈଷମ୍ୟକୁ ଲୋକଲୋଚନକୁ ଆଣୁଥିବା ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ ଘୋଷଣା କରିବା ପରେ ଛାତ୍ରବର୍ଗଙ୍କ ଅସନ୍ତୋଷ ହିଂସ୍ର-ଆନ୍ଦୋଳନର ରୂପ ନେଲା। ନିର୍ବାଚନୀ ଗଣତନ୍ତ୍ରକୁ ଉପେକ୍ଷା କରି ଜନତା ନିଜ ପସନ୍ଦର ଶାସକ ଚୟନ କଲେ। ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ମନମୁଖି ସଂରକ୍ଷଣ ରାଜନୀତି ଛାତ୍ରସମାଜକୁ ଉତ୍କ୍ଷିପ୍ତ ଓ ହିଂସ୍ର କରିବାକୁ ଯଥେଷ୍ଟ ଥିଲା। ନିର୍ବାଚନ ପ୍ରକ୍ରିୟା ଉପରେ ସେଠାକାର ଜନତା ଭରସା କରିପାରିଲେ ନାହିଁ। ଅପ୍ରତିଦ୍ୱନ୍ଦ୍ୱୀ ଶେଖ ହସିନାଙ୍କୁ ଜନତା ହିଂସାତ୍ମକ ପନ୍ଥାରେ ଗାଦିଚ୍ୟୁତ କରି ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ହାତରେ କ୍ଷମତା ସମର୍ପି ଦେଲେ। ନିର୍ବାଚିତ ସରକାର ତୁଳନାରେ ମନୋନୀତ ସରକାରକୁ ବାଂଲାଦେଶୀମାନେ ବାଛି ନେଲେ। ଏହି ତିନି ଘଟଣାରେ ଗଣତାନ୍ତ୍ରିକ ଶାସନର ଆଧାର ନିର୍ବାଚନ ପ୍ରକ୍ରିୟା ସ୍ୱତଃ ସନ୍ଦେହ ଓ ଅବିଶ୍ୱାସର ଘେରକୁ ଆସିଗଲା। ଗଣତନ୍ତ୍ରର ନୂଆ ନୂଆ ସ୍ୱାଦ ଚାଖିଥିବା ଇଣ୍ଡୋନେସିଆରେ ନିର୍ବାଚିତ ଜନପ୍ରତିନିଧିମାନେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ସମସ୍ୟାର ସମାଧାନ ବଦଳରେ ନିଜ ପାଉଣା ବଢ଼ାଇବା ପାଇଁ ତତ୍ପର ହୋଇପଡ଼ିଲେ। ଗଣତନ୍ତ୍ରରେ ଜନମଙ୍ଗଳ ତୁଳନାରେ ଜ୍ଞାତିପ୍ରୀତିତୋଷଣ ଗୁରୁତ୍ୱ ପାଇବାରୁ ଜନଆକ୍ରୋଶ ଅଧିକ ଉଗ୍ର ହୋଇ ହିଂସାର ରୂପ ନେଲା।

ବିକଶିତ ରାଷ୍ଟ୍ର ଫ୍ରାନ୍ସରେ ଆତ୍ମକୈନ୍ଦ୍ରିକ ନୀତି ଯୋଗୁଁ ଋଣପାହାଡ଼ ସହିତ ବିତ୍ତୀୟ ନିଅଣ୍ଟ ବଢ଼ିଚାଲିଲା। ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ସ୍ୱାଧୀନତା ଓ ଭବିଷ୍ୟତ ବିପନ୍ନ ହେଉଥିବା ଅନୁଭବ କରି ଫରାସୀମାନେ ରାଜରାସ୍ତାକୁ ଓହ୍ଲାଇଲେ। ୨୦ ମାସରେ ଚାରିଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହେଲା। ଗଣତାନ୍ତ୍ରିକ ରାଷ୍ଟ୍ର ଜାପାନରେ ୧୯୯୫ରୁ କ୍ରମାଗତ କ୍ଷମତାସୀନ 'ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି'ର ଆର୍ଥିକ ପରିଚାଳନାରେ ଅନିୟମିତତା, ନିଯୁକ୍ତି ଓ ମଜୁରୀ ବୃଦ୍ଧିରେ ସ୍ଥାଣୁତା, ମାନବ ସମ୍ବଳ ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଜନସାଂଖ୍ୟିକ ବୈଷମ୍ୟ ଓ ଦୁର୍ନୀତି ନାଗରିକଙ୍କୁ ଏତେ ଅତିଷ୍ଠ କଲା ଯେ ୨୦୨୨ ଜୁଲାଇରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ଏକ ସାଧାରଣ ସଭାରେ ଗୁଳି କରି ହତ୍ୟା କରାଗଲା। ଶାସକ ଦଳର ୪୫ ଜଣ ନୀତି ନିର୍ଦ୍ଧାରକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି ଏବଂ ଦୁର୍ନୀତି ଯୋଗୁଁ ଜାପାନ୍ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତିର ମାନ୍ୟତା ହରାଇଛି। ତେଣୁ ଜନବିପ୍ଳବ ପାଇଁ ଗଣତନ୍ତ୍ରକୁ ଦୋଷ ନ ଦେଇ ଗଣତନ୍ତ୍ର ଆଳରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଦୋଷ ଦେବା ଅଧିକ ପ୍ରାସଙ୍ଗିକ ହେବ।

ଉପରୋକ୍ତ ପୃଷ୍ଠଭୂମିରେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତର ସ୍ଥିତି ଓ ଭବିଷ୍ୟତକୁ ଅନୁଶୀଳନ କଲେ ଦୃଢ଼ ଆଶାର ଆଲୋକରେଖା ମଝିରେ ସଂଶୟର ଛାଇଟିଏ ବେଳେବେଳେ ଆତ୍ମପ୍ରକାଶ କରେ। ଭାରତୀୟ ଗଣତନ୍ତ୍ରର ଆତ୍ମା ହେଉଛି ଏହାର ସମ୍ବିଧାନ, ଯାହା ଅହିଂସାରେ ଅଭିମନ୍ତ୍ରିତ ଏବଂ ଐକ୍ୟ, ସାମ୍ୟ, ଧର୍ମନିରପେକ୍ଷ, ଭ୍ରାତୃତ୍ୱ ଓ ସଂହତି ଅମୋଘ କବଚରେ ସୁରକ୍ଷିତ। ତେଣୁ ଭାରତରେ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ଆଶଙ୍କିତ ହେବାର କୌଣସି କାରଣ ନାହିଁ। ଏହି ଅବଧାରଣା ବିଜଡ଼ିତ ଆତ୍ମବୋଧ ଆହୁରି ଦୃଢ଼ ହେଉଛି ଯେତେବେଳେ ଭାରତର ସ୍ୱାଧୀନତା ସହିତ ସମାନ ସମୟରେ ଜନ୍ମ ନେଇଥିବା ପାକିସ୍ତାନ ଗଣତନ୍ତ୍ରର ଦୁରବସ୍ଥାକୁ ଆମେ ତୁଳନା କରୁଛୁ। ତଥାପି କେଉଁଠି ନା କେଉଁଠି 'କିନ୍ତୁ' ଟିଏ ରହିଯାଉଛି ଏବଂ ସଂଶୟର ପ୍ରଶ୍ନଟିଏ ଆଙ୍କି ହୋଇଯାଉଛି।

ଉପରୋକ୍ତ ଆଶା ଓ ଆଶଙ୍କା ମଧ୍ୟରେ ନିଷ୍କର୍ଷଟିଏ ଖୋଜିବା ବେଳେ ଆମେରିକା ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ତଥା ଦ୍ୱିତୀୟ ରାଷ୍ଟ୍ରପତି ଜନ୍ ଆଡାମ୍ ସ୍ମରଣକୁ ଆସନ୍ତି। ତାଙ୍କ ମତରେ ଗଣତନ୍ତ୍ର ପ୍ରତି ୪୦/୫୦ବର୍ଷରେ କଡ଼ ଲେଉଟାଏ। ଭାରତୀୟ ଗଣତନ୍ତ୍ର ଶେଷଥର ପାଇଁ କଡ଼ ଲେଉଟାଇଥିଲା ୧୯୭୭ ମସିହାରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର ଘୋଷଣା ପରବର୍ତ୍ତୀ ସାଧାରଣ ନିର୍ବାଚନ ସହିତ। ୨୦୨୭ରେ ଏହାର ୫୦ ବର୍ଷ ପୂରିବାକୁ ଯାଉଛି। ତେଣୁ ଆଗାମୀ ଦୁଇବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର। ୨୦୨୭ ଜନଗଣନା ସହିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ(ଡିଲିମିଟେସନ୍), ଲୋକସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ପରି ଯୁଗାନ୍ତକାରୀ ବିବର୍ତ୍ତନ ଭାରତୀୟ ଗଣତନ୍ତ୍ରର ଏହି ସନ୍ଧିକ୍ଷଣରେ ଘଟିବାକୁ ଯାଉଛି। ଡିଲିମିଟେସନ୍ ପ୍ରଭାବର ପୂର୍ବାଭାସ କେତେକାଂଶରେ ଅନୁଭୂତ ହୋଇସାରିଛି। ଆଗାମୀ ଜନଗଣନା ଜାତିଭିତ୍ତିକ ହେଉଥିବାରୁ ଜାତିଗତ ସଂରକ୍ଷଣ ଦାବି ଆହୁରି ଜୋରଦାର ହେବା ସ୍ୱାଭାବିକ। ସଂରକ୍ଷଣ ପ୍ରସଙ୍ଗ ସହିତ ବିଗତ ଶତାବ୍ଦୀର ୯୦ଦଶକର ମଣ୍ଡଳ ଆୟୋଗ ସୁପାରିସ୍ କାର୍ଯ୍ୟକାରୀ ଘୋଷଣା ଜନିତ ଦୁଃସ୍ଥିତି ସ୍ମରଣକୁ ଆସିଯାଉଛି। କ୍ଷମତା ରାଜନୀତି ଓ ନିର୍ବାଚନୀ ରଣନୀତିରେ 'ସଂରକ୍ଷଣ-ଅସ୍ତ୍ର' କିଭଳି ନାରକୀୟ ହୋଇପାରେ ମଣିପୁରର ଧୂଆଁ ଆମକୁ ଅହୋରାତ୍ର ଚେତାଇ ଦେଉଛି। ନିର୍ବାଚନୀ ପ୍ରତିଶ୍ରୁତି ଓ ପ୍ରତାରଣା କିଭଳି ଗଣଆନ୍ଦୋଳନର ରୂପ ନିଏ, ତାହାର ଝଲକ୍ ଲଦାଖରେ ଦେଖିବାକୁ ମିଳିଛି। ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ସନ୍ଦେହ ଘେରକୁ ଆସିଛି, ତିନିଶହରୁ ଉର୍ଦ୍ଧ୍ୱ ସାଂସଦ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଜନବିପ୍ଳବର ଅବାଞ୍ଛିତ ବିଷ ଜ୍ୱାଳାରୁ ଭାରତୀୟ ଗଣତନ୍ତ୍ରକୁ ମୁକ୍ତ ରଖିବାକୁ ହେଲେ ଆତ୍ମଶ୍ରେୟର ଆତୁରତା ପରିହାର କରି ଜନତା, ବିଶେଷକରି ଯୁବବର୍ଗର ଅସନ୍ତୋଷର ଅନ୍ତଃସ୍ରୋତକୁ ସଯତ୍ନଶୀଳ ଅନୁଶୀଳନରେ ତତ୍ପରତା ଆବଶ୍ୟକ। ସାରା ବିଶ୍ୱରେ ଜନତା ମାତିଲେଣି - ଏଥିପ୍ରତି ହେୟଜ୍ଞାନ କିମ୍ବା ଅବହେଳା ଇତିହାସରେ 'ଅକ୍ଷମଣୀୟ' ପରି ଶବ୍ଦଟିଏ ସ୍ୱତଃ ଲେଖି ହୋଇଯିବ। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ପୁସ୍ତକ ପଠନ ଓ ସୁସ୍ୱାସ୍ଥ୍ୟ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବିବ୍ଲିଓଫିଲା! କ'ଣ ଏହାର ଅର୍ଥ? ଏହାର ଅର୍ଥ 'ପୁସ୍ତକ ପ୍ରତି ପ୍ରେମ'। ତା'ହେଲେ ବିବ୍ଲିଓଫାଇଲ'ର ଅର୍ଥ ପୁଣି କ'ଣ? ଏହାର ଅର୍ଥ ପୁସ୍ତକପ୍ରେମୀ'। ଗ୍ରନ୍ଥ ବୋଇଲେ କେବଳ ଜ୍ଞାନର ଆଧାରକୁ ବୁଝାଏ ନାହିଁ।। ଗ୍ରନ୍ଥ ପ୍ରକୃତରେ ଏକ ବଶୀକୃତ କରିଦେଇ ପାରୁଥିବାର ଗ୍ରନ୍ଥିର ନାମ। ଏହା ଗ୍ରନ୍ଥଟିଏ ସହିତ ସଂଯୁକ୍ତ ହୋଇପାରିଲେ ହିଁ ଏହି ଦୃଶ୍ୟମାନ ଜଗତରେ ଖୋଲିଯାଏ ବିସ୍ମୟରେ ଦ୍ୱାର। ସେଠାରେ କିଛି ଆଉ ଅସମ୍ଭବ ପ୍ରତୀୟମାନ ହୁଏନି।

ବହିକୁ ନେଇ ଭାବନା ଭାରତୀୟମାନଙ୍କଠାରେ କିଛି କମ ନୁହେଁ। ଅଥଚ ପାଠକ? ଭାରତୀୟମାନେ କ'ଣ ସତରେ ବିଦଗ୍ଧ ପାଠକ ହୋଇପାରିଛନ୍ତି? ନହେଲେ କାହିଁକି ପ୍ରଖ୍ୟାତ ସାହିତ୍ୟିକ ମୁଲକ ରାଜ ଆନନ୍ଦ ଆକ୍ଷେପ କରି କହିଥା'ନ୍ତେ – ଭାରତୀୟମାନେ ବହି ପଢ଼ିବାରେ ବଡ଼ ବିମୁଖ! କଥାଟା ଆଂଶିକ ସତ। ଭାରତୀୟମାନେ ପଢ଼ିବା ପାଇଁ ନୁହେଁ, ବରଂ ଗପ ଶୁଣିବା ପାଇଁ ଭଲ ପାଆନ୍ତି। ତେବେ ଶୁଣିବାର ଯଦି କ୍ଷୁଧା ଅଛି, ସେତେବେଳେ ପଢ଼ିବାର ଧୈର୍ଯ୍ୟଟିକୁ ଅବଶ୍ୟ ତିଆରି କରାଯାଇପାରିବ। କିନ୍ତୁ ଏହି ଲାଭକ୍ଷତିର ଦୁନିଆରେ ବହି ପଢ଼ି କି ଫାଇଦା, ତାହା ଟିକିଏ ଆଲୋଚନା କରାଯାଉ।



ବହି ପଢ଼ିଲେ ବୃଦ୍ଧିପାଏ ମନୋଯୋଗ, ସ୍ମୃତିଶକ୍ତି। ବହିଟିର ପ୍ରତିଟି ଧାଡ଼ି ମସ୍ତିଷ୍କରେ ତିଆରି କରି ପକାଏ ନୂଆ ନୂଆ ଛବି। ଫଳରେ କଳ୍ପନା ଶକ୍ତି ବଢ଼େ। ସଂପ୍ରତି ଦୈନନ୍ଦିନ ଜୀବନର ନାନା ଚାପ ଯୋଗୁଁ ଏକ ଅଦ୍ଭୁତ ଜୀବନ୍ତ କଳରେ ମଣିଷର ଜୀବନ ନିରନ୍ତର ପେଷି ହେବାରେ ଲାଗିଛି। ତା'ରି ଭିତରେ ଟିକିଏ ସମୟ ବାହାର କରି ବହିର ଅକ୍ଷରଗୁଡ଼ିକର ଭିଡ଼ ଭିତରେ ଟିକିଏ ହଜି ଯାଇ ପାରିଲେ ହିଁ ଅର୍ଦ୍ଧେକ ଯୁଦ୍ଧରେ ବିଜୟ। କାରଣ ତାହା ଉଦ୍ଦୀପିତ କରେଇ ଦେବ ପାରାସିମ୍ପାଥେଟିକ ନର୍ଭକୁ। ପାରାସିମ୍ପାଥେଟିକ ନର୍ଭ ଉଦ୍ଦୀପତ ହେଲେ ତାହା ମାନସିକ ଭାବରେ ଶାନ୍ତ କରିଦେବାରେ ସହାୟକ ହୋଇଥାଏ। ଫଳରେ ଦୂରୀଭୂତ ହୋଇଯାଏ ଉଦ୍‌ବେଗ ଓ ଉତ୍କଣ୍ଠା। ମୃଦୁ ଧରଣର ମାନସିକ ଅବସାଦଗ୍ରସ୍ତ ଥିଲେ ବହି ପଢ଼ିବା ଦ୍ୱାରା ବିଶେଷ ଉପକାର ମିଳେ। ଅନିଦ୍ରା ଭୋଗୁଥିଲେ ରାତିରେ ଶୋଇବାକୁ ଯିବା ପୂର୍ବରୁ ବିନୋଦନମୂଳକ ବହି ପଢ଼ିଲେ ନିଦ ଆସିବା ସୁଗମ ହୋଇଯାଏ। ବହି ପଢ଼ିଲେ ନୂତନ ନୂତନ ଶବ୍ଦ ସଞ୍ଚିତ ହୋଇପଡ଼େ ସ୍ମୃତି ଭଣ୍ଡାରରେ। ଏହି ପ୍ରକ୍ରିୟା ଆଲଜିମରସ, ଡିମେନସିଆ ଭଳି ସ୍ମୃତି ଭ୍ରଂଶରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କାକୁ ହ୍ରାସ କରିଦେବାରେ ସାହାଯ୍ୟ କରେ।

ଏସବୁ ଗଲା ଶରୀର ଓ ମନର ଫାଇଦା। ଏବେ ଆସିବା ଦର୍ଶନଗତ ଦିଗକୁ। ଆମେ ସମସ୍ତେ ଜୀବନରେ ବିବିଧ ପର୍ଯ୍ୟାୟ ମଧ୍ୟ ଦେଇ ଗତିକରୁ। ବେଳେ ବେଳେ ପୁଣି ଏପରି କଠିନ ସମୟ ଆସିପହଞ୍ଚିଯାଏ, ଯେତେବେଳେ କ'ଣ କରିବା ପାଇଁ ପଡ଼ିବ ଆମକୁ କୌଣସି ବୁଦ୍ଧିବାଟ ଦିଶେନି। ସେତେବେଳେ କିନ୍ତୁ ବହି ହୋଇଉଠେ ପଦପ୍ରଦର୍ଶନର ମଶାଲ ସ୍ୱରୂପ। ଜୀବନର ବିରାଟ ପ୍ରେକ୍ଷାପଟରେ 'ମୁଁ' ନାମକ ଜୀବଟିର ଉଦ୍ଦେଶ୍ୟକୁ ପରିଷ୍କାର କରିଦେଇପାରେ ବହି। ଜୀବନ ସଂପର୍କରେ ଆମର ଉପଲବ୍ଧିକୁ ବଦଳେଇ ଦେଇ ଅବତୀର୍ଣ୍ଣ ହୋଇପଡ଼େ ସାନ୍ତ୍ୱନା ପ୍ରଦାନକାରୀ ଭୂମିକାରେ। ବହି ଆମକୁ କରେ ସହାନୁଭୂତିଶୀଳ, ସମାନୁଭୁତିଶୀଳ। ଆମର ମନୋଭୂମିକୁ ଉର୍ବର କରିବାରେ ବହିର ବିକଳ୍ପ ନାହିଁ।

ପୁନଶ୍ଚ ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ ଉତ୍କୃଷ୍ଟମାନର ରୋମାଞ୍ଚକର ପୁସ୍ତକ ପଠନ ବୃଦ୍ଧି କରିଥାଏ ବିଶ୍ଳେଷଣ କରିପାରିବାର ମନୋଭାବ ଓ ଦକ୍ଷତା। ଏପରିକି ଅନୁମାନ କରିପାରିବାର କ୍ଷମତା ବଢ଼େଇବାରେ ବି ସହାୟକ ହୋଇଥାଏ ପୁସ୍ତକ ପଠନ। ମସ୍ତିଷ୍କକୁ ରଖିପାରେ ସକ୍ରିୟ। ଭଲ ଭଲ ବହି ପଢ଼ିବାର ଅଭ୍ୟାସ ଥିଲେ ବିଭିନ୍ନ ଆଲୋଚନାର ଆସରରେ ତାହା ପାଠକକୁ କରିଦିଏ ଆକର୍ଷଣର କେନ୍ଦ୍ରବିନ୍ଦୁ। ନିରସ ଆଲୋଚନାକୁ କରିଦେଇ ହୁଏ ସରସ ତଥା ଚିତ୍ତାକର୍ଷକ।

ଏବେ ଛାତ୍ରଛାତ୍ରୀମାନେ ପୁସ୍ତକ ପଠନ ପରିବର୍ତ୍ତେ ବେଶୀ ପସନ୍ଦ କରୁଛନ୍ତି ପିଡିଏଫରୁ ତଥ୍ୟ ସଂଗ୍ରହ କରିବା ପାଇଁ। ପୁସ୍ତକ ପଠନରୁ ମିଳେ ଏକ ସ୍ୱର୍ଗୀୟ ସ୍ପର୍ଶ, ସ୍ୱାଦ, ପୁସ୍ତକର ଗନ୍ଧ ଓ ଆବେଗ। ଏହା ପିଡିଏଫରୁ ମିଳିନ ଥାଏ। ତା'ଛଡ଼ା ପିଡିଏଫ ତୁଳନାରେ ବହିରେ ଲେଖା ତଥ୍ୟ ଦୀର୍ଘ ଦିନ ଧରି ମନେ ରହେ।

ମୋବାଇଲରେ ସ୍କ୍ରିନ ପ୍ରଦତ୍ତ ଭିଡିଓ ତଥ୍ୟ ପ୍ରଦାନ କରିଥାଏ ଭସାଭସା ଜ୍ଞାନ। କିନ୍ତୁ ପୁସ୍ତକ ପଠନରୁ ଆହରଣ କରିଥିବା ଜ୍ଞାନ ପ୍ରବେଶ କରିଥାଏ ମସ୍ତିଷ୍କର ଖୁବ୍ ଗଭୀରତାକୁ। ସେଥିପାଇଁ ସନ୍ତାନକୁ ପ୍ରକୃତ ଶିକ୍ଷିତ କରିବା ପାଇଁ ଚାହିଲେ ତା' ହାତରେ ମୋବାଇଲ ଧରେଇ ନ ଦେଇ ବରଂ ଧରେଇ ଦିଅନ୍ତୁ ବହି। ●

କଟକ, ମୋ: ୯୪୩୭୭୬୬୧୧୭

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଅଶ୍ୱଗନ୍ଧା

ସୌଭାଗ୍ୟସୁନ୍ଦର

ଅଶ୍ୱଗନ୍ଧା ହେଉଛି ଭାରତୀୟ ଉପମହାଦେଶ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ ୟୁରୋପର ଏକ ଚିରହରିତ ଉଦ୍ଭିଦ। ଏହା ଭାରତର ଶୁଷ୍କ ଅଞ୍ଚଳରେ ବିତରିତ। 'ଅଶ୍ୱଗନ୍ଧା' ନାମଟି ସଂସ୍କୃତ ଶବ୍ଦ 'ଅଶ୍ୱ'ର ମିଶ୍ରଣ, ଯାହାର ଅର୍ଥ 'ଘୋଡ଼ା' ଏବଂ 'ଗନ୍ଧା', ଯାହାର ଅର୍ଥ 'ଗନ୍ଧ'। ଏହା ପ୍ରତିଫଳିତ କରେ ଯେ ଏହାର ମୂଳରେ ଏକ ତୀବ୍ର, ଘୋଡ଼ା ମୂତ୍ର ପରି ଗନ୍ଧ ଅଛି। କିନ୍ତୁ ସାଧାରଣତଃ ଏହି ନାମର ଅର୍ଥ ହେଉଛି - 'ଘୋଡ଼ାର ଶକ୍ତି ଓ ଯୌନ ଜୀବନ ଶକ୍ତି ପ୍ରଦାନ'।

ଅଶ୍ୱଗନ୍ଧା ଉଦ୍ଭିଦ ଏକ ମଧ୍ୟମ ଆକାରର ବହୁବର୍ଷୀୟ ବୁଦା ବା ଗୁଳ୍ମ, ୧ ରୁ ୨ ମିଟର ଉଚ୍ଚ ଓ ସିଧା। ଡାଳଗୁଡ଼ିକ ଧୂସର ମାଟିଆ ଗାଢ଼ ରଙ୍ଗ। ପତ୍ରଗୁଡ଼ିକ ୫-୧୦ ସେମି ଲମ୍ବା, ଫିକା ସବୁଜ, ସରଳ, ବିକଳ୍ପ, ଅଣ୍ଡାକାର। ସାଧାରଣତଃ ସମ୍ପୂର୍ଣ୍ଣ ଗଛଟି ସୂକ୍ଷ୍ମ ଲୋମ ଦ୍ୱାରା ଆଚ୍ଛାଦିତ। ଏହାର ମୂଳ ଲମ୍ବା ମାଂସଳ କନ୍ଦମୂଳ ଭଳି। ଏହି ଗଛଟିର ପତ୍ର ଅକ୍ଷରେ ପୁଷ୍ପୋଦଗମ ୪-୨୫ ଟି ଫିକା ସବୁଜ ଫୁଲ ଏକ ସାଇମୋଜ୍ ବା ସ୍ତବକ ସସୀମ ଗୁଚ୍ଛ ଧାରଣ କରେ। ଏହାର ଫୁଲଗୁଡ଼ିକ ସାଧାରଣତଃ ଛୋଟ ଏକକ କିମ୍ବା ଦ୍ୱୈତଲିଙ୍ଗୀ। କୋରୋଲା ବା ଦଳ ମଣ୍ଡଳ ୫ ଟି ପାଖୁଡ଼ାକୁ ନେଇ ଗଠିତ ଯାହା ଘଣ୍ଟି ଆକୃତିର, ୫-୮ ମିମି ଲମ୍ବା ଏବଂ ହାଲୁକା ହଳଦିଆରୁ ହଳଦିଆ-ସବୁଜ ରଙ୍ଗର। ଅଶ୍ୱଗନ୍ଧା ଫଳ ସାଧାରଣତଃ ଏକ ଗୋଲାକାର କେଶହୀନ ବେରି, ୫-୮ ମିମି ବ୍ୟାସ ଏବଂ ବର୍ଦ୍ଧିତ କ୍ୟାଲିକ୍ସ ବା ବୃତି ମଣ୍ଡଳ ଦ୍ୱାରା ଆଚ୍ଛାଦିତ ଥାଏ। ବିହନଗୁଡ଼ିକ ସାଧାରଣତଃ ଅନେକ, ଗୋଲାକାର ବା ବୃକକ୍ ଆକୃତିର ଏବଂ ହଳଦିଆ। ଫୁଲ ଫୁଟିବା ଏବଂ ଫଳ ଧରିବା ସମୟ ସାଧାରଣତଃ ଅକ୍ଟୋବରରୁ ଆରମ୍ଭ ହୋଇଥାଏ।

ଅଶ୍ୱଗନ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ, ଯାହା ପାରମ୍ପରିକ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଅପାର ଚିକିତ୍ସା ଉପଯୋଗୀ। ଏହାକୁ ବେଦରେ ଏକ ଔଷଧୀୟ ଟନିକ୍ ଓ ସ୍ୱାସ୍ଥ୍ୟ ଖାଦ୍ୟ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିରେ 'ଭାରତୀୟ ଜିନସେଙ୍ଗ' ଭାବରେ ବିବେଚିତ କରାଯାଇଛି। ଉଦ୍ଭିଦ, ବିଶେଷକରି ଏହାର ମୂଳ ପାଉଡର, ପାରମ୍ପରିକ ଭାରତୀୟ ଔଷଧରେ ଶତାବ୍ଦୀ ଧରି ବ୍ୟବହୃତ ହୋଇଆସୁଛି। ଏହା 'ନିଦ୍ରା ଆଣିଥାଏ' ଔଷଧ ଭାବରେ ଜଣାଶୁଣା ଏବଂ ଅନିଦ୍ରାରୋଗ ଚିକିତ୍ସାରେ ବ୍ୟବହାର କରାଯାଏ। ଏହା ସାଧାରଣ ଚିନ୍ତା ବ୍ୟାଧିର ଚିକିତ୍ସାରେ ଉପଯୋଗୀ। ଅଶ୍ୱଗନ୍ଧା ସାଧାରଣତଃ ମୂଳ କିମ୍ବା ପତ୍ର ପାଉଡର କିମ୍ବା ନିର୍ଗମ ଧାରଣ କରି ଏକ ଖାଦ୍ୟ ପରିପୂରକ ଭାବରେ ବିକ୍ରି ହୁଏ। ସବୁଠାରୁ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟରେ ପତଳା ଝାଡ଼ା, ମୁଣ୍ଡବିନ୍ଧା, ମାନ୍ଦା ଓ ବାନ୍ତି ଅନ୍ତର୍ଭୁକ୍ତ। ଗର୍ଭାବସ୍ଥାରେ କିମ୍ବା ହରମୋନ-ସମ୍ବେଦନଶୀଳ ଅବସ୍ଥା ଥିବା ଲୋକଙ୍କଠାରେ ଏହାକୁ ଏଡ଼ାଇ ଦିଆଯିବା ଉଚିତ। ବିଶେଷକରି ଯକୃତ ରୋଗୀ ଏବଂ ହରମୋନ-ସମ୍ବେଦନଶୀଳ ପ୍ରୋଷ୍ଟେଟ୍ କର୍କଟ ଥିବା ଲୋକଙ୍କ ଦ୍ୱାରା ଅଶ୍ୱଗନ୍ଧାର ବ୍ୟବହାର ଏଡ଼ାଇ ଦିଆଯିବା ଉଚିତ। ଅଶ୍ୱଗନ୍ଧାର ମୁଖ୍ୟ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନ, ମୁଖ୍ୟତଃ ମୂଳରେ ଫ୍ଲାଭନ୍, ଅଏଡ୍ସ, ଆଲକାଲଏଡ୍ସ, ଷ୍ଟେରଏଡ୍ ଏବଂ ଅନେକ ସକ୍ରିୟ କାର୍ଯ୍ୟକ୍ଷମ ଉପାଦାନ ରହିଛି, ଯେଉଁଥିରେ ୱିଥାନୋଲାଇଡ୍ସ, ଟ୍ରାଇଟରପିନ୍ ଲାକ୍ଟୋନ୍‌ର ଏକ ଗୋଷ୍ଠୀ ଯେଉଁଥିରେ ୱିଥାଫେରିନ୍ ଏ, ଆଲକାଲଏଡ୍ସ, ଷ୍ଟେରଏଡାଲ୍ ଲାକ୍ଟୋନ୍, ଟ୍ରୋପାଇନ୍ ଓ କସ୍କୋହାଇଗ୍ରୀନ୍ ଅନ୍ତର୍ଭୁକ୍ତ।

ଅଶ୍ୱଗନ୍ଧା ରାସ୍ତା ପାର୍ଶ୍ୱରେ ଏବଂ ଖୋଲା ଅଳିଆ ସ୍ଥାନରେ ଅନାବନା ଉଦ୍ଭିଦ ଭାବରେ ବଢ଼ିଥାଏ। ଏହା ସାଧାରଣତଃ ଭାରତରେ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ଔଷଧୀୟ ଫସଲ ଭାବରେ ଶୁଷ୍କ ଅଞ୍ଚଳରେ ଚାଷ କରାଯାଏ, ସମ୍ଭବତଃ ଏହାର ମାଂସଳ ମୂଳ ପାଇଁ। ଏହା ସୂର୍ଯ୍ୟ କିମ୍ବା ଆଂଶିକ ଛାଇ ସହିତ ଶୁଷ୍କ, ପଥୁରିଆ ମାଟିକୁ ପସନ୍ଦ କରେ। ଏହାକୁ ବସନ୍ତ ଋତୁର ପ୍ରାରମ୍ଭରେ ବିହନରୁ କିମ୍ବା ବସନ୍ତ ଋତୁର ଶେଷ ଭାଗରେ ସବୁଜ କାଣ୍ଡ କଟିଙ୍ଗରୁ ବଂଶବିସ୍ତାର କରାଯାଇପାରିବ। ଅଶ୍ୱଗନ୍ଧା ଅନେକ କୀଟପତଙ୍ଗ ଓ ରୋଗର ଶିକାର ହୁଏ। ଅଶ୍ୱଗନ୍ଧା କ୍ଷତିକାରକ ଏକ ଆକ୍ରମଣାତ୍ମକ ମିଲିବଗ୍ (ଫେନାକୋକସ୍ ସୋଲେନୋପ୍ସିସ୍) ବାହକ ମଧ୍ୟ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଚାର ଅପେକ୍ଷାରେ ୧୭ ଲକ୍ଷ ଫୌଜଦାରୀ ମାମଲା

- ■ କଟକରେ ସର୍ବାଧିକ ୧ ଲକ୍ଷ ୬୮ ହଜାର
- ■ ଗଜପତିରେ ସବୁଠାରୁ କମ୍ ଅପରାଧିକ ମାମଲା

ଭୁବନେଶ୍ୱର,୨୮।୯(ସମିସ): ଲୋକଙ୍କୁ ନ୍ୟାୟ ଦେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ମାମଲା କୋର୍ଟରେ ବର୍ଷ ବର୍ଷ ଧରି ଗଡୁଛି। କୋର୍ଟ ରାୟ ଆସିବା ପୂର୍ବରୁ ମଧ୍ୟ ଅନେକ ପୀଡ଼ିତ ମୃତ୍ୟୁ ବରଣ କରୁଛନ୍ତି। କାରଣ ଗୋଟିଏ ମାମଲା ୧୫ରୁ ଅଧିକ ବର୍ଷ ଧରି ଚାଲିଥାଏ। ଏଭଳି ଘଟଣା ବିଭିନ୍ନ ଜିଲ୍ଲାରେ ଦେଖିବାକୁ ମିଳୁଛି। ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ବୋଲି କୁହାଯାଉଥିବା ବେଳେ ବାସ୍ତବରେ ରାଜ୍ୟରେ ବିଚାର ପାଇଁ ପଡ଼ି ରହିଥିବା ମାମଲାରୁ କେତେ ତ୍ୱରିତ ନ୍ୟାୟ ମିଳୁଛି ଏଥିରୁ ସ୍ପଷ୍ଟ ଅନୁମେୟ। କାରଣ ରାଜ୍ୟରେ ବିଭିନ୍ନ କୋର୍ଟରେ ଏକ ଲକ୍ଷରୁ ଅଧିକ ମାମଲା ଶୁଣାଣି ଅପେକ୍ଷାରେ ପଡ଼ି ରହିଛି। ଏପଟେ ଥାନାରେ ଅପରାଧିକ ମାମଲା ବଢୁଥିବା ବେଳେ ସେପଟେ କୋର୍ଟରେ ରାୟ ଶୀଘ୍ର ଆସୁନଥିବାରୁ ନ୍ୟାୟ ପ୍ରଦାନରେ ବିଳମ୍ବିତ ହେଉଛି। କୋର୍ଟରେ ବିଚାରପତିଙ୍କ ଅଭାବ ପାଇଁ ମାମଲା ବର୍ଷ ବର୍ଷ ଧରି ବିଚାର ପାଇଁ ପଡ଼ିରହିଛି।

ମିଳିଥିବା ସୂଚନା ଅନୁସାରେ, ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଆଇନ୍ ଅଦାଲତଗୁଡିକରେ ପ୍ରାୟ ୧୭ଲକ୍ଷ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଏହି ମାମଲାଗୁଡିକ ଭିତରୁ କେତେକ ୨୦/୩୦ ବର୍ଷର ପୁରୁଣା। ଗତ ଅଗଷ୍ଟ ଶେଷସୁଦ୍ଧା ୩୦ଟି ଯାକ ଜିଲ୍ଲାରେ ଥିବା ଅଦାଲତ ଗୁଡିକରେ ୧୬ ଲକ୍ଷ ୮୪ ହଜାର ୪୩୨ ଅପରାଧିକ ମାମଲା ବିଚାରାଧୀନ ଥିଲା। ଏଥିମଧ୍ୟରୁ ସର୍ବାଧିକ ଅପରାଧିକ ମାମଲା ରହିଛି କଟକ ଜିଲ୍ଲାରେ। କଟକ କୋର୍ଟରେ ୧ ଲକ୍ଷ ୬୮ ହଜାର ୪୮୩ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ତାହା ପଛକୁ ରହିଛି ଖୋର୍ଦ୍ଧା ଜିଲ୍ଲା। ଖୋର୍ଦ୍ଧାରେ ଗତ ଅଗଷ୍ଟ ଶେଷସୁଦ୍ଧା ୧ ଲକ୍ଷ ୬୮ ହଜାର ୪୩୮ଟି ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଗଞ୍ଜାମ କୋର୍ଟରେ ଏହି ସଂଖ୍ୟା ୧ଲକ୍ଷ ୧ ହଜାର ୯୯୮ ରହିଛି। ଏ କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ବାଲେଶ୍ୱର ରହିଛି। ସେଠାରେ ୧ଲକ୍ଷ ୧୦୫ ଟି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସୁନ୍ଦରଗଡରେ ଏହି ସଂଖ୍ୟା ୯୨ ହଜାର ୪୪୫, ଅନୁଗୁଳ ଜିଲ୍ଲାରେ ୮୫ ହଜାର ୯୬୯, ଯାଜପୁରରେ ୮୫ ହଜାର ୧୫୫ ଓ ଅଗଷ୍ଟ ସ୍ଥାନରେ ଥିବା ସମ୍ବଲପୁରରେ ବିଚାରାଧୀନ ଅପରାଧିକ ମାମଲା ସଂଖ୍ୟା ୮୦ ହଜାର ୫୬୦ରହିଛି। ତେବେ ସବୁଠାରୁ କମ୍ ଅପରାଧିକ ମାମଲା ରହିଛି ଗଜପତି ଜିଲ୍ଲାରେ। ଏହି ଜିଲ୍ଲାରେ ଏଭଳି ମାମଲା ସଂଖ୍ୟା ଗତ ଅଗଷ୍ଟ ଶେଷସୁଦ୍ଧା ୮ହଜାର ୫୨୭ ଥିଲାବେଳେ ଦେବଗଡ ଭଳି ଛୋଟିଆ ଜିଲ୍ଲାରେ କିନ୍ତୁ ୧୮ ହଜାର ୯୭୯ଟି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଥିଲା।

ମୋଟାମୋଟି ଭାବେ ସମଗ୍ର ରାଜ୍ୟରେ ଉଭୟ ବିଚାରାଧୀନ ଫୌଜଦାରୀ ଓ ଦେୱାନି ମାମଲା ସଂଖ୍ୟା ଗତ ଅଗଷ୍ଟ ଶେଷସୁଦ୍ଧା ୧୯ ଲକ୍ଷ ୯୭ହଜାର ୩୧୭ ରହିଥିଲା। ହାଇକୋର୍ଟ, ସୁପ୍ରିମକୋର୍ଟ ଓ ଅନ୍ୟାନ୍ୟ ଟ୍ରିବ୍ୟୁନାଲରେ ବିଚାର ପ୍ରତୀକ୍ଷାରେ ଥିବା ମାମଲାକୁ ମିଶାଇଲେ ଏହି ସଂଖ୍ୟା ପ୍ରାୟ ୨୩ଲକ୍ଷ ହେବ ବୋଲି କୁହାଯାଉଛି। ତହସିଲ ଠାରୁ ରାଜସ୍ୱ ପାର୍ଷଦଙ୍କ ପର୍ଯ୍ୟନ୍ତ ବିଭିନ୍ନ ରାଜସ୍ୱ କୋର୍ଟରେ ପଡି ରହିଥିବା ମାମଲା ସହିତ ଦୁର୍ନୀତି ନିବାରଣ ମାମଲାକୁ ମିଶାଇଲେ ରାଜ୍ୟରେ ସମସ୍ତ କିସମର ମାମଲା ପ୍ରାୟ ୨୮ ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ବଢୁଥିବା ମାମଲା ସଂଖ୍ୟା ହ୍ରାସ ସହିତ ତ୍ୱରିତ ଫଏସଲା ପାଇଁ ଓଡିଶା ସରକାର ୨୦୧୧ ମସିହାରେ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଥିଲେ। ବିଭିନ୍ନ କାରଣରୁ ଏହି ନୀତି ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଏଭଳି ପରିସ୍ଥିତି ଲାଗି ରହୁଛି ବୋଲି ବରିଷ୍ଠ ଆଇନଜୀବୀ ମତ ଦେଇଛନ୍ତି। ମାମଲାର ଶୁଣାଣି ବିଳମ୍ବ ହେଉଥିବାରୁ ଲୋକେ କୋର୍ଟ ଏବଂ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡୁଛନ୍ତି।

# ଏନ୍‌କାଉଣ୍ଟର୍‌ରେ ୩ ମାଓବାଦୀ ନିହତ



ମାଲକାନଗିରି, ୨୮।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଛିନ୍ଦଖରକ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ତିନି ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ, ସୀତାନଦୀ ଏରିଆ କମିଟି କମାଣ୍ଡର ସର୍ବାନ ମାଡକମ୍ ଓରଫ ବିଶ୍ୱନାଥ, ଡେପୁଟି କମାଣ୍ଡର୍ ରାଜେଶ ଏବଂ ମାଓବାଦୀ ବାସନ୍ତୀ। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି କାଙ୍କେର ପୁଲିସ ଅଧୀକ୍ଷକ ଆଇ. କଲ୍ୟାଣ ଏଲିସେଲା କହିଛନ୍ତି। ସୂଚନାନୁଯାୟୀ, କାଙ୍କେର୍ ଜିଲ୍ଲାର ତିରିଆରପାଣି ପାହାଡ଼ରେ ନକ୍ସଲବାଦୀ ଗତିବିଧି ବିଷୟରେ ପୁଲିସ ସୂଚନା ପାଇଥିଲା। କାଙ୍କେରରୁ ଏକ ମିଳିତ ଡିଆରଜି ଏବଂ ବିଏସଏଫ୍ ଦଳ ସେହି ଅଞ୍ଚଳକୁ ଘେରାବନ୍ଦୀ କରିବା ଆରମ୍ଭ କରିଥିଲା। ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବା ପରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନପାରି ଅଞ୍ଚଳରୁ ଲୁଚି ପଳାଇଥିଲେ। ଯବାନମାନେ ଅଞ୍ଚଳରୁ ୩ ଜଣ ମାଓବାଦୀଙ୍କ ଶବ ଜବତ କରି ତଲାସି ଅଭିଯାନକୁ ଜାରି ରଖିଛନ୍ତି।

# ନବମୀ, ଦଶମୀରେ ବର୍ଷା

ଭୁବନେଶ୍ୱର, ୨୮।୯ (ସମିସ): ଦୁର୍ଗାପୂଜାରେ ଓଡ଼ିଶା ଉପରେ ରହିବ ପୁଣି ଗୋଟିଏ ଲଘୁଚାପର ପ୍ରଭାବ। ଅକ୍ଟୋବର ପହିଲାରେ ପୁଣି ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ସୃଷ୍ଟି ହେବ ବର୍ଷା ସ୍ଥିତି। ଫଳରେ ଅନେକ ସ୍ଥାନରେ ପୂଜା ଫିକା ପଡ଼ିବ। ବିଶେଷକରି, ନବମୀ ଓ ଦଶମୀରେ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଥିବାରୁ ଏଥର ପାର୍ବଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ର ଆଶଙ୍କା କରୁଛି ଯେ ସେପ୍ଟେମ୍ବର ୩୦ ତାରିଖ ମଙ୍ଗଳବାର ଦିନ ଉତ୍ତର ଆଣ୍ଡାମାନସାଗରରେ ଏକ ଉପର ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଅକ୍ଟୋବର ୧ ତାରିଖ (ବୁଧବାର) ପାଖାପାଖି ଉତ୍ତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ପ୍ରଭାବରେ ମହାଷ୍ଟମୀଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୩୦ ତାରିଖ ଦିନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇ ଅକ୍ଟୋବର ୨ ସୁଦ୍ଧା ଏହା ଅବପାତରେ ପରିଣତ ହେବ। ଏହା କ୍ରମଶଃ ଦକ୍ଷିଣ-ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଇପାରେ। ତଥାପି ଉପକୂଳରୁ ଦୂରରେ ରହିବ। ସମ୍ଭବତଃ ୩ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ଉପକୂଳକୁ ଏହା ସ୍ପର୍ଶ କରିବ। ରାଜ୍ୟରେ ୩୦ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ମାତ୍ର ଅକ୍ଟୋବର ୧ (ନବମୀ)ରେ ଉତ୍ତର ଉପକୂଳରେ ବିକ୍ଷିପ୍ତ ଏବଂ ପୁରୀ ଓ ଗଞ୍ଜାମ ଜିଲ୍ଲା, ନୟାଗଡ଼ ଓ ଗଜପତିରେ ସ୍ୱଳ୍ପ ବର୍ଷା ହୋଇପାରେ। ସେହିପରି ଅକ୍ଟୋବର ୨ରେ (ଦଶମୀ)ରେ ମଧ୍ୟାହ୍ନ ପର୍ଯ୍ୟନ୍ତ ପୁରୀ ଓ ଗଞ୍ଜାମ ଜିଲ୍ଲା ଓ ସମୁଦ୍ର ସଂଲଗ୍ନ ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ହୋଇପାରେ। ମଧ୍ୟାହ୍ନ ପରେ ବର୍ଷା ବଢ଼ିପାରେ। ଅକ୍ଟୋବର ୩ରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ପୂର୍ବ ଲଘୁଚାପର ପ୍ରଭାବ କମିବା ପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ହୋଇଛି। ତେଣୁ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ବର୍ତ୍ତମାନ କୌଣସି ସ୍ଥାନରେ କି କୌଣସି ନଦୀରେ ବନ୍ୟା ଭୟ ନାହିଁ। ବର୍ଷାର ପ୍ରଭାବ କମିଛି। ଗତକାଲି କେବଳ ୩ଟି ବ୍ଲକ ସଦର ମହକୁମାରେ ୫୦ ମିଲିମିଟର ବର୍ଷା ହୋଇଛି। ସମସ୍ତ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। ହୀରାକୁଦକୁ ୨.୨୮ ଲକ୍ଷ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୧.୩୨ ଲକ୍ଷ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ଏବେ ୬ଟି ଗେଟ୍‌ରେ ପାଣି ନିଷ୍କାସନ ହେଉଛି। ରେଙ୍ଗାଲି ଡ୍ୟାମ୍‌କୁ ୮୫୫କ୍ୟୁସେକ ପାଣି ଆସୁଥିବା ବେଳେ ୮୦୩ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ମୁଣ୍ଡଲୀରେ ବି ପାଣି କମୁଛି। କିଛି ଦିନରେ ସ୍ଥିତି ସ୍ୱାଭାବିକ ହୋଇଯିବ। ମହାନଦୀର ଶାଖା ନଦୀରେ ବି ପାଣି କମିବ। ଆଗାମୀ ଲଘୁଚାପକୁ ନେଇ ଆଇଏମ୍‌ଡି ଆକଳନ କରିବା ପରେ ଜଳ ସମ୍ପଦ ବିଭାଗ ଏହାର ସମୀକ୍ଷା କରିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

# ଦୁର୍ଘଟଣାରେ ଇନ୍ସପେକ୍ଟର୍ ମୃତ



ଭଦ୍ରକ,୨୮।୯(ସମିସ): ଭଦ୍ରକ ପୁରୁଣାବଜାର ଥାନାର ଅତିରିକ୍ତ ଥାନାଧିକାରୀ ବବ୍ରୁବାହନ ନାଇକଙ୍କ ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ନିଜ ପୁଅ ସହ ସେ କଟକରୁ ଫେରୁଥିବା ବେଳେ ରାତ୍ରୀ ପ୍ରାୟ ୯ଟା ସମୟରେ ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଚାନ୍ଦବାଲି ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ନାୟକ ଗତ କିଛି ଦିନ ପୂର୍ବରୁ ପଦୋନ୍ନତି ପାଇ ଭଦ୍ରକ ପୁରୁଣାବଜାର ଥାନାରେ ଅତିରିକ୍ତ ଥାନାଧିକାରୀ ଭାବେ ଯୋଗ ଦେଇଥିଲେ। ଭଦ୍ରକ ପୁଲିସ ବିଭାଗ ସମେତ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି।

# ଚାପିଦେଲା ହାଇୱା; ଦମ୍ପତି ମୃତ



- ■ ଦୁଇ ଆହତ ଶିଶୁ ହସ୍ପିଟାଲକୁ ସ୍ଥାନାନ୍ତର
- ■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ବରଗଡ଼,୨୮।୯(ସମିସ): ବରଗଡ଼ ଜିଲ୍ଲାରେ ରବିବାର ଏକ ହୃଦୟ ବିଦାରକ ଦୁର୍ଘଟଣାରେ ଆଖି ପିଛୁଳାକେ ପୂରା ପରିବାର ଛାରଖାର ହୋଇଯାଇଛି। ବରଗଡ଼ ଗୁରୁଦ୍ୱାରା ଛକଠାରେ ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏହାସହ ସେମାନଙ୍କ ସାଙ୍ଗରେ ଥିବା ଦୁଇ ଶିଶୁଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ସୂଚନାନୁସାରେ, ଆଜି ଗୁରଦ୍ୱାରା ଛକଠାରେ ଏକ ହାଇୱା ସ୍କୁଟି ଉପରେ ଚଢ଼ିଯାଇଥିଲା। ଏଥିରେ ସ୍କୁଟିରେ ଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଅମ୍ବାଭୋନାର ଅଞ୍ଚଳର ହରେକୃଷ୍ଣ ଡୁଙ୍ଗୁରୀ ଓ କୁନ୍ତଳା ଡୁଙ୍ଗୁରୀ। ହରେକୃଷ୍ଣ ବରଗଡ଼ ତହସିଲ ଅଫିସରେ ଅସ୍ଥାୟୀ ପିଅନ ଭାବେ କାର୍ଯ୍ୟ କରନ୍ତି।

ଦୁର୍ଘଟଣା ପରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ସେଠାରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ନିୟନ୍ତ୍ରଣ କରିଥିଲା। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ହାଇୱା ଭିତରୁ ଡ୍ରାଇଭରକୁ କଡ଼ା ସୁରକ୍ଷା ମଧ୍ୟରେ ଉଦ୍ଧାର କରି ଟାଉନ୍ ଥାନାକୁ ନେଇଥିଲା। ସହରର ହଳଦୀପାଲି ଛକଠୁ ବିକାଶ ସ୍କୁଲ ଛକ ପର୍ଯ୍ୟନ୍ତ ସକାଳ ୮ରୁ ସନ୍ଧ୍ୟା ୮ ମଧ୍ୟରେ କୌଣସି ଭାରୀଯାନ ସହର ମଧ୍ୟକୁ ପ୍ରବେଶ କରିପାରିବନି ବୋଲି ପୂର୍ବତନ ଜିଲ୍ଲାପାଳ ମନିଷା ବାନାର୍ଜୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲ୍ଲାପାଳଙ୍କ ବଦଳି ପରେ ସେ ସବୁ ନୀତି ନିୟମକୁ କେହି ଖାତିର୍ କରୁନାହାନ୍ତି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର କିପରି ଭାବେ ହୋଇପାରିବ, ସେ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ଘଟଣା ନା...

ନୁହେଁ, ବରଂ ଷଡ଼ଯନ୍ତ୍ର ଥିଲା ବୋଲି କୁହାଯାଇଛି। ଏ ନେଇ ଦଳ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାର ତଦନ୍ତ ପାଇଁ ଦାବି କରାଯାଇଛି। ତେବେ ରାଲିରେ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରାଯାଇଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେଣୁ ଏହା ଦୁର୍ଘଟଣା ଥିଲା ନା ଷଡ଼ଯନ୍ତ୍ର ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଟିଭିକେ ଓକିଲ ଅରିବଝଗନ କହିଥିଲେ ଯେ ଏହି ଦୁର୍ଘଟଣା ଏକ ଆପରାଧିକ ଷଡ଼ଯନ୍ତ୍ର ଥିଲା। ଏ ନେଇ ସ୍ଥାନୀୟ ଅଧିବାସୀଙ୍କଠାରୁ ସ୍ପଷ୍ଟ ପ୍ରମାଣ ମିଳିଛି। ଦଳ ପାଖରେ କିଛି ସିସିଟିଭି ଫୁଟେଜ ମଧ୍ୟ ରହିଛି। କ୍ଷମତାସୀନ ଦଳର କିଛି ନେତା ଏହି ଷଡ଼ଯନ୍ତ୍ର କରିଥିଲେ ବୋଲି ସ୍ପଷ୍ଟ ହେଉଛି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏହି ଦଳାଚକଟାକୁ ନେଇ ତାମିଲନାଡୁ ସରକାରଙ୍କୁ ରିପୋର୍ଟ ମାଗିଛି।

ଏହା ମଧ୍ୟରେ ଅଭିନେତା ବିଜୟ ଦଳର ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ପୋଷ୍ଟ କରି ଦଳଚକଟାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହା ବର୍ଣ୍ଣନା କରିବାକୁ ପାଖରେ ଶବ୍ଦ ନାହିଁ ବୋଲି କହିଛନ୍ତି। ସେ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୨୦ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମଏନଆରଏଫ ପାଣ୍ଠିରୁ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦେବାକୁ କହିଛନ୍ତି। ତାମିଲନାଡୁ ସରକାର ମଧ୍ୟ ମୃତକଙ୍କ ପରିବାର ପ୍ରତି ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ।

ଅନ୍ୟପଟେ ତାମିଲନାଡୁ ପୁଲିସ ପକ୍ଷରୁ କୁହାଯାଇଛି ଯେ ବିଜୟଙ୍କ ରାଲି ପାଇଁ ୧୦ ହଜାର ଲୋକଙ୍କୁ ଅନୁମତି ଦିଆଯାଇଥିଲା। କିନ୍ତୁ ଲକ୍ଷେ ୨୦ ହଜାର ସ୍କୋୟାର ଫୁଟ ଅଞ୍ଚଳରେ ୫୦ ହଜାରରୁ ଅଧିକ ଲୋକ ଜମା ହୋଇଥିଲେ। ଅଭିନେତା ମଧ୍ୟ ୬ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ତାଙ୍କୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଇ ଥିଲେ। ଏହି ସମୟରେ ୯ ବର୍ଷୀୟ ଶିଶୁ ନିଖୋଜ ହୋଇ ଯାଇଥିବା ବିଜୟଙ୍କୁ କୁହାଯାଇଥିଲା। ସେ ଶିଶୁକୁ ଖୋଜିବା ପାଇଁ ନିବେଦନ କରିବାରୁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଲିସ ଟିଭିକେ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିରେ ବିଜୟଙ୍କ ଘନିଷ୍ଠ ସହଯୋଗୀ ଏନ୍ ଆନନ୍ଦଙ୍କ ନାମ ରହିଛି।

ଏହା ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ରାତିରେ ଉଚ୍ଚସ୍ତରୀୟ ବୈଠକ କରି ବିଳମ୍ବିତ ରାତିରେ କରୁରରେ ପହଞ୍ଚି ଯାଇଥିଲେ। ସେ ଡାକ୍ତରଖାନାକୁ ଯାଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ଆହତଙ୍କୁ ଭେଟିଥିଲେ। ମାମଲାର ତଦନ୍ତ ପାଇଁ ସରକାର ଜଷ୍ଟିସ ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଛନ୍ତି। ତେବେ ଘଟଣା ପରେ ବିଜୟ ଆହତଙ୍କୁ ନ ଭେଟି ଚାର୍ଟାର୍ଡ ବିମାନରେ ଚେନ୍ନାଇ ପଳାଇ ଥିଲେ।

# ନୂଆପଡ଼ା ଦଖଲ ପାଇଁ ୩ଦଳର ଦୃଢୋକ୍ତି

- ■ ଆମ ଖାତାରେ ୬୫ ହଜାର ଭୋଟ୍: ଭକ୍ତ
- ■ ଆସନ ଦଖଲ ନେଇ ମନମୋହନଙ୍କ ଦମ୍ଭ
- ■ ବିଜେଡି ବିପୁଳ ଭୋଟ୍‌ରେ ବିଜୟୀ ହେବ: ପ୍ରମିଳା

ଭୁବନେଶ୍ୱର, ୨୮।୯(ସମିସ): ବିହାର ନିର୍ବାଚନ ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ଏହି ଆସନକୁ ନେଇ ନିର୍ବାଚନ କମିସନ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ଏହି ଆସନରେ ତ୍ରିକୋଣୀୟ ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ସମସ୍ତଙ୍କଠାରୁ ପାଦେ ଆଗକୁ ବଢ଼ି ଆମ ଖାତାରେ ୬୫ ହଜାର ଭୋଟ୍ ରହିଛି ବୋଲି କହୁଥିବା ବେଳେ ବିଜେଡି ଏହି ଆସନରେ ବହୁ ଭୋଟ୍‌ରେ ଜିତିବ ଓ ଆସନ ବଜାୟ ରଖିବ ବୋଲି କହିଛି। ଅନ୍ୟପଟେ, ବିଜେପି ଏକାକୀ ସରକାର ଗଠନ କରିବା ପରେ ଏହା ଦଳ ପାଇଁ ପ୍ରଥମ ଉପନିର୍ବାଚନ ହୋଇଥିବାରୁ ଏହି ଆସନ ଜିତି ରାଜ୍ୟରେ ଦଳର ସ୍ଥିତି ମଜଭୁତ କରିବାକୁ ଜୋରଦାର ଉଦ୍ୟମ କରୁଥିବା ଜଣାପଡ଼ିଛି।

ନୂଆପଡ଼ା ଆସନକୁ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନୂଆପଡ଼ାରେ ଆମେ ନିଶ୍ଚୟ ଜିତିବୁ, ଯଶସ୍ୱୀ ହେବୁ। ଆମେ ଜିତିବା ପାଇଁ ଲୋକମାନେ ଚାହୁଁଛନ୍ତି। ସେ ଅଞ୍ଚଳରେ ବିକାଶ ବହୁତ ପଛରେ ଅଛି। ବିଜେପି ଜିତିଲେ ସେ ଅଞ୍ଚଳର ଥିବା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବ ବୋଲି ମନମୋହନ କହିଛନ୍ତି। ଏହାବ୍ୟତୀତ ଦଳର ପ୍ରାର୍ଥୀ କିଏ ହେବେ, ସେ ସମ୍ପର୍କରେ ସଂସଦୀୟ ଦଳର ନିଷ୍ପତ୍ତି ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ନୂଆପଡ଼ା ଉପନିର୍ବାଚନକୁ ନେଇ ଉତ୍ସାହୀ ଥିବା ପରିଲକ୍ଷିତ ହୋଇଛି। ଏହାସହ ପୂର୍ବଥରର ସ୍ୱାଧୀନ ପ୍ରାର୍ଥୀ ତଥା ବର୍ତ୍ତମାନର ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଏଠାରୁ କଂଗ୍ରେସ ପ୍ରାର୍ଥୀ ହେବା ନେଇ ଏକପ୍ରକାର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଘାସିରାମ ମାଝୀ ନୂଆପଡ଼ା ମାଟିର ପୁଅ। ମାଟିର ମଣିଷ ଘାସିରାମ ମାଝୀ ହିଁ ଜିତିବେ। ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ୱାର୍ ରୁମ୍ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ୬ଟି ଜୋନ୍‌ରେ ୬ଟି କମିଟି ହୋଇସାରିଲାଣି। ଆସନ୍ତା ୫ କିମ୍ବା ୬ ତାରିଖ ଆଡ଼କୁ ସେ ନୂଆପଡ଼ା ଯିବେ ଏବଂ କଂଗ୍ରେସର ବିଜୟ ପର୍ବ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ ପାଇଥିଲେ। ବର୍ତ୍ତମାନ ଘାସିରାମ ମାଝୀ ହେଉଛନ୍ତି ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି। ତେଣୁ ଆମ ଖାତାରେ ୬୫ ହଜାର ଭୋଟ ଅଛି ବୋଲି ସେ କହିଛନ୍ତି।

ଦୁଇ ଦଳର ସଭାପତିଙ୍କ ଦାବିକୁ ଖଣ୍ଡନ କରି ବିଜେଡି ଏହି ଆସନରେ ବିପୁଳ ଭୋଟ୍‌ରେ ବିଜୟୀ ହେବ ବୋଲି ବିଜେଡି ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ନିଜର ଭୋଟ୍ ଅନ୍ୟଆଡ଼େ ବିଜେପିକୁ ଦେଇ ଦେଇଛି। ନୂଆପଡ଼ା ଆସନ ବିଜେଡିର ଥିଲା। ଏହା ବିଜେଡିର ରହିବ। ବିଜେପିକୁ ଦେଢ଼ବର୍ଷରେ ଲୋକେ ଘୃଣା କଲେଣି। ନୂଆପଡ଼ାରେ ଲୋକେ ସେମାନଙ୍କୁ ଉଚିତ ଜବାବ ଦେବେ। ସେଠାରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଯିଏ ମଧ୍ୟ ସେଠାକୁ ଆସିଲେ ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକ ଯାହାକୁ ଟିକଟ ଦେବେ, ସେଠାରେ ତାଙ୍କର ବିଜୟ ହେବ। ଏମିତିକି ସ୍ୱର୍ଗତ ଢୋଲକିଆଙ୍କଠାରୁ ମଧ୍ୟ ଏଥର ପ୍ରାର୍ଥୀ ଅଧିକ ଭୋଟ୍‌ରେ ଜିତିବେ ବୋଲି ପ୍ରମିଳା ଦୃଢ଼ୋକ୍ତି ବାଢ଼ିଛନ୍ତି।

**ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ**

# ‘ମଧ୍ୟସ୍ଥତା ବିକଳ୍ପ ନ୍ୟାୟ ପ୍ରଦାନର ବିଶ୍ୱସନୀୟ ସ୍ତମ୍ଭ’

ଭୁବନେଶ୍ୱର,୨୮।୯(ସମିସ): ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଆଜି ସଂଧ୍ୟାରେ ଲୋକସେବା ଭବନରେ ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଉଦ୍‌ଘାଟନୀ ଅଭିଭାଷଣରେ ମଧ୍ୟସ୍ଥତା ଅଧିନିୟମ, ୨୦୨୩ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ମଧ୍ୟସ୍ଥତାକୁ ବୈଧାନିକ ସ୍ୱୀକୃତି ମିଳିବା ଦ୍ୱାରା ଏହା ବିକଳ୍ପ ନ୍ୟାୟ ପ୍ରଦାନର ଏକ ବିଶ୍ୱସନୀୟ ସ୍ତମ୍ଭରେ ପରିଣତ ହୋଇଛି। ଏହି ଆଇନ ଭାଗୀଦାରି, ନ୍ୟାୟସଙ୍ଗତ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ କରିବା ସହ ଅଦାଲତରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବିଚାରାଧୀନ ମାମଲାକୁ ହ୍ରାସ କରିବାରେ ସହାୟକ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଥିଲେ ଯେ ମଧ୍ୟସ୍ଥତା କେବଳ ବିବାଦର ସମାଧାନ ନୁହେଁ, ବରଂ ବିଶ୍ୱାସ ସୃଷ୍ଟି, ସମ୍ପର୍କ ରକ୍ଷା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ, ନ୍ୟାୟିକ ସଂସ୍କାର ଏବଂ ବିକଳ୍ପ ବିବାଦ ସମାଧାନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି ସମ୍ମିଳନୀ ମଧ୍ୟସ୍ଥତାକୁ ଭାରତର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ଆଧାରଶିଳା କରିବାର ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଏହାଦ୍ୱାରା ଆଇନଗତ ପ୍ରକ୍ରିୟାରେ ଦକ୍ଷତା, ସମାବେଶିତା ଏବଂ ବିଶ୍ୱାସ ସୁନିଶ୍ଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏହାସହ ଏହି ସମ୍ମିଳନୀରୁ ମିଳିଥିବା ସୁପାରିସଗୁଡ଼ିକୁ ତ୍ୱରିତ୍ ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ନିଜ ଅଭିଭାଷଣରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ୍ ମଧ୍ୟସ୍ଥତା ସେବାର ବିସ୍ତାର କ୍ଷେତ୍ରରେ ଓଡ଼ିଶା ଅର୍ଥପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Suchitra Kumari Bhanja, W/o- Nakula Nahak, Resident of Flat No.: 313, 3Rd Floor, Stalwart Palace, Ratha Road, Goutam Nagar, Bhubaneswar, Khorda, Odisha, PIN-751002 declared by this Affidavit No.: 1090/2025, Dated: 27.09.2025. That now onwards I shall Be Known As **SUCHITRA NAHAK** for all future Purposes.

**NOTICE (For Minor)**

By virtue of an affidavit sworn before Executive Magistrate, Banpur, bearing no- 3571, dated-18/09/2025 I, Dhobani Sabar, Address W/o- Santosh Sabar, At- Kasipada, Po.- Niladriprasad, Ps.- Banpur, Dist.- Khordha, Odisha, Pin-752035 declare that I have changed the name of my son from **Vhandan Sabar** to **Chandan Sabar**. Henceforth, he shall be known as **Chandan Sabar** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, bearing no.- 3571, dated 18/09/2025 I, Dhobani Sabar, W/o- Santosh Sabar, Address Village- Kasipada, Po.- Niladriprasad, Ps.- Banpur, Dist- Khordha, Odisha, Pin- 752035 declare that I have changed my name from **Sandeep Kumar Behera** to **Sandeep Behera**. Henceforth, I shall be known as **Sandeep Behera** for all purposes.

**NOTICE**

By virtue of an affidavit sworn before Executive Magistrate Baripada, dated 08/09/2025 I, Sumati Das, W/o Prashnna Kumar Dash At – Jamunadeipur Tankisahi, Ward No-01, Baripada, PO/P.S-Bhanjpur Dist – Mayurbhanj, Pin - 757002 declare that I have changed the name of my son from AKHAYA KUMAR BASUDEVAN to PRATYUSH DASH. Henceforth, he shall be known as PRATYUSH DASH for all purposes.

**Sumati Das**

**NOTICE**

By virtue of an affidavit sworn before Executive Magistrate, Baripada, dated 26/08/2025 I, Sk Rizuyan Roy, At- Belgadia, ward No.01, PO/P.S-Bhanjpur, Baripada, Dist – Mayurbhanj Pin- 757002 declare that I have changed my name from Sk Rizuwan Ray to Sk Rizuyan Roy. Henceforth, I shall be known as Sk Rizuyan Roy for all purposes.

**Sk Rizuyan Roy**

**ସୂଚନା**

ଓଡିଶା ଗ୍ରାମୀଣ ବ୍ୟାଙ୍କ, ପ୍ରତାପପୁର ଶାଖା କାର୍ଯ୍ୟାଳୟ, ସା/ପୋ: ପ୍ରତାପପୁର, ଜିଲ୍ଲା: ମୟୂରଭଞ୍ଜ, ପିନ୍:୭୫୭୦୩, ୧୦୦ ମିଟର ଦୂରତା ମଧ୍ୟରେ ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେବାକୁ ଯାଉଅଛି ।

ଶାଖା ପରିଚାଳକ
ଓଡିଶା ଗ୍ରାମୀଣ ବ୍ୟାଙ୍କ, ପ୍ରତାପପୁର

**Notice (for Minor)**

By virtue of an affidavit sworn before Executive Magistrate, Nayagarh, dated 19.08.2025, I, Ajit Kumar Behera, Address At/Po- Lathipada, Ps- Itamati, Dist- Nayagarh, Odisha declare that I have changed the name of my son from Sahil Behera to Aditya Behera. Henceforth, he shall be known as **Aditya Behera** for all purposes.

**Ajit Kumar Behera**

ବିଶୋଇ ବରିଷ୍ଠ ଦୁର୍ଗାପୂଜା ଅନୁଷ୍ଠାନ ପକ୍ଷରୁ ପ୍ରଥମ ବାର୍ଷିକ ପୂଜା

# ମା' ଦୁର୍ଗତିନାଶିନୀଙ୍କ ପୂଜା ପାଇଁ ବିଶୋଇ ଅଞ୍ଚଳ ଚଳଚଞ୍ଚଳ

ବିଶୋଇ,୨୮।୯ (ସମିସ):

ଧରାପୃଷ୍ଠକୁ ଆସିଲେଣି ଦୁର୍ଗତୀନାଶିନୀ ମା'ଦୁର୍ଗା। ମା'ଙ୍କ ଆଗମନରେ ପୁରପଲ୍ଲୀ ହୋଇପଡ଼ିଛି ଚଳଚଞ୍ଚଳ। ଆଜି ମା'ଙ୍କ ମହାଷଷ୍ଠୀ ପୂଜା ଆରମ୍ଭ ହୋଉଥିବା ବେଳେ ଏଥିନିମନ୍ତେ ବିଶୋଇ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ଚଳିତବର୍ଷ ବିଶୋଇ ଗୋଟିଏ ଏବଂ ଅଶନାରେ ଗୋଟିଏ ପେଣ୍ଡାଲରେ ସାର୍ବଜନୀନ ପୂଜା କମିଟି ପକ୍ଷରୁ ମା'ପୂଜା ପାଇବେ। ତେବେ ଏଥର ବିଶୋଇ ଅଞ୍ଚଳରେ ନୂତନ ଭାବରେ ସ୍ଥାନୀୟ ବରିଷ୍ଠ ଦୁର୍ଗା ପୂଜା ଅନୁଷ୍ଠାନ ପକ୍ଷରୁ ପ୍ରଥମ ବାର୍ଷିକ ଦୁର୍ଗାପୂଜା ଅନୁଷ୍ଠିତ ହେବାକୁ ଯାଉଛି। ବିଶୋଇ ଅଞ୍ଚଳର ପ୍ରଥମେ ୨୫ ଜଣ ସ୍ଥାନୀୟ ବରିଷ୍ଠ ବ୍ୟକ୍ତି ବିଶେଷଏକତ୍ରିତ ହୋଇ ପୂଜାକୁ ଆଗେଇ ନେବାକୁ ମନ ବଳାଇଛନ୍ତି। ଏହି ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ଉଦ୍ୟମ କ୍ରମେ ବରିଷ୍ଠ ପୂଜା ଅନୁଷ୍ଠାନ ଗଢି ଉଠିଥିଲା। କୌଣସି ସ୍ଥାନରୁ ପୂଜା ସହଯୋଗୀ ଅନୁଦାନ ସଂଗ୍ରହ ନକରି ନିଜ ବ୍ୟକ୍ତିଗତ ପାଣ୍ଠି ବିନିଯୋଗରେ ପୂଜା ଅନୁଷ୍ଠାନକୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସଙ୍ଗେ ସଙ୍ଗେ ନେତାଜୀ କ୍ଲବ ପ୍ରାଙ୍ଗଣରେ ଜାଗା ଚିହ୍ନଟ ସହିତ ମା'ଙ୍କ ପାଇଁ ଏକ ସ୍ଥାୟୀ ପେଣ୍ଡେଲ ନିର୍ମାଣ କରାଯାଇଥିଲା। ଅଢେଇ ରୁ ତିନି ଲକ୍ଷ ଟଙ୍କା ସ୍ୱଳ୍ପ ବଜେଟ ବିଶିଷ୍ଟ ଅନୁଷ୍ଠାନରେ ମେଲୋଡି ଓ ତୋରଣକୁ ଏତେ ଗୁରୁତ୍ୱ ନଦେଇ ମା'ଙ୍କ ମେଢ଼ ଓ ପୂଜାବିଧିକୁ ସ୍ୱତନ୍ତ୍ରତା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବାରିପଦାର ଈଶ୍ୱର କଳା ବିକାଶର ମାଲିକ ତଥା ମୁଖ୍ୟ ମୂର୍ତ୍ତି କାରିଗରୀ ଈଶ୍ୱର ଚନ୍ଦ୍ର ସ୍ୱାଇଁ ମା'ଙ୍କ ବିଶାଳକାୟ ମେଢ଼ ନିର୍ମାଣର ବିନ୍ଧାଣି ଦାୟିତ୍ୱ ତୁଲାଇ ନିର୍ମାଣରେ ଶେଷ ସ୍ପର୍ଶ ଦେଇ ସାରିଲେଣି।



ସେହିପରି ପୂଜାବିଧିକୁ ସ୍ୱତନ୍ତ୍ରତା କରିବା ଲକ୍ଷ୍ୟ ନେଇ ଜଗତସିଂହପୁର ଜିଲ୍ଲା ନାଉଗାଁ ଗ୍ରାମରୁ ପୂଜକଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟ ଆଚାର୍ଯ୍ୟ ନିଷିକାନ୍ତ ତ୍ରିପାଠୀ ସହଯୋଗୀ ପୂଜକ ସୁବ୍ରତ କୁମାର ଦାଶ, ବାସୁଦେବ ମିଶ୍ର, କାର୍ତ୍ତିକ ଚନ୍ଦ୍ର ଦାଶ ଏଥର ପୂଜା ଦାୟିତ୍ୱ ତୁଲାଇବେ। ମା'ଙ୍କ ପୂଜାର ପ୍ରତ୍ୟେକ ଦିନ ଅନ୍ନଭୋଗ ଲାଗିବାର ବ୍ୟବସ୍ଥା ରହିଥିବା ବେଳେ ଅଷ୍ଟମୀ ଦିନ ୭ ପ୍ରକାରର ପିଠା ଭୋଗ ଲାଗିବ ବୋଲି ପୂଜା ମଣ୍ଡପ ପକ୍ଷରୁ ସୂଚନା ମିଳିଛି। ସେହିପରି ନବମୀରେ କୁମାରୀ ପୂଜା ଅନୁଷ୍ଠିତ ହେବ ଯେଉଁଥିରେ ୯ ଜଣ କର୍ତ୍ତା ଏବଂ ୯ ଜଣ କୁମାରୀ ଝିଅଙ୍କୁ ନେଇ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା ରହିବ। ସେହିପରି ମହାଦଶମୀରେ ମା'ଙ୍କ ନିକଟରେ ଦହି ପଖାଳ ସାଙ୍ଗକୁ ଅଧରପଣା ଭୋଗ ଲାଗିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ଭକ୍ତଙ୍କ ଲାଗି ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। କୌଣସି ବାଧାବିଘ୍ନରେ ଯେପରି ପୂଜା ଅନୁଷ୍ଠିତ ହେବ ସେନେଇ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ମହାପାତ୍ର, ସମ୍ପାଦକ ସୁମନ୍ତ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଅସୀମ ପଟ୍ଟନାୟକ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ଜଗତଜନନୀ ମା'ଙ୍କ ପୂଜା ମହାଷଷ୍ଠୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ବହୁ ଆଡ଼ମ୍ବର ସହକାରେ ସମାପନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ରାଜା ଶାସନରୁ ଚାଲିଛି ବାଙ୍ଗିରିପୋଷି ଦୁର୍ଗାପୂଜା

ବାଙ୍ଗିରିପୋଷି,୨୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ପୁରାତନ ଦୁର୍ଗାମେଢ଼ ମଧ୍ୟରୁ ବାଙ୍ଗିରିପୋଷି ବଜାରରେ ଅନୁଷ୍ଠିତ ହେଉଥିବା ପୂଜା ଅନ୍ୟତମ। ଏଠାରେ ପୂଜା ଆରମ୍ଭର ଇତିହାସ ମଧ୍ୟ ବହୁ ପୁରୁଣା। ବୟୋଜ୍ୟେଷ୍ଠ ଲୋକଙ୍କ ପାଖରୁ ଶୁଣିବାକୁ ମିଳେ ରାଜାଶାସନ ସମୟରେ ଯେତେବେଳେ ୧୯୧୯ରେ ବାଙ୍ଗିରିପୋଷି ଠାରେ ଥାନା ନିର୍ମାଣ କରାଯାଇଥିଲା। ସେହି ସମୟରେ ଥାନା ଅଧିକାରୀ ଉଦୟନାଥ ମହାନ୍ତି, ସାଧୁଚରଣ ମହାନ୍ତି, ଦୁର୍ଗାପ୍ରସାଦ ସାହାନା ଓ ବଣକାଟୀ ସ୍ଥିତ କରବଂଶ ଧରଙ୍କ ନେତୃତ୍ୱରେ ଏଠାରେ ଆରମ୍ଭ ହୋଇଥିଲା ଦୁର୍ଗାପୂଜା। ତା'ପରଠାରୁ ପ୍ରତିବର୍ଷ ଏହି ପୂଜା ପାଳିତ ହୋଇଆସୁଅଛି। ତେବେ ଏହା ଚଳିତ ୧୦୬ ବର୍ଷ ହୋଇଥିବା ବେଳେ ୧୯୫୯ରୁ ଦୁର୍ଗାପୂଜାର ନଥିପତ୍ର ରହିଅଛି। ବାଙ୍ଗିରିପୋଷି ଦୁର୍ଗାପୂଜା ସାର୍ବଜନୀନ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ଏକ ଦୁର୍ଗାପୂଜା କମିଟି ଦ୍ୱାରା ପରିଚାଳିତ। ଏହି ପୂଜାରେ ବାଙ୍ଗିରିପୋଷି ବଜାର ପ୍ରତ୍ୟେକ ଦୋକାନୀ ଏବଂ ସ୍ଥାନୀୟ ଜନସାଧାରଣ ସହାୟତା କରିଥାନ୍ତି। ଚଳିତ ବର୍ଷ ପୂଜା ନିମନ୍ତେ ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ୧୨ ଫୁଟ ଉଚ୍ଚତାର ପଶ୍ଚିମବଙ୍ଗର ଗୋପିବଲ୍ଲଭପୁର କାରିଗର ଶକ୍ତିପଦ ରଣା ମୂର୍ତ୍ତି ନିର୍ମାଣ କରୁଛନ୍ତି। ପୂଜାମଣ୍ଡପରେ ସଜସଜ୍ଜା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ। ତୋରଣରେ ଲିଚୁମାଳ, ଛୋଟଛୋଟ ଏଲିଇଡି ବଲବ ଓ ଲାଇଟରେ ସୁସଜ୍ଜିତ କରାଯାଇଥିବା ବେଳେ ମଣ୍ଡପରେ ବିରାଟ ଆକୃତି ମେଢ ନିର୍ମାଣ ଚାଲିଛି ବୋଲି ପରିଚାଳନା କମିଟି ସଭାପତି ଦଳ ଗୋବିନ୍ଦ ବେହେରା କହିଛନ୍ତି। ପ୍ରତ୍ୟକ ବର୍ଷ ଅଷ୍ଟମୀ ପୂଜା ରାତିରେ ଜନସାଧାରଣଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥାଏ। ତେଣୁ ଚଳିତ ବର୍ଷ ମଧ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେବାର ଲକ୍ଷ୍ୟ କରି ଏହାର ପ୍ରସ୍ତୁତି କ୍ଷେତ୍ରରେ ଯେପରି କୌଣସି ତ୍ରୁଟି ନ ରୁହେ ସେଥିପାଇଁ ମଧ କମିଟି ମଧ ଧ୍ୟାନ ଦେଇଛି। ସେହିପରି ବିଜୟା ଦଶମୀ ଦିନ ରାବଣ ପୋଡିରେ ହଜାର ହଜାର ଦର୍ଶକଙ୍କ ସମାରୋହ ହୋଇଥାଏ। ଚଳିତ ବର୍ଷ ସର୍ବସମ୍ମତି କ୍ରମେ ସଭାପତି ଭାବେ ଦଳଗୋବିନ୍ଦ ବେହେରା, ଉପସଭାପତି ଲକ୍ଷ୍ମୀକାନ୍ତ ଦାସ, ସମ୍ପାଦକ ମନୋଜ ଦତ୍ତ, ସହସମ୍ପାଦକ ସୁବ୍ରତ କୁମାର ବସା, କୋଷାଧ୍ୟକ୍ଷ ଅଜୟ ମହାନ୍ତି ସେହିପରି ଉପଦେଷ୍ଟା ମଣ୍ଡଳୀର ବୀରକିଶୋର ମହାନ୍ତି, ଆନନ୍ଦ କୁମାର ସାହୁ, ଶ୍ରୀକାନ୍ତ ହୋତା, ଜହର ଚନ୍ଦ୍ର ଶତପଥି, ଦେବେନ୍ଦ୍ର ଦାସ, ବିଶ୍ୱଜିତ ମହାନ୍ତି, ପ୍ରଶାନ୍ତଦାସ ପଟ୍ଟନାୟକ, ରୁପେଶ ପଟ୍ଟନାୟକ, ମନୋଜ କୁମାର ଦାସ, ମନୋରଞ୍ଜନ ମହାନ୍ତି, ଆଲୋକ କୁମାର ସ୍ୱାଇଁ, ବିଜୟ କୁମାର ଦତ, ହୃଦାନନ୍ଦ ବେହେରା ଥିବା ବେଳେ କାର୍ଯ୍ୟକାରୀ କମିଟିରେ ପ୍ରୀତିଶ କୁମାର ମହାନ୍ତ, ବିଶ୍ୱଜିତ ସାହୁ, ଆକାଶ ମହତା, ଶିବମ ବସା, ସନୁ ଦତ, ଯଶ ମହତା, ଅଙ୍କିତ ଶର୍ମା, ଯଦୁନାଥ ସେଠୀ, କ୍ରିଷ୍ଣା ଦତ ଏବଂ ଦେବରାଜ ଖଣ୍ଡାଙ୍କୁ ମନୋନିତ କରାଯାଇଛି। ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ବିଧାୟିକା ସଞ୍ଜଲୀ ମୁର୍ମୁଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଚଳିତ ବର୍ଷ ସପ୍ତମୀ, ଅଷ୍ଟମୀ, ନବମ ତିନିଦିନ ଧରି ଦୁର୍ଗାପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।



# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବାରିପଦା,୨୮।୯ (ସମିସ): ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନ ନହରପଦା ଆଞ୍ଚଳିକ ସାଧନକେନ୍ଦ୍ର ତରଫରୁ ଡିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମଣି ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବସରରେ ବାରିପଦା ବ୍ଲକର ଶିକ୍ଷକ ସଂଗଠନର ସମ୍ପାଦକ ସିଦ୍ଧେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ତପସ୍ୱିନୀ ଦାଶ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବ୍ରଜମୋହନ ମୁର୍ମୁ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଗଠନର ସଭାପତି ପ୍ରଦୀପ କୁମାର ନାଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ ଅସୀମ କୁମାର ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବଳରାମ ନାଥ ଏବଂ ପୂର୍ବତନ ପ୍ରଧାନଶିକ୍ଷକ ମିନାରାଣୀ ମିଶ୍ର, ସରୋଜ ବାସିନୀ ପଟ୍ଟନାୟକ, କମଳ ଲୋଚନ ମହାକୁଡ, ଶିକ୍ଷକ ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶ୍ରୀମତୀ ମିଶ୍ରଙ୍କ ସମୟାନୁବର୍ତ୍ତିତା, ସ୍ନେହଶୀଳ ଉଚ୍ଚାରଣ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରିଛନ୍ତି ବୋଲି କହିଥିଲେ। ସିଆରସିସି କନକଲତା ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶ୍ରୀମତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ର, ଷ୍ଟେସନ ବଜାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମମତା ଦାଶ, ଶ୍ରୀପଦଗଞ୍ଜ ପ୍ରାଥମିକ ବିଦ୍ୟାଳୟର ପାର୍ବତୀ ଦେ, ଲଲାଟକିଶୋର ସି, ଶରତ ଚନ୍ଦ୍ର ସରକାରୀ ବିଦ୍ୟାଳୟର ସନ୍ଧ୍ୟାରାଣୀ ମହାପାତ୍ର ତଥା ଡିପାସାହି ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁ ପ୍ରମୁଖ ଶ୍ରୀମତୀ ମିଶ୍ରଙ୍କ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ମନୋଜ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିର ନୂତନ କର୍ମକର୍ତ୍ତାଙ୍କ ବୈଠକ



ବେତନଟୀ,୨୮।୯ (ସମିସ): ବେତନଟୀ ଉପକଣ୍ଠ ଦେବବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ଲକ୍ଷ୍ମୀଧର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ବିଭାଗ ନୀରିକ୍ଷକ ବିଜନ କୁମାର ଜେନା, ପୂର୍ବୋତ୍ତର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ବେତନଟୀ ସଂକୁଳ ପ୍ରମୁଖ ଶଶିଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ମଧ ଉପସ୍ଥିତ ଥିଲେ। ନୂତନ ପରିଚାଳନା କମିଟିର ସଭାପତି ଭାବେ ସମାଜସେବୀ ପ୍ରକାଶ ବେହେରା, ଉପସଭାପତି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ, ସମ୍ପାଦକ ଭାବେ ସଭାପତି ଶାନ୍ତନୁ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ, କୋଷାଧ୍ୟକ୍ଷ ଅବସରପ୍ରାପ୍ତ ଡାକ ବିଭାଗର ବରିଷ୍ଠ ଅଧିକାରୀ ସୁଶେନ କୁମାର ମହାନ୍ତ, ସଦସ୍ୟା ପୁଷ୍ପଲତା ମହାର୍ଣ୍ଣା, ଚମ୍ପାବତୀ ମାଝୀ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ନୂତନ ପରିଚାଳନା କମିଟି ସହଯୋଗ କରାଯିବାକୁ ନେଇ ମତପ୍ରକାଶ କରିଥିଲେ। ପ୍ରମୁଖ ଉପଦେଷ୍ଟା ଭାବେ ଛତିଶ କୁମାର ସାହୁ, ମିନତୀ ସିଂ, ସୁନୀଲ ଖଣ୍ଡେଲୱାଲ ଏବଂ ଶରତଚନ୍ଦ୍ର ମଲ୍ଲିକଙ୍କୁ ଚୟନ କରାଯାଇଛି। ପୂର୍ବ ସମ୍ପାଦକ ରତିକାନ୍ତ ନାଏକ ମଧ ଉପସ୍ଥିତ ଥିଲେ। ଶେଷରେ ରାଜଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବସ୍‌ର କାଚ ଭାଙ୍ଗିଲା ଯୁବକ

ମହୁଲଡିହା,୨୮।୯ (ସମିସ): ଠାକୁରମୁଣ୍ଡା ବ୍ଲକ୍‌ରେ ଚାଲୁଥିବା ଓଏସ୍‌ଆର୍‌ଟିସି ବସ୍‌କୁ ଠେଙ୍ଗାରେ ପିଟି ଗାଡ଼ିର କାଚ ଏବଂ ମିରର ଭାଙ୍ଗିଲା ମାନସିକ ବିକୃତ ଯୁବକ। ଘଟଣାରୁ ପ୍ରକାଶ ଓଡି ୧୧ ଏଇ ୩୨୯୨ ନମ୍ବର ବିଶିଷ୍ଟ ବସଟି ସକାଳ ୬ଟାରେ ଠାକୁରମୁଣ୍ଡାରୁ ବାହାରି ୫୩ ନମ୍ବର ରାଜ୍ୟ ରାଜପଥରେ ତରାମରା, ମହୁଲଡିହା ଓ ସାତକୋଶିଆ ଦେଇ ନଦା ଅଭିମୁଖେ ଯାଇଥିଲା। ନଦାରୁ ଠାକୁରମୁଣ୍ଡା ବ୍ଲକକୁ ଆସୁଥିବା ବେଳେ ଦ୍ୱାରଶୁଣି ଗେଟ ନିକଟରେ ଜଣେ ମାନସିକ ବିକୃତ ଯୁବକ ଏକ ଠେଙ୍ଗାରେ ଗାଡ଼ିର ସାମନା କାଚ ଏବଂ ମିରର ଭାଙ୍ଗି ଦେଇଥିବା ଡ୍ରାଇଭର କହିଛନ୍ତି। ଗାଡ଼ି ଡ୍ରାଇଭର ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସଙ୍ଗେ ସଙ୍ଗେ ସେଠାରୁ ବସକୁ ମହୁଲଡିହା ଥାନାରେ ପୁଲିସର ସହଯୋଗ ନଦେଇ ଗାଡ଼ି ଧରି ଠାକୁରମୁଣ୍ଡା ପଳାଇ ଆସିଥିବା ଜଣାପଡିଛି। ରିପୋର୍ଟ ଲେଖା ହେବା ବେଳକୁ ମହୁଲଡିହା ଥାନାରେ ଡ୍ରାଇଭର କିମ୍ବା ବ୍ଲକ କର୍ତ୍ତୃପକ୍ଷଙ୍କ ତରଫରୁ ମାମଲା ରୁଜୁ ହୋଇନଥିବା ଜଣାପଡିଛି।



# ଶାରଦୀୟ ଦୁର୍ଗାପୂଜାରେ ବି ଅନ୍ଧକାରରେ ଚଣ୍ଡିଛକ

ବେତନଟୀ,୨୮।୯ (ସମିସ): ପବିତ୍ର ଶାରଦୀୟ ଦୁର୍ଗାପୂଜାରେ ବେତନଟୀର ମୁଖ୍ୟଛକ ଚଣ୍ଡିଛକ ଅନ୍ଧକାରରେ ରହିଛି। ଛକରେ ଜଳୁଥିବା ଉଜ୍ଜ୍ୱଳ ଆଲୋକ ଖରାପ ହୋଇଯିବାପରେ ବିଭିନ୍ନ ସଂଗଠନ ପକ୍ଷରୁ ମରାମତି ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ନିରବତା ଜନସାଧାରଣଙ୍କ ମଧ୍ୟରେ ଏକ ଭାବାବେଗ ସୃଷ୍ଟି କରିଛି। ବଜାରରେ ବର୍ଷରେ ଥରେ ବେତନଟୀ ସମେତ ଆଖପାଖ ଗ୍ରାମବାସୀ ପୂଜା, ମେଳା ଓ ଯାତ୍ରା ନିମନ୍ତେ ବ୍ୟଗ୍ର ହୋଇଉଠନ୍ତି। ଘରେ ଘରେ ବନ୍ଧୁ ବାନ୍ଧବଙ୍କ ଠାରୁ ଆରମ୍ଭ କରି ଝିଅଝିଆଣୀ ଭର୍ତ୍ତି ହୋଇଯାନ୍ତି। ଏକ ପ୍ରକାର ଉତ୍ସବ ମୁଖର ହୋଇପଡିଥାଏ ବେତନଟୀ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପୂର୍ବରୁ ପ୍ରଶାସନର ସମସ୍ତ ବିଭାଗ ଯେଉଁଭଳି ଭାବେ ସହଯୋଗ କରୁଥିଲେ ଚଳିତବର୍ଷ ସେହଭଳି ସହାଯୋଗିତା କରୁନଥିବାରୁ ରାସ୍ତା ମରାମତି ହୋଇପାରୁନାହିଁ। ମୋରମ ମିଳୁନାହିଁ ଏବଂ ମୋରମ ବଦଳରେ ଡଷ୍ଟ ଦେବେ କହିଲେ, ହେଲେ ଦେଲେ ନାହିଁ ବୋଲି ଅଭିଯୋଗ ହେଉଛି। ଶାନ୍ତି କମିଟିରେ ଯୋଗଦାନ କରିଥିବା ଅଧିକାରୀମାନେ ନିଜ ନିଜର ମନ୍ତବ୍ୟ ଦେଇ ବିଭାଗ ପକ୍ଷରୁ କିପରି ସହଯୋଗ କରିବେ ସେ ସମ୍ପର୍କରେ ଲମ୍ବା ବକ୍ତବ୍ୟ ଦେଲେ ମାତ୍ର ଫଳଶୂନ ବୋଲି ଅଭିଯୋଗ ହେଉଛି। କେବଳ ପୁଲିସ ପକ୍ଷରୁ ବିଶେଷ ସହଯୋଗ ମିଳିବ ବୋଲି ଶାନ୍ତି କମିଟି ଆଶାବ୍ୟକ୍ତ କରିଛି। ପୁଲିସ ପକ୍ଷରୁ ଉପଯୁକ୍ତ ଟ୍ରାଫିକ ଏବଂ ସମସ୍ତ ଛକରେ ପୁଲିସ ବ୍ୟବସ୍ଥା ହେବ। ବିଶେଷ ଭାବେ ରାବଣପୋଡି ଉତ୍ସବରେ ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହେବାଦୃଷ୍ଟିରୁ ଉକ୍ତ ରାସ୍ତା ଓ ରାବଣପୋଡି ପଡିଆ କିଭଳି ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେବ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ପୂଜା କମିଟି, ମେଳା କମିଟି ଓ ଯାତ୍ରା କମିଟି ପକ୍ଷରୁ ଦାବି ହେଉଛି। ପ୍ରତ୍ୟେକ ବର୍ଷ ବେତନଟୀ ଓ ସଠିଲୋ ପଞ୍ଚାୟତର ବିଭିନ୍ନ ରାସ୍ତାରେ ଅନ୍ଧକାରରୁ ରକ୍ଷା ପାଇବା ନିମନ୍ତେ ପ୍ରତ୍ୟେକ ବିଦ୍ୟୁତ ଖମ୍ବରେ ଅସ୍ଥାୟୀ ଆଲୋକ ବ୍ୟବସ୍ଥା କରାଯାଇଥାଏ। ମାତ୍ର ରାତିପାହିଲେ ମା'ଙ୍କ ମହାସପ୍ତମୀ ପୂଜା ଆରମ୍ଭ ହେଉଥିଲେହେଁ ଅଦ୍ୟାବଧି ରାସ୍ତା ଘାଟରେ ଅନ୍ଧକାର ବିରାଜମାନ କରୁଥିବାରୁ ଲୋକଙ୍କ ମନରେ ପ୍ରଶାସନ ପ୍ରତି ନକାରାତ୍ମକ ଚିନ୍ତାଧାରା ସୃଷ୍ଟି ହେବାରେ ଲାଗିଛି।



ଛକରେ ଜଳୁଥିବା ଉଜ୍ଜ୍ୱଳ ଆଲୋକ ମରାମତି ଦାବି

# ବିଶ୍ୱ ବଧିର ଦିବସ ପାଳିତ

ବାରିପଦା,୨୮।୯ (ସମିସ): ହାଣ୍ଡିକାପ ଇଣ୍ଟରନାସନାଲ (ଏଚଆଇ) ଓ ଉରୋପୀୟ ୟୁନିୟନ (ଇୟୁ) ସହାୟତାରେ ସାଧନା ଦ୍ୱାରା ପ୍ରଚଳିତ ସମହିତ ପ୍ରକଳ୍ପ ମାଧ୍ୟମରେ ଏବଂ ସ୍ଥାନୀୟ ଦିବ୍ୟାଙ୍ଗ ସଂଗଠନଗୁଡିକର ମିଳିତ ଆନୁକୁଲ୍ୟରେ ବିଶ୍ୱ ବଧିର ଦିବସ ପାଳନ କରାଯାଇଛି। ଏହି ଦିବସରେ ସାଧନାର ସମସ୍ତ କର୍ମକର୍ତ୍ତା, ଦିବ୍ୟାଙ୍ଗ ଭାଇଭଉଣୀ, ଶ୍ରବଣ ବାଧିତ ପିଲା, ଯୁବକ, ମହିଳା, ପଞ୍ଚାୟତ ସଦସ୍ୟ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅବସରରେ ମୁଖ୍ୟଅତିଥି ଭାବେ ସମଗ୍ର ଶିକ୍ଷା ବିଭାଗରୁ ନିରଞ୍ଜନ ନାୟକ ଏବଂ ସମ୍ମାନିତ ସାଧନାର ପ୍ରକଳ୍ପ ମୁଖ୍ୟ ସମୀରଣ ଘୋଷ, ସମାହିତ ପ୍ରକଳ୍ପର ଲିଙ୍ଗ ବିଶେଷଜ୍ଞ ମିସ ପଲ୍ଲିଶ୍ରୀ ଦାସ, ବିଶିଷ୍ଟ ତାଲିମ ଦାତା ବିଜୟ ରାଉତ ଓ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରେଖାରାଣୀ ଦାସ ଯୋଗଦେଇଥିଲେ। ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ଏହି ଉତ୍ସବର ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ସମୀରଣ ଘୋଷ ବିଶ୍ୱ ବଧିର ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇବା ସହ, ବଧିର ଶିଶୁ ଓ ଲୋକମାନଙ୍କର ଆବଶ୍ୟକତା ଓ ଶିକ୍ଷା ସମ୍ବନ୍ଧୀୟ ସୁବିଧା ଓ ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ପରେ ମୁଖ୍ୟଅତିଥି ଶ୍ରୀ ନାୟକ ବଧିର ପିଲା ଓ ଲୋକମାନଙ୍କ ପାଇଁ ଯେଉଁ ସରକାରୀ ସୁବିଧା ସୁଯୋଗଗୁଡିକ ରହିଛି ଏବଂ ଶିକ୍ଷା କ୍ଷେତ୍ରରେ ସାଙ୍କେତିକ ଭାଷା ପ୍ରଚଳନର ମୂଲ୍ୟବୋଧକୁ ସେମାନେ କିପରି ଉପଲବ୍ଧ କରିପାରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଏସ୍‌ଏମ୍‌ଆର୍‌ସିରୁ ଆସିଥିବା ଲିଙ୍ଗ ବିଶେଷଜ୍ଞ ପଲ୍ଲୀଶ୍ରୀ ଦାଶ ସାଙ୍କେତିକ ଭାଷା ଅନ୍ୟ ସାଧାରଣ ଭାଷାପରି ଯୋଗାଯୋଗର ଏକ ମାଧ୍ୟମ। ଆମେ ସମସ୍ତେ ଏହି ଭାଷା ଶିଖିବା ଓ କହିବାର ଅଭ୍ୟାସ କରିବା ଦରକାର। ସାଙ୍କେତିକ ଭାଷାକୁ ସବୁ ବିଦ୍ୟାଳୟରେ ସ୍ଥାନ ଦେବାକୁ ଓ ସବୁ ସରକାରୀ ବେସରକାରୀ କାର୍ଯ୍ୟସ୍ଥଳୀରେ ସାଙ୍କେତିକ ଭାଷାର ପ୍ରଚଳନକୁ ଗୁରୁତ୍ୱ ଦେବାସହ ସବୁ ବର୍ଗର ପିଲା/ଲୋକମାନଙ୍କୁ ସମାନ ସୁଯୋଗ ଦେଇ ତାଙ୍କୁ ସମାଜର ମୁଖ୍ୟସ୍ରୋତରେ ଆଗେଇ ନେବାକୁ ସରକାର ଓ ସାଧାରଣ ଲୋକଙ୍କର ସମାନ ଚେଷ୍ଟା ରହିବା ଦରକାର ବୋଲି କହିଥିଲେ। ପିଲାମାନଙ୍କ ଭିତରେ ବଲ ପାସିଙ୍ଗ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ରଙ୍ଗୋଲି, ନାଚ ଓ ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମହତ୍ୟାର ୭ ଦିନ ପରେ ସୁଇସାଇଡ ନୋଟ ଜବତ

ବେତନଟୀ,୨୮।୯ (ସମିସ): ବେତନଟୀ ଥାନା ଅଧୀନ ଏସଏସ ମହୁଲିଆର ଶୁଭାସ ଛକ ନିକଟରେ ସାଇଜଗନ୍ନାଥ ଦାଶମହାପାତ୍ରଙ୍କ ପତ୍ନୀ ହିରଣ୍ୟମୟୀ ସ୍ୱାଇଁ (୨୯) ଗତ ୨୦ ତାରିଖ ଦିନ ବେଳରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର ୭ ଦିନ ପରେ ଗତ ଶୁକ୍ରବାର ବେତନଟୀ ପୁଲିସ ମୃତକଙ୍କ ଶାଶୂଘରୁ ପୁନର୍ବାର ଆଉ ଏକ ସୁଇସାଇଡ ନୋଟ ଜବତ କରିଛି। ପୁଲିସ ଏହି ନୋଟ ଜବତ କରିଲା ପରେ ସାଇଣ୍ଟିଫିକ ଟିମ ପକ୍ଷରୁ ଫିଙ୍ଗର ପ୍ରିଣ୍ଟର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡିଛି। ସୂଚନା ଯୋଗ୍ୟ, ହିରଣ୍ୟମୟୀ ଆତ୍ମହତ୍ୟା କରିବା ପରେ ତାଙ୍କ ଭାଉଜ ସୂଚିତା ମହାପାତ୍ରଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ ହୋଇଥିଲା। ଅଭିଯୋଗରେ ଶାଶୂ ଉଷାମାଣି ମହାପାତ୍ର ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ବିଶ୍ୱ ଜଳାତଙ୍କ ଦିବସରେ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୨୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ପଶୁଚିକିତ୍ସା ବିଭାଗ ଦ୍ୱାରା ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବାରିପଦା ବ୍ଲକ ଶଙ୍ଖାଭଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶଙ୍ଖାଭଙ୍ଗା ୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବରେ ଶଙ୍ଖାଭଙ୍ଗା ପଶୁ ଚିକିତ୍ସାଳୟର ଡା. ସୁଭଦ୍ରା ନାଏକ ଜଳାତଙ୍କ ବ୍ୟାଧି ସମ୍ବନ୍ଧରେ ବିଶେଷ ଆଲୋଚନା କରିଥିଲେ। ବିଶେଷ ଭାବରେ କୁକୁର, ବିଲୁଆ, ବିରାଡି ଆଦି ସମଜାତୀୟ ଜଳାତଙ୍କ ଆକ୍ରାନ୍ତ ଜୀବମାନେ କାମୁଡିବା ଦ୍ୱାରା ଏହି ରୋଗ ବ୍ୟାପୀଥାଏ ବୋଲି ସେ କହିଥିଲେ। ରୋଗର ନିରାକରଣ ବ୍ୟବସ୍ଥାରେ ଅବହେଳା କଲେ ମୃତ୍ୟୁ ନିଶ୍ଚିତ ହୋଇଥାଏ ବୋଲି ସଚେତନ କରାଇଥିଲେ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି କିପରି ପାଟିରୁ ଲାଳଗଡାଏ, ପାଣିକୁ ଦେଖିଲେ ଭୟ କରେ ସେ ସମ୍ବନ୍ଧରେ ମଧ ଆଲୋଚନା କରିଥିଲେ। ଏପରି ଜୀବ କାମୁଡିବା କ୍ଷଣି ଡାକ୍ତରଖାନରେ ପହଞ୍ଚିବା ଉଚିତ ବୋଲି ସତର୍କ ମଧ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମେଘରାୟ ସୋରେନ ସିଆରସିସି ଗୀତିକା ବେହେରାଙ୍କ ସହିତ ଶିକ୍ଷକ ସୃଜନସ୍ମିଥ ମିଶ୍ର, ଶିକ୍ଷୟିତ୍ରୀ କୁମୁଦିନୀ ମହାନ୍ତ, ଶାନ୍ତିଲତା ପାତ୍ର, ରଶ୍ମୀରେଖା ମହାନ୍ତ, ଦୀପାଞ୍ଜଳି ବିଶ୍ୱାଳ, ମୋନାଲିସା ପାଣି, ଝିଲିମଣୀ ମହାନ୍ତ ଯୋଗଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ନାୟକ ପଶୁ ଚିକିତ୍ସା ବିଭାଗକୁ କୃତଜ୍ଞତା ଜଣାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଭାସିଯାଉଥିବା ମୃତଦେହ ଉଦ୍ଧାର

କପ୍ତିପଦା,୨୮।୯ (ସମିସ): ଭରାନଦୀରେ ଭାସି ଯାଉଥିବା ବେଳେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଶରତ ଥାନା ଅଞ୍ଚଳରୁ ଆସିଛି ଏଭଳି ଘଟଣା। ଶରତ ଥାନା ଶୁଖୁଆପଟା ଗ୍ରାମ ନିକଟରେ ପ୍ରବାହିତ ବଡ଼ ନଦୀରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଆଜି ପୁଲିସ ଖବର ପାଇଥିଲା। ପୁଲିସ ସହିତ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଭାସିଯାଉଥିବା ମୃତଦେହ ଉଦ୍ଧାର କରିଥିଲେ। ଉଦ୍ଧାର ମୃତଦେହ ଜଣେ ମହିଳାଙ୍କର ହୋଇଥିବା ବେଳେ ତାଙ୍କ ନାମ ଦଶମା ଦେଇ। ବାଗଦଫା ଗ୍ରାମର ଦଶମା ଗତ ମଙ୍ଗଳବାର ଠାରୁ ନିଖୋଜ ଥିବା ବେଳେ କେମିତି ସେ ନଦୀରେ ପଡିଲେ ତାହାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ ଗୁଣି ଗାରେଡି ସନ୍ଦେହରୁ ତାଙ୍କୁ ହତ୍ୟା କରାଯାଇଥିବା ମଧ ସନ୍ଦେହ କରାଯାଉଛି। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଲଘୁଚାପ ଆଣିଲା ବନ୍ୟା, କୂଳ ଲଂଘିଲା ଗଙ୍ଗାହାର

# ବଡ଼ସାହି-କୁଆମରା ଯୋଗାଯୋଗ ବିଚ୍ଛିନ୍ନ

କୁଆମରା,୨୮।୯ (ସମିସ):

ଲଘୁଚାପ ପ୍ରଭାବରେ ୫ ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଫଳରେ ନଦୀଗୁଡ଼ିକରେ ଆଜିଠାରୁ ବନ୍ୟା ପରିସ୍ଥିତି ଦେଖାଦେଇଛି। ଗୋପବନ୍ଧୁନଗର ବ୍ଲକ୍ ଦେଇ ପ୍ରବାହିତ ଗଙ୍ଗାହାର ନଦୀରେ ଚଳିତ ବର୍ଷର ଏହା ପଞ୍ଚମ ବନ୍ୟା ପରିସ୍ଥିତି ଦେଖା ଦେଇଥିବା ବେଳେ ନାଲୁହା ନଦୀର ବନ୍ୟାଜଳ ଧିରେ ଧିରେ ଫୁଲିବାରେ ଲାଗିଛି। ଆଜି ସକାଳଠାରୁ ଗଙ୍ଗାହାର ନଦୀରେ ବନ୍ୟା ଜଳ ବଢ଼ିବା ଯୋଗୁଁ ସ୍ଥିତି ଟଳମଳ ହେବାରେ ଲାଗିଛି। ଖଡ଼ିକାପଦା କଲଭର୍ଟ ଉପରେ ଚାରିଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବଡ଼ସାହି-କୁଆମରା ଯୋଗାଯୋଗ ଆଜି ସକାଳଠାରୁ ବିଚ୍ଛିନ୍ନ ହୋଇପଡ଼ିଛି। ମଧ୍ୟାହ୍ନ ବେଳକୁ ଅଧିକରୁ ଅଧିକ ବନ୍ୟାଜଳ ଆସିବା ଯୋଗୁଁ ନଦୀକୂଳିଆ ଲୋକଙ୍କ ପ୍ରତି ବିପଦ ଘନେଇଛି। ଭୋଳପଦା ନିକଟରେ ନାଲୁହା ଓ ଗଙ୍ଗାହାର ନଦୀ ମିଶ୍ରଣ ହେବା ଯୋଗୁଁ ତଳମୁଣ୍ଡରେ ନଦୀର ରୂପ ଭୟଙ୍କର ହୋଇଉଠିଛି। ଗୋପବନ୍ଧୁ ନଗର ବ୍ଲକର ପଶୁଦା ପଞ୍ଚାୟତର କେତେକ ଗ୍ରାମ ଓ କୁଆମରା ପଞ୍ଚାୟତର କଶିବଣୀ ଗ୍ରାମର କେତେକ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଖଡ଼ିକାପଦା ତଳେ ଥିବା ବଡ଼ସାହି ବ୍ଲକର ପଟିସାରୀ ପଞ୍ଚାୟତର ନଦୀ କୂଳରେ ବସବାସ କରୁଥିବା କେତେକ ପରିବାର ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ନଦୀ କୂଳକୁ ଲାଗି ୨୦ ପ୍ରତିଶତ ଚାଷ ଜମିରେ ବନ୍ୟା ପାଣି ମାଡି ରହିଛି। କେତେକ ବିଲରେ ଧାନ ଧୋଡ ଆସି ଯାଇଥିବା ବେଳେ କ୍ଷତି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ସେହିପରି ଦେଓ ନଦୀର ଜାମୁଘାଟ ଠାରେ ଅସ୍ଥାୟୀ ପୋଲ ଉପରେ ତିନି ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଉଦଳା-ଗୋପବନ୍ଧୁ ନଗର ବ୍ଲକ ମଧ୍ୟରେ ଯୋଗାଯୋଗ ଆଜି ସକାଳଠାରୁ ବିଚ୍ଛିନ୍ନ ହୋଇପଡିଛି। ଟାଙ୍ଗଣା ନଦୀରେ ମଧ ବନ୍ୟା ପରିସ୍ଥିତି ଦେଖାଦେଇଛି।



# ଶାରଦୀୟ ଦୁର୍ଗାପୂଜା ପାଇଁ ମୋରଡ଼ା ବ୍ଲକ୍ ଉତ୍ସବମୁଖର


ମୋରଡ଼ା,୨୮।୯ (ସମିସ)

ଶାରଦୀୟ ଦୁର୍ଗାପୂଜା ପାଇଁ ମୋରଡ଼ା ବ୍ଲକ୍ ଚଳିତବର୍ଷ ଉତ୍ସବମୁଖର ହୋଇଉଠିଛି। ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ବ୍ଲକ ଭାବେ ମୋରଡ଼ା ବ୍ଲକରେ ବିଭିନ୍ନ ସ୍ଥାନରେ ୧୦୦ବର୍ଷ ଧରି ଦୁର୍ଗା ପୂଜା ପାଳନ ହୋଇଆସୁଛି। ତେବେ ଚଳିତ ବର୍ଷ ମୋରଡ଼ା ବ୍ଲକରେ ୧୦ରୁ ଅଧିକ ସ୍ଥାନରେ ମା'ଙ୍କ ପୂଜାକୁ ଧୁମଧାମରେ ଆୟୋଜନ କରିଛନ୍ତି ବିଭିନ୍ନ କମିଟି ବୋଲି ସୂଚନା ମିଳିଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ଓ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପୂଜା ପେଣ୍ଡାଲଗୁଡ଼ିକରେ ମୂର୍ତ୍ତି କାରିଗର ଓ ପେଣ୍ଡାଲ କାରିଗର ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପେଣ୍ଡାଲ ନିକଟରେ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବଜାର ପସରା ମେଲାଇ ସାରିଲେଣି। ତେବେ ଏହି ଅବସରରେ ମୋରଡ଼ା ବ୍ଲକର କିଛି ପ୍ରମୁଖ ପେଣ୍ଡାଲ ମଧ୍ୟରେ ଚିତ୍ରଡା ବସଷ୍ଟାଣ୍ଡ ଦୁର୍ଗାପୂଜା ମେଢ ଓ ପେଣ୍ଡାଲ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି। ଚଳିତ ବର୍ଷ ଏହି ପୂଜା ୫୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଇସ୍କନ ମନ୍ଦିର ଢାଞ୍ଚାରେ ପେଣ୍ଡାଲ ସମସ୍ତଙ୍କୁ ଆକୃଷ୍ଟ କରିବ ବୋଲି ଜଣାପଡୁଛି। ଏଥିପାଇଁ ୭ ଲକ୍ଷ ଟଙ୍କା ବ୍ୟୟବରାଦ ରଖାଯାଇଛି। ତେବେ ଚଳିତବର୍ଷ ଅସ୍ତିଆ ଗ୍ରାମର ସିପୁନ ସେନାପତି ଆଣିଥିବା ପାଣ୍ଡା ଏବଂ ସିମ୍ପାଞ୍ଜି ବେଶରେ ଲୋକଙ୍କୁ ଆକୃଷ୍ଟ କରିବେ। ଠିକ ସେହିପରି ଚିତ୍ରଡା ସାପ୍ଲାଇ ଛକ, ବାରମାଇଲ, ବରକନ୍ଦ, ଝିଙ୍କିରିଆ, ମାଳିହତା, ମୋରଡ଼ା, ପାରିଆକୁଲି ଏବଂ ବିଭିନ୍ନ ଗ୍ରାମର କମିଟି ତରଫରୁ ଆୟୋଜିତ ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା।



# ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜାରେ ଚାନ୍ଦି ମେଢ଼

ରାମଚନ୍ଦ୍ରପୁର, ୨୮।୯ (ସମିସ): ରାମଚନ୍ଦ୍ରପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ କାହିଁ କେତେ ବର୍ଷ ହେଲା ଆୟୋଜିତ ହୋଇଆସୁଥିବା ଶାରଦୀୟ ଦୁର୍ଗା ପୂଜାର ବିଲ୍ୱବରଣ ତଥା ଷଷ୍ଠୀ ପୂଜା ପୂର୍ବରୁ ମୃଣ୍ମୟୀ ମୂର୍ତ୍ତିକୁ ଚାନ୍ଦି ମେଢରେ ସୁସଜ୍ଜିତ କରାଯାଇଛି। ଚଳିତବର୍ଷ ପ୍ରଥମ କରି ଦୁର୍ଗତୀନାଶିନୀ ମା' ସମେତ ପାର୍ଶ୍ୱ ଦେବାଦେବୀ ଚାନ୍ଦି ମେଢରେ ପୂଜା ପାଇବେ। ୧୦ କେଜିରୁ ଊର୍ଦ୍ଧ୍ୱ ଚାନ୍ଦି ରୁପାର ସୂକ୍ଷ୍ମ ତାରକସୀ କାମରେ ସଜ୍ଜିତ ମେଢକୁ ସ୍ଥାନୀୟ ପୂଜା କମିଟିର ଜଣେ ଶ୍ରଦ୍ଧାଳୁଭକ୍ତ ଦାନ କରିଥିବା ଜଣାପଡିଛି। କଟକର କୁଶଳୀ ରୁପା କାରିଗରଙ୍କ ଦ୍ୱାରା ଏହାକୁ ନିର୍ମାଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସର୍ବପୁରାତନ ଏହି ଏହି ଆଦ୍ୟ ଦୁର୍ଗା ପୂଜା ଅନୁଷ୍ଠାନ ପ୍ରତିବର୍ଷ ପରି ଚଳିତ ବର୍ଷ ବଡ ଧୁମଧାମ୍‌ରେ ପାଳିତ ହେବାକୁ ଯାଉଥିବା ବେଳେ ପୂଜାର ମାହୋଲକୁ ସରଗରମ କରିବା ଲାଗି ପୂଜା ମଣ୍ଡପକୁ ଆକର୍ଷଣୀୟ ତୈରଣ ସହ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଛି।






କେନ୍ଦୁଝର ବନଖଣ୍ଡ ପକ୍ଷରୁ ୩ଟି ହାତୀ ଦାନ୍ତ ଜବତ ଘଟଣାରେ ଡିଏଫ୍‌ଓ ଏଚ୍‌ଡି ଧନରାଜଙ୍କ ସାମ୍ବାଦିକ ସମ୍ମିଳନୀ

# ଓଏଏସ୍ ପରୀକ୍ଷାରେ ଘନଶ୍ୟାମଙ୍କ ବାଜିମାତ



ଆନନ୍ଦପୁର, ୨୮।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳରେ ଶାଳପଡା ଜଳସେଚନ କଲୋନୀର ରଘନାଶ୍ୟାମ ମୁର୍ମୁ ୩୪୧ ସ୍ଥାନରେ ରହି ବାଜିମାତ କରିଛନ୍ତି। ଆନନ୍ଦପୁର ପୌରାଞ୍ଚଳର ଶାଳପଡା କଲୋନୀ ନିବାସୀ ତଥା ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିବା ଦଶମତ ମୁର୍ମୁଙ୍କ ପୁଅ ଘନାଶ୍ୟାମଙ୍କ ଏପରି ସଫଳତାରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ଅନେକ ଶୁଭେଚ୍ଛା ମିଳିଛି ପରିବାର ଲୋକଙ୍କ ପ୍ରେରଣା ଅଜସ୍ର ପରିଶ୍ରମ ଯୋଗୁଁ ଏପରି ସଫଳତା ମିଳିଛି ଏବଂ ଜଣେ ଭଲ ପ୍ରଶାସକ ହେବେ ବୋଲି ଘନଶ୍ୟାମ ଦୃଢ଼ମନା।

# ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ଉଦ୍‌ଘାଟିତ

ବୈଶିଙ୍ଗା, ୨୮।୯ (ସମିସ): ଆରଏସ୍‌ଏସ୍‌ର ଜନ୍ମଶତାବ୍ଦୀ ବର୍ଷ ଉପଲକ୍ଷେ ବୈଶିଙ୍ଗା ମଣ୍ଡଳସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସ୍ୱୟଂସେବକମାନଙ୍କର ଏକ ଭବ୍ୟପଥ ସଞ୍ଚଳନ ବୈଶିଙ୍ଗା ଶିବାଜୀ ଯୁବକ ସଂଘ ନିକଟରୁ ବାହାରି ମହୁରୀ, ବୈଶିଙ୍ଗା ବଜାର, ଓଲଡିହ ଛକ ପରିକ୍ରମା କରି କେନ୍ଦୁଆ ଶିବମନ୍ଦିର ପଡିଆରେ ପହଞ୍ଚିଥିଲା। ସେଠାରେ ସ୍ୱୟଂସେବକମାନେ ଯୋଗ ଓ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରିଥିଲେ। ଏହାପରେ ସଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଘୋଷ ଆରଏସ୍‌ଏସ୍‌ର ଶହେ ବର୍ଷର ଉପଲବ୍‌ଧି ଓ ଦେଶର ବିପତ୍ତି ବେଳେ ସଂଘର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଶତାବ୍ଦୀ ବର୍ଷ ଉପଲକ୍ଷେ ଆରଏସ୍‌ଏସ୍ ତରଫରୁ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜିର କାର୍ଯ୍ୟକ୍ରମରେ ରଘୁଚରଣ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ, ଗନ୍ଧମାର୍ଦ୍ଦନ ଦେହୁରୀ, ଗଜେନ୍ଦ୍ର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଡା. ପ୍ରସନ୍ନ କୁମାର ପାତ୍ର, ଡମ୍ବରୁଧର ମହାନ୍ତ, ଅଶୋକ କୁମାର ବେହେରା, ଜ୍ଞାନରଞ୍ଜନ ପଣ୍ଡା ଓ ସୁରଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



# ଅପହରଣ କରାଯାଇଥିବା ଯୁବକଙ୍କୁ ପୁଲିସ ଜିମାଦେଲେ

ବୈଶିଙ୍ଗା, ୨୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା କଳମା ଛକ ନିକଟସ୍ଥ ଏକ ଗାଁ ରାସ୍ତାରୁ ଶନିବାର ସନ୍ଧ୍ୟା ସମୟରେ ଜଣେ ଯୁବକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ପୁଲିସର ତନାଘନାକୁ ଦେଖି ଅପହୃତ ଯୁବକ ବାଲେଶ୍ୱର ଜିଲ୍ଲା କଲ୍ୟାଣପୁର ଗାଁର ଭାଗବତ ରାଉତଙ୍କ ପୁଅ ଶୁଭକାନ୍ତଙ୍କୁ ଆଣି ବୈଶିଙ୍ଗା ଥାନାରେ ଜିମାଦେଲେ ଅପହରଣକାରୀ ବାଲେଶ୍ୱର ଅଞ୍ଚଳର ୫ ଯୁବକ। ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଭାଗବତ ରାଉତଙ୍କ ପୁଅ ଶୁଭକାନ୍ତ ଭୁବନେଶ୍ୱରଠାରେ ରହି ଅନଲାଇନ ଟ୍ରେଡିଙ୍ଗ ବ୍ୟବସାୟ କରିଥାନ୍ତି। ତେବେ ବ୍ୟବସାୟିକ ଶତୃତା ଯୋଗୁଁ ତାଙ୍କୁ ବାଲେଶ୍ୱର ରେମୁଣା ଅଞ୍ଚଳର ୫ ଜଣ ଯୁବକ ବିଭିନ୍ନ ସମୟରେ ଧମକ ଚମକ ଦେଉଥିବା ବେଳେ ଶନିବାର ସନ୍ଧ୍ୟା ସମୟରେ ସେ କୌଣସି କାମରେ ଗଡଦେଉଳିଆ ବଜାର ଆସିଥିବା ବେଳେ ଫେରିବା ସମୟରେ କଳମା ନିକଟସ୍ଥ ଏକ ଗାଁ ରାସ୍ତାରେ ଅଭିଯୁକ୍ତ ମାନେ ତାଙ୍କୁ ଘେରିଯାଇ ତାଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ବାଇକ ଯୋଗେ ବାଲେଶ୍ୱର ଦିଗରେ ନେଇ ପଳାଇଯାଇଥିଲେ ଓ ବାଲେଶ୍ୱରଠାରୁ ଏକ କାର ଯୋଗେ ଭୁବନେଶ୍ୱର ନେଇଯାଉଥିଲେ। ଏହି ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଖୋଦ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଓ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଘଟଣା ର ସମ୍ବେଦନଶୀଳତାକୁ ଲକ୍ଷ୍ୟରେ ରଖି ତ୍ୱରିତ ପଦକ୍ଷେପ ନେଇଥିଲେ। ପରେ ଗତକାଲି ବିଳମ୍ବିତ ରାତିରେ ଏନେଇ ଶୁଭକାନ୍ତଙ୍କ ଶାଳକ ଜ୍ୟୋତିର୍ମୟ ମହାନ୍ତି ଆସି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦେବା ପୁଲିସ ୪୮୯/୨୫ ନଂ ରେ ଏକ ମାମଲା ରୁଜୁ କରି ସବଇନ୍ସପେକ୍ଟର ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଚଢାଉ ଆରମ୍ଭ କରିଥିଲା। ପୁଲିସର ତନାଘନା ଓ କାର୍ଯ୍ୟାନୁଷ୍ଠାନ ଭୟରେ ରବିବାର ଭୋର ସମୟରେ ଶୁଭକାନ୍ତଙ୍କୁ ଅପହରଣ କରିନେଇଥିବା ବାଲେଶ୍ୱର ଜିଲ୍ଲା ବିଭିନ୍ନ ଅଞ୍ଚଳର ୫ ଅଭିଯୁକ୍ତ ଯୁବକ ଅପହୃତ ଶୁଭକାନ୍ତଙ୍କୁ ଆଣି ବୈଶିଙ୍ଗା ଥାନାରେ ଜିମା ଦେଇଥିଲେ। ଥାନା ଅଧିକାରୀ ବାରିଣୀ ଦାସଙ୍କ ସୂଚନା ଅନୁଯାୟୀ ଶୁଭକାନ୍ତଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ମାଧ୍ୟମରେ ଥାନାରୁ ଛାଡିଦିଆଯାଇଛି।

# ମହିଳାଙ୍କ ଆତ୍ମହତ୍ୟା

ଅସୁରାଳି,୨୮।୯ (ସମିସ): ଧୁଷୁରୀ ଥାନା ଅସ୍ତକ ଗ୍ରାମରେ ୩୬ ବର୍ଷୀୟ ପୁଷ୍ପଲତା ଲେଙ୍କା ଘରୋଇ କଳିରୁ ଆତ୍ମହତ୍ୟା କରିଛନ୍ତି। ସେ ଶାନ୍ତନୁ ଲେଙ୍କାଙ୍କ ପତ୍ନୀ ଥିଲେ। ଘଟଣା ସକାଳ ବେଳେ ଘଟିଥିଲା ବେଳେ ଘର ଲୋକ ବିଳମ୍ବରେ ତାଙ୍କୁ ଏ ଅବସ୍ଥାରେ ଦେଖି ଧୁଷୁରୀ ଡାକ୍ତରଖାନାକୁ ନେଇଥିଲେ, ଯେଉଁଠି ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଧୁଷୁରୀ ଥାନାଧିକାରୀ କେସ ନଂ ୩୮/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ମୃତଦେହ ଗାଁକୁ ଆଣିବା ପରେ ଅସ୍ତକ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଶହୀଦ୍ ଭଗତ୍ ସିଂହଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ଭଦ୍ରକ, ୨୮।୯ (ସମିସ): ମହାନ କ୍ରାନ୍ତିକାରୀ, ସ୍ୱାଧୀନତା ସଂଗ୍ରାମୀ, ଅଦ୍ୟମ ବୀରତ୍ୱର ପ୍ରତୀକ ଓ ଯୁବଶକ୍ତିଙ୍କ ପ୍ରେରଣାସ୍ରୋତ ଶହୀଦ୍ ଭଗତ୍ ସିଂହଙ୍କ ପବିତ୍ର ୧୧୮ତମ ଜନ୍ମଜୟନ୍ତୀ ଅବସରରେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟ ପରିସରରେ ଶହୀଦ୍ ଭଗତ୍ ସେନା ପରିବାରର ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସହିଦ ଭଗତ ସେନା ମୁଖ୍ୟ ତଥା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଅବସରପ୍ରାପ୍ତ ସୈନିକ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରକ୍ତତୀର୍ଥ ଇରମର ୮୩ତମ ଶହୀଦ ଦିବସ

ବାସୁଦେବପୁର, ୨୮।୯ (ସମିସ): ଭାରତର ସ୍ୱାଧୀନତା ସଂଗ୍ରାମର ଭାରତଛାଡ଼ ଆନ୍ଦୋଳନର ସେହି ରକ୍ତରଞ୍ଜିତ ମେଳନ ପଡ଼ିଆର ଲୋମହର୍ଷକ ବିଭୀଷିକାକୁ ମନେପକାଇ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୮୩ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ରକ୍ତତୀର୍ଥ ଇରମ ଶହୀଦ ପୀଠରେ ଶହୀଦ ଦିବସ ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଉଦବୋଧନ ଦେଇଥିଲେ। ଜିଲ୍ଲାପାଳ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଶହୀଦ ମେମୋରିଆଲ କମିଟିର ସଭାପତି ପଦ୍ମନାଭ ଦାଶ, ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଭିନ୍ନ ଅନୁଷ୍ଠାନର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ପରିବାର ପକ୍ଷରୁ ତିଳତର୍ପଣ କରି ଶହୀଦ ପୀଠରରେ କଳସ ସ୍ଥାପନ କରିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଶୁଭେନ୍ଦୁ କୁମାର ବେହେରା, ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଫୁଲ୍ଲ ପଳିତା, ଯଦୁନାଥ ନାୟକ ପ୍ରମୁଖ ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବ ସରକାର ସମୟରେ ରକ୍ତତୀର୍ଥ ଇରମର ବିକାଶ କରିବା ପାଇଁ କୋଟି କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ବିକାଶର ଦ୍ୱାର ଖୋଲା ଯାଇଛି। ବର୍ତ୍ତମାନ ସରକାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଅର୍ଥକୁ ପକାଇ ରଖିଛନ୍ତି। ଏବେର ବିଧାୟକ ଓ ସରକାର ଏହି ଅର୍ଥକୁ ଖର୍ଚ୍ଚ କରିବାକୁ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନିବେଦନ କରିଛନ୍ତି। ଶହୀଦ ତୀର୍ଥ ଯାତ୍ରୀ ସଂଘର ତ୍ରୈଲୋଚନ ଜେନା, ଦୁଃଶାସନ ରାଉତ, ବନଲତା ଜେନା, ବସନ୍ତ କୁମାର ଦାସ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁଲିସ ବିଭାଗ ପକ୍ଷରୁ ତୋପସଲାମ ପ୍ରଦାନ କରାଯାଇଥିଲା।



**ଶହୀଦ ପୀଠରେ ଶ୍ରଦ୍ଧାସୁମନ ଅର୍ପଣ**

# ଇତିହାସ ପାଲଟିବ ବାରିପଦା ଆୟୁର୍ବେଦିକ କଲେଜ

**● ୧୭ ବର୍ଷ ହେଲାଣି ବନ୍ଦ ପଡ଼ିଛି ● ଖତ ଖାଉଛି କୋଟି କୋଟି ଟଙ୍କାର ଆସବାବପତ୍ର**

ବାରିପଦା,୨୮।୯ (ସମିସ)



ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ପ୍ରତିଷ୍ଠା ହେବ ନୂଆ ଆୟୁର୍ବେଦିକ କଲେଜ ଓ ଚିକିତ୍ସାଳୟ। ମୁଖ୍ୟମନ୍ତ୍ରୀ ଏନେଇ ସବୁଜ ସଙ୍କେତ ଦେଇ ସାରିଥିବା ବେଳେ ବାରିପଦାରେ ପ୍ରତିଷ୍ଠିତ ହୋଇଥିବା ଉତ୍ତର ଓଡିଶାର ଏକମାତ୍ର ଆୟୁର୍ବେଦିକ କଲେଜ ଓ ଚିକିତ୍ସାଳୟ ସରକାରୀ ପ୍ରୋତ୍ସାହନ ଓ ଇଚ୍ଛାଶକ୍ତି ଅଭାବରୁ ୨୦୦୮ ମସିହାଠାରୁ ବନ୍ଦ ହୋଇରହିଛି। ଏଠାରେ ରହିଥିବା କୋଟି କୋଟି ଟଙ୍କାର ଆସବାବପତ୍ର ଖତ ଖାଉଥିବା ବେଳେ କୋଠା ଅପରାଧୀଙ୍କ ଆସ୍ଥାସ୍ଥଳୀ ପାଲଟିଛି ବୋଲି ଅଭିଯୋଗ ହେଉଛି। ଏପରିସ୍ଥଳେ ସମସ୍ତ ବ୍ୟବସ୍ଥା ଥାଇ ଉତ୍ତର ଓଡ଼ିଶାର ଏକମାତ୍ର ମୟୂରଭଞ୍ଜ ଆୟୁର୍ବେଦିକ କଲେଜ ବନ୍ଦ ପଡିବା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ମହାବିଦ୍ୟାଳୟର ପୁରାତନ ସଫଳ ଛାତ୍ର ହୋଇଥିବା ବେଳେ ସେ ଦେଢବର୍ଷ ତଳେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ ପରେ ଜିଲ୍ଲାବାସୀ ଆୟୁର୍ବେଦିକ କଲେଜ ପୁନଃ କାର୍ଯ୍ୟକ୍ଷମ ହେବା ନେଇ ଆଶାବାଦୀ ହୋଇଥିଲେ। ପରନ୍ତୁ ନୂତନ ସରକାର ଏହାକୁ ଅଦରକାରୀ କରି ନୂଆ କଲେଜ ସ୍ଥାପନା କରିବାକୁ ଘୋଷଣା କରିଛନ୍ତି। ଜିଲ୍ଲାର ବାରିପଦାରେ ୧୯୮୩ ମସିହାରୁ ପ୍ରତିଷ୍ଠା ହୋଇଥିଲା ଆୟୁର୍ବେଦିକ କଲେଜ, ହେଲେ ଏକାଧିକ କାରଣ ଦର୍ଶାଇ ବନ୍ଦ ହୋଇଗଲା। ପୂର୍ବ ସରକାର ୨୦୧୪ ଓ ୨୦୧୯ ନିର୍ବାଚନରେ ମୟୂରଭଞ୍ଜ ଆୟୁର୍ବେଦ କଲେଜ ତୁରନ୍ତ ସରକାରୀ କରାଯିବ ବୋଲି ଘୋଷଣା କରିଥିଲେ। ପରନ୍ତୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ବିଳମ୍ବିତ ପାଇଁ ତାହା ହୋଇ ପାରିନଥିଲା। ଏବେ ବିଜେପି ସରକାର ଆସିଛି ସିନା ଏହି ମହାବିଦ୍ୟାଳୟକୁ ପୁନଃଖୋଲିବା ନେଇ ସେପରି ଆନ୍ତରିକତା ଦେଖାଉନାହିଁ ବୋଲି ଅଭିଯୋଗ ହେଉଛି। ବରଂ ରାଇରଙ୍ଗପୁରରେ ନୂଆ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା କରିଦେଲେ। ମୟୂରଭଞ୍ଜ ଆୟୁର୍ବେଦିକ କଲେଜ ଓ ହସପିଟାଲ, ୧୯୮୩ ମସିହାରେ ଉତ୍ତର ଓଡିଶାର ଏକମାତ୍ର ଆୟୁର୍ବେଦିକ କଲେଜ ଭାବରେ ବାରିପଦାଠାରେ ସ୍ଥାପିତ ହୋଇ ୨୦୦୭ ମସିହା ପର୍ଯ୍ୟନ୍ତ ଠିକଭାବରେ ଚାଲି ଆସୁଥିଲା। ଏହି କଲେଜରୁ ବହୁ ଅଭିଜ୍ଞ ଆୟୁରବେଦିକ ଡାକ୍ତର ମଧ୍ୟ ସୃଷ୍ଟି ହୋଇ ନିଜର ପ୍ରତିଷ୍ଠା ପାଇସାରିଛନ୍ତି। ତେବେ ୨୦୦୦ ମସିହାରୁ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସର୍ବଭାରତୀୟ ସ୍ତରରେ ସମସ୍ତ ଆୟୁର୍ବେଦିକ କଲେଜଗୁଡିକରେ ଶିକ୍ଷାର ମାନବୃଦ୍ଧି ପାଇଁ ଯୋଗ୍ୟତା ସମ୍ପର୍ଣ୍ଣ ଅଧ୍ୟାପକ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ମୟୂରଭଞ୍ଜ ଆୟୁର୍ବେଦିକ କଲେଜର ତତ୍କାଳୀନ ପରିଚାଳନା କମିଟି ଦୀର୍ଘ ଦିନଧରି ଯୋଗ୍ୟ ଅଧ୍ୟାପକ ନିଯୁକ୍ତ ନକରିବା ଫଳରେ ୨୦୦୮ ମସିହାଠାରୁ ଛାତ୍ରଛାତ୍ରୀଙ୍କ ନାମଲେଖା କେନ୍ଦ୍ର ସରକାର ବନ୍ଦ କରିଦେଇଥିଲେ। ଫଳରେ ସେବେଠାରୁ କଲେଜ ବନ୍ଦ ହୋଇପଡିଛି ଯେ, ଖୋଲିବା ନାଁ ନେଉନି ବୋଲି ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ କଲେଜ ପରିଦର୍ଶନ କରି ୨୦୧୯ରେ ଏକ ଫିଜିବିଲିଟି ରିପୋର୍ଟ ଦାଖଲ କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଉଚ୍ଚ ସଚିବ ସ୍ତରୀୟ ବୈଠକରେ ମଧ୍ୟ ମୟୂରଭଞ୍ଜ ଆୟୁର୍ବେଦିକ କଲେଜକୁ ସରକାର ହାତକୁ ନେବେ ବୋଲି ନିଷ୍ପତି ହୋଇଥିଲେ ସୁଦ୍ଧା ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁନାହିଁ। ଉକ୍ତ କଲେଜରେ କାର୍ଯ୍ୟରତ ଅଧ୍ୟାପକ ଡା. ପୁରୁଷୋତ୍ତମ ନାଥ କହିଛନ୍ତି ଯେ, କବିରାଜି ଚିକିତ୍ସା ଗାଁ ଗହଳି ଲୋକଙ୍କ ପ୍ରଥମ ପସନ୍ଦ ହୋଇଥିଲା ବେଳେ ସରକାରଙ୍କ ଅବହେଳା କାରଣରୁ ମୟୂରଭଞ୍ଜ ଆୟୁର୍ବେଦିକ କଲେଜ ବନ୍ଦ ହୋଇପଡିଛି। କାର୍ଯ୍ୟରତ କର୍ମଚାରୀ ଅନେକ ମରିହଜି ଯାଇଥିବା ବେଳେ ଅନ୍ତିମ ସମୟରେ ବି ନିଜ ପେଟକାଟି ରଖିଥିବା ସଞ୍ଚିତ ଅର୍ଥରାଶୀ ଫେରିପାଇଲେ ନାହିଁ। ଏବେ ରାଜ୍ୟ ଓ କେନ୍ଦ୍ର ଉଭୟ ସ୍ଥାନରେ ବିଜେପି ସରକାର ଶାସନ କରୁଛନ୍ତି। ତେଣୁ ଭାରତୀୟ ଚିକିତ୍ସା ପଦ୍ଧତିର ସର୍ବପୁରାତନ କବିରାଜି ଚିକିତ୍ସାକୁ ପରପୀଢି ପାଇଁ ବଞ୍ଚାଇରଖିବା ପ୍ରୟାସ କରିବା ଉଚିତ ବୋଲି ସେ କହିଛନ୍ତି। ସେହିପରି ମୟୂରଭଞ୍ଜ ଆୟୁର୍ବେଦିକ କଲେଜର ଅଧକ୍ଷ ଡା. ଆଦିତ୍ୟ କୁମାର ପଣ୍ଡା କହିଛନ୍ତି ଯେ, ମୟୂରଭଞ୍ଜ ଆୟୁର୍ବେଦିକ କଲେଜରେ ଦିନେ ସାରାଦେଶର ପିଲା ଆସି ଅଧ୍ୟୟନ କରୁଥିଲେ। ଏଠାରୁ ଉତ୍ତୀର୍ଣ୍ଣ ହୋଇ ଅନେକ ସରକାରୀ ଓ ବେସରକାରୀ ଭାବେ ନିଜର ଜୀବିକା ନିର୍ବାହ କରୁଛନ୍ତି। ପୁଣି ଥରେ ଏହାକୁ ଖୋଲାଗଲେ ଡାକ୍ତର ସୃଷ୍ଟି କରିହେବ ବୋଲି ସେ କହିଛନ୍ତି। ତେବେ ଏନେଇ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି ଯେ, ନୂଆ କଲେଜ ସ୍ଥାପନା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, କିନ୍ତୁ ଏନେଇ କୌଣସି ସବିଶେଷ ତଥ୍ୟ ଆସିନାହିଁ। ତେବେ ବାରିପଦାରେ ରହିଥିବା ପୁରୁଣା ଭିତ୍ତିଭୂମିକୁ କିପରି ଭାବେ ବ୍ୟବହାର କରାଯାଇପାରିବ ସେନେଇ ରାଜ୍ୟସ୍ତରରେ ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟା ଦଶମୀ ଉତ୍ସବ



ରାଇରଙ୍ଗପୁର,୨୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନଗର ପ୍ରମୁଖଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରିବାର ତରଫରୁ ସଂଘର ଶତାବ୍ଦୀ ପୂର୍ତ୍ତି ପାଳନ ଅବସରରେ କଚେରୀପଡିଆଠାରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଅପରାହ୍ଣରେ ରାଇରଙ୍ଗପୁର ଅଁଳାଡୁବାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶତାଧିକ ସ୍ୱୟଂସେବକ ସଂଘର କର୍ମକର୍ତ୍ତାମାନେ ହାତରେ ବିଜୟ ଧ୍ୱଜା ଓ ଖଡ୍ଗ, ଲାଠିଧରି ବ୍ୟାଣ୍ଡବାଦ୍ୟର ତାଳେ ତାଳେ ପରେଡ ମାଧ୍ୟମରେ ସହର ପରିକ୍ରମା କରି କଚେରୀ ପଡିଆଠାରେ ପହଞ୍ଚିଥିଲେ। ମୁଖ୍ୟଅତିଥି ରୂପେ ବାରିଷ୍ଟର ଅମ୍ବିକା ପଟ୍ଟନାୟକ, ମୁଖ୍ୟବକ୍ତା ଓଡିଶା ସଂଘ ପ୍ରଚାର ସହ ପରିଚାଳକ ମୁନୀନ୍ଦ୍ର ସୁନ୍ଦର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଗିରିଜା ଶଙ୍କର ମହାନ୍ତ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ବିଜେପି ରାଜ୍ୟ ସଂଗଠନ ସମ୍ପାଦକ ନବୀନ ରାମ ଉପସ୍ଥିତ ଥିଲେ। ବିଜୟା ଦଶମୀ ଉତ୍ସବକୁ ସଞ୍ଚାଳନ କରୁଥିଲେ ସଞ୍ଚାଳକ ପ୍ରମୁଖ ବଳରାମ ବାରିକ, ଭାଗବତ ମହାନ୍ତ, ଦୁଷ୍ମନ୍ତ ଗିରି, ରାଜକୁମାର ବେହେରା ଓ ଅଙ୍କିତ ପାଢିଆ। ଶେଷରେ ଦୁଷ୍ମନ୍ତ ଗିରୀ ଧନ୍ୟବାଦ ଦେଇଥିଲେ।



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗାଠାରେ ଆର୍‌ଏସ୍‌ଏସ୍ ୧୦୦ ବର୍ଷ ପୂର୍ତ୍ତି ଅବସରରେ ତୁରୁମୁଙ୍ଗା ସରସ୍ୱତୀ ମନ୍ଦିରରୁ ପଥ ସଞ୍ଚାଳନ କାର୍ଯ୍ୟକ୍ରମ

# କୁଶେଇ ନଦୀରୁ ବେଧଡ଼କ ଚାଲିଛି ବାଲି ଚୋରି

## ସବୁ ଦେଖି ଚୁପ୍ ଅଧିକାରୀ

ବେଲବାହାଲି,୨୮।୯ (ସମିସ)

ଆନନ୍ଦପୁର ତହସିଲ ଅଧୀନସ୍ଥ କୁସେଇ ନଦୀରୁ ବାଲି ମାଫିଆମାନେ ଏକାଧିକ ବାଲି ଘାଟରୁ ଟ୍ରାକ୍ଟର ଏବଂ ଟିପର ଦ୍ୱାରା ବେଧଡକ ବାଲି ଚୋରି କରୁଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଆସୁଛି। କୁସେଇ ନଦୀର ବେଲବାହାଲି, ସଠତିରା ଓ ହରିଡାପାଳ, ଟୋଲଙ୍କପଡା ପ୍ରଭୃତି ଘାଟରୁ ବାଲି ମାଫିଆମାନେ ଦୈନିକ ୨୦-୨୫ ସଂଖ୍ୟାର ଟିପର ଓ ଟ୍ରାକ୍ଟର ଲଗାଇ ବିଭିନ୍ନ ଅଞ୍ଚଳର ବାଲି ଘାଟରୁ ବାଲି ଉତ୍ତୋଳନ କରି ବାହାରକୁ ଚାଲାଣ କରିବାରେ ଲାଗିଛନ୍ତି। ଏକପକ୍ଷରେ ଏକାଧିକ ଗାଡି ଯାତାୟାତ ଦ୍ୱାରା ନଦୀ ପଠାଗୁଡିକରେ ବଡ ବଡ ଖାଲଖମା ସୃଷ୍ଟି ହୋଇ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇପଡିଥିବା ବେଳେ ଇତିମଧ୍ୟରେ କୁସେଇ ନଦୀକୁ ଗାଧୋଇବା ପାଇଁ ବା ଶୌଚ ପାଇଁ ଯାଇ ସ୍ଥାନୀୟ ଲୋକ ନଦୀକୂଳଗୁଡିକରେ ଭ୍ରମରେ ପଡି ପ୍ରାଣ ହରାଇଥିବା ଘଟଣା ଘଟିଛି। ତିନି ଜଣ ଉକ୍ତ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ମୃତ୍ୟୁମୁଖରେ ପଡିବା ସହ ଆଜି ପର୍ଯ୍ୟନ୍ତ ଜଣେ ଲୋକର ପତ୍ତା ମିଳି ନଥିବା ଜଣାପଡିଛି। ଏଥିପ୍ରତି ଖାତିର ନକରି ବାଲି ମାଫିଆମାନେ ଏବେ ରାତିସାରା ନଦୀରେ ଜେସିବି ମେସିନ ସାହାଯ୍ୟରେ ଅନ୍ଧାରରେ ଟ୍ରାକ୍ଟର ଓ ଟିପର ମାଧ୍ୟମରେ ଚୋରା ବାଲି ପରିବହନ କରିଚାଲିଛନ୍ତି। ବର୍ତ୍ତମାନ ବାଲିର ମୂଲ୍ୟ ସର୍ବାଧିକ ଥିବାରୁ ଏଥିରୁ ଭଲ ଲାଭ ଉଠାଇ ପାରୁଛନ୍ତି। ସ୍ଥାନୀୟ ଲୋକେ କହିବାନୁଯାୟୀ, ପ୍ରତିଦିନ ଶତାଧିକ ଟିପର ଓ ଟ୍ରାକ୍ଟର ଚଳାଚଳ କରିବା ଯୋଗୁଁ ନଦୀ ଘାଟକୁ ଯିବା ରାସ୍ତା ନଷ୍ଟ ହେବାରେ ଲାଗିଛି। ଏହା ଲୋକମାନଙ୍କର ଶାନ୍ତି ଭଙ୍ଗ କରିବା ସହ ଅସନ୍ତୋଷର କାରଣ ହୋଇଛି। ଏହାସହ କୁସେଇ ନଦୀର ବାଲି ଉପରେ ଏହାର ପ୍ରବାହ ନିର୍ଭର କରୁଥିବାରୁ ଏବେ ବେପରୁଆ ଭାବରେ ଘାଟ ସୃଷ୍ଟି କରାଯାଇ ବାଲି ଉଠାଯାଉଥିବାରୁ ନଦୀର ପଥ ବଦଳିବା ସହିତ ତଟଭୂମି ଭାଙ୍ଗିବା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବାରେ ଲାଗିଛି। ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ଯେ ଏନେଇ ଲୋକମାନେ ଅନେକ ଥର ତହସିଲ କାର୍ଯ୍ୟାଳୟ ଓ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସଠିକ କିମ୍ବା ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ମାଫିଆମାନେ ଅଧିକ ମାତ୍ରାରେ ଉତ୍ସାହିତ ହୋଇ ବାଲି ଲୁଟିବାରେ ଲାଗିଛନ୍ତି।



## ଜିଲ୍ଲା ପ୍ରଶାସନ ନିଦାବିଷ୍ଟ

# ରାତିସାରା ଗିରିଗାଁରୁ ବାଲି ଚୋରି

## ପୁଲିସ-ଖଣି ବିଭାଗ ପଇଁତରା ଧର୍ମକୁ ଆଖିଠାର

ଆନନ୍ଦପୁର, ୨୮।୯ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ହାଟଡିହି ତହସିଲ ଇଲାକା ପାଲଟିଛି ବାଲି ମାଫିଆଙ୍କ ଭୂସ୍ୱର୍ଗ। ଗିରିଗାଁ ଘାଟରୁ ବାଲି ଚୋରାଚାଲାଣ ଚରମ ସୀମାରେ ପହଞ୍ଚିଛି। ବୈତରଣୀ ନଦୀବନ୍ଧ ରାସ୍ତା ସାଧାରଣ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡିଛି। ପୁଲିସ ଓ ଲଘୁଖଣିଜ ବିଭାଗର କାର୍ଯ୍ୟଶୈଳୀ ଉପରେ ଏନେଇ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ରାତିରେ ହାଇୱା ଯୋଗେ ଟ୍ରିପ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏପରିକି ଲିଜ୍‌ଧାରୀଙ୍କ ଅଜାଣତରେ ବାଲିଘାଟରୁ ବାଲି ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ୫ରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ପରିବହନ ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିବା ସୁଯୋଗ ନେଇ ବାଲି ମାଫିଆ ଆନନ୍ଦପୁର ଉପଖଣ୍ଡରେ କାହାକୁ ଖାତିର ନ କରି ମାତିଛନ୍ତି। କୌଣସି କଟକଣାକୁ ଖାତିର କରୁନାହାନ୍ତି। ଲିଜଧାରୀଙ୍କ ଦ୍ୱାରା ଘାଟ ବନ୍ଦ କରାଯାଇଥିବା ବେଳେ କେତେକ ମୁଷ୍ଟିମେୟ ସ୍ଥାନୀୟ ଲୋକଙ୍କୁ ହାତ କରି ଘାଟରୁ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ହାଟଡିହି ତହସିଲ ଅନ୍ତର୍ଗତ ଗିରିଗାଁ ବାଲିଘାଟର ଲିଜଧାରୀ ତପନ ନନ୍ଦ କହିଛନ୍ତି ଯେ ସେ ଘାଟରୁ ବାଲି ଉତ୍ତୋଳନ ବନ୍ଦ କରିଛନ୍ତି। ରାତିରେ କିଏ ଘାଟରୁ ବାଲି ଉଠାଉଛି ସେ ଜାଣିନାହାନ୍ତି। ସେ ଏ ସମ୍ପର୍କରେ କେନ୍ଦୁଝର ଜିଲ୍ଲାପାଳ, ଏସ୍‌ପି ଓ ଲଘୁଖଣିଜ ବିଭାଗକୁ ଅବଗତ କରିଥିବା କହିଛନ୍ତି।



# ଦୁର୍ଗାପୂଜା ପାଇଁ ଉଖୁଣ୍ଡା ଉତ୍ସବମୁଖର

ଝୁମ୍ପୁରା, ୨୮।୯ (ସମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡାରେ ବୃହତ ଶାନ୍ତିକମିଟି ଅନୁକୂଲ୍ୟରେ ମା' ଜଗତଜନନୀ ଦୁର୍ଗାଦେବୀଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ପରିବେଶ ଉତ୍ସବମୁଖର ହୋଇଉଠିଛି। ଏହି ପୂଜା ୪୯ ବର୍ଷରେ ପଦାର୍ପଣ କଲାଣି। ମା'ଙ୍କ ମୃଣ୍ମୟ ମୂର୍ତ୍ତି, ସୁଉଚ୍ଚ ତରଣ ସାଙ୍ଗକୁ ମିନାବଜାର ସହ ଉଖୁଣ୍ଡା ସମଗ୍ର ବଜାରକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଭଦ୍ରକରୁ ଆସିଥିବା ପୂଜକ ହରେକୃଷ୍ଣ ତ୍ରିପାଠୀ, ଆଶିଷ ମିଶ୍ର, ଅଭୟ ପାଢ଼ୀ, ଜ୍ଞାନେନ୍ଦ୍ର ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି। ମା'ଙ୍କ ଆକର୍ଷଣୀୟ ମୂର୍ତ୍ତି ସହ ପାର୍ଶ୍ୱ ଦେବାଦେବୀ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ, ଶିବ ପୂଜା ପାଇବେ। ୨୮ ତାରିଖ ଷଷ୍ଠୀ ଅବସରରେ ବିଲ୍ୱବରଣ, କଳସପୂଜା ଓ ଘଟପୂଜା କରାଯାଇଛି। ୨୯ତାରିଖ ସପ୍ତମୀରେ କାଶୀପୁର ବନ୍ଧରୁ ଏକ ଶୋଭାଯାତ୍ରାରେ କଳସ ପାଣି ଆଣିଲା ପରେ ୩୦ତାରିଖ ଅଷ୍ଟମୀରେ ନିତ୍ୟ ପୂଜା, ସ୍ନାନ, ଉପଚାର, ହୋମ, ଚଣ୍ଡୀପାଠ ଓ ସନ୍ଧିପୂଜା ଅନୁଷ୍ଠିତ ହେବ। ୧ତାରିଖରେ ନବମୀ ପୂଜା ଓ ୨ ତାରିଖ ମୁଖ୍ୟ ଆକର୍ଷଣ ବିଜୟା ଦଶମୀ ଅବସରରେ ସନ୍ଧ୍ୟା ୮ରେ ରାବଣ ପୋଡି ଉତ୍ସବ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶାନ୍ତିକମିଟିର ସଭାପତି ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜାରେ, କମିଟିର କାର୍ଯ୍ୟକାରୀ ସଭାପତି ଭାସ୍କର ପରିଡା, କେଦାର ଗିରି, ବନବିହାରୀ ମହାନ୍ତ, ଚିନ୍ତାମଣି ମହାନ୍ତ, ଟୁନା ମାଝୀ, ଅଶୋକ ମହାନ୍ତ, ଲାଲମୋହନ ମହାନ୍ତ, ଟୁଲୁ ମିଶ୍ର, ମଙ୍ଗଲୁ ପାତ୍ର, ଅକ୍ଷୟ ଗିରି, ଜଗଦୀଶ ମହାନ୍ତ, ବେଣୁଧର ମହାନ୍ତ, ତ୍ରିବେଣୀ ମହାନ୍ତ, ଅଜୁ ମହାନ୍ତ, ଶ୍ରୀବତ୍ସ ସାହୁ, ଭବାନୀ ଶଙ୍କର ନାୟକ, ରତ୍ନାକର ସାହୁ, ପ୍ରମୋଦ ସାହୁ, ସୁରେଶ ମହାନ୍ତ, ରମାକାନ୍ତ ବାରିକ, ମଧୁସୁଦନ ବାରିକ, ନିଧି ବାରିକ, ସୁବାସ ମାଝୀ ସହ କମିଟିର ଅନ୍ୟସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ପାଗ ଭଲ ଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି।



# ବୋଡ଼ା ସାପ ଉଦ୍ଧାର



ତୁରୁମୁଙ୍ଗା, ୨୮।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ୍ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଏରେଣ୍ଡେଇ ଗାଁ ନିକଟରୁ ଏକ ବିରାଟ ବୋଡ଼ା ସାପକୁ ବନ ବିଭାଗ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଛି। ଗ୍ରାମର ଜଣେ ଯୁବକ ଜାଲରୁ ମାଛ ଆଣିବାକୁ ଯାଉଥିବା ସମୟରେ ରାସ୍ତାକଡ଼ରେ ଥିବା ସାପକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣା ରେଞ୍ଜ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି।

# ମହୁଲି ମଦ ଜବତ, ମାଫିଆ ଫେରାର

ତୁରୁମୁଙ୍ଗା, ୨୮।୯ (ସମିସ): ତୁରୁମୁଙ୍ଗା ପୁଲିସ ପକ୍ଷରୁ ତ୍ରିବିନ୍ଦା ନିକଟରୁ ଏକ ସ୍କୁଟିରେ ଟ୍ୟୁବ୍ ଏବଂ ଅଖାରେ ମହୁଲି ମଦ ନେଇ ଯାଉଥିବା ସମୟରେ ସ୍କୁଟି ସହ ମହୁଲିମଦଜବତକରିଛି ପୁଲିସ। ମଦ ନେଇ ଯାଉଥିବା ବ୍ୟକ୍ତି ଗାଡି ଛାଡି ଫେରାର ହୋଇଯାଇଛି। ପୁଲିସ ୮୫ ଲିଟର ମହୁଲି ମଦ ଜବତ କରି କରି ୨୪୨/୨୫ରେ ଏକ ମାମଲା ରୁଜୁ କରିଛି। ଏଏସଆଇ ସୁଜାତା ମହାନ୍ତ ଘଟଣାର ତଦନ୍ତ କରୁଥିବା ଭାରପ୍ରାପ୍ତ ଥାନାଧିକାରୀ ସୌରଭ ପ୍ରଧାନ କହିଛନ୍ତି।



## ଝୁରିଆ ସାର ଅଭାବ

# ଖୋଲାମେଲା ଚାଲିଛି କଳାବଜାର; ଚାଷୀ ହନ୍ତସନ୍ତ

ହାଟଡ଼ିହୀ,୨୮।୯ (ସମିସ): ହାଟଡ଼ିହୀ ବ୍ଲକରେ ୟୁରିଆ ସାର ଅଭାବ ନେଇ ବିଭିନ୍ନ ପଞ୍ଚାୟତର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ମୁଖ୍ୟତଃ ୟୁରିଆ ସାର ଆବଶ୍ୟକ ରହିଥିବା ବେଳେ ବିଭିନ୍ନ ସମବାୟ ସମିତିରେ ମଧ୍ୟ ସାର ଉପଲବ୍ଧ ନାହିଁ। ଚାଷୀମାନେ ସାର ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଦରରେ ସାର ମୂଲ୍ୟ ୩ଶହ ଟଙ୍କା ମଧ୍ୟରେ ଧାର୍ଯ୍ୟ ଥିଲାବେଳେ, ଖୋଲା ବଜାରରେ ତାହା ୬ଶହରୁ ୭ଶହ ଟଙ୍କା ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ହୋଲସେଲ୍ ଡ଼ିଲରମାନେ ବେପାରୀଙ୍କୁ ସାର ଦେଉଥିବାରୁ ବର୍ତ୍ତମାନ ମାର୍କେଟରେ ସାର ଅଭାବ ସହ ଚଢ଼ା ଦରରେ ସାର ବିକ୍ରି ହେଉଥିବା ନେଇ ଚର୍ଚ୍ଚା ହେଉଛି। ଚାଷୀମାନେ ହୋଲସେଲର ଓ ବେପାରୀଙ୍କ ଚକ୍ରାନ୍ତର ଶିକାର ହୋଇ କ୍ଷତିଗ୍ରସ୍ତ ହେଉଥିବା ବେଳେ ସାର ଅଭାବରୁ କଳାବଜାରର ଶିକାର ହେଉଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ ଢେଙ୍କା ପଞ୍ଚାୟତର ନୂଆ ସମବାୟ ସମିତିରୁ ଢେଙ୍କା ଅଞ୍ଚଳର ଚାଷୀମାନେ ସାର ପାଇବାରେ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ସେମାନେ ସଢ଼ା ସମବାୟ ସମିତିରୁ ସାର ପାଉଥିଲେ। ଏନେଇ ହାଟଡ଼ିହୀ ବ୍ଲକ କୃଷି ଅଧିକାରୀ ଭାମାଞ୍ଜରୀ ମହାନ୍ତ କହିଛନ୍ତି କି, ନୂଆ ସମବାୟ ସମିତି ଯୋଗୁଁ ବିକ୍ରି ପାଇଁ ଲାଇସେନ୍ସଧାରୀ ନଥିବାରୁ ଅସୁବିଧା ହୋଇଛି। ଢେଙ୍କା ଅଞ୍ଚଳର ଚାଷୀଙ୍କୁ ସଢ଼ା ସମବାୟ ସମିତିରୁ ସାର ପ୍ରଦାନ କରିବା ପାଇଁ ସମ୍ପାଦକଙ୍କୁ କୁହାଯାଇଛି। ସାର କଳାବଜାରୀ ସମ୍ପର୍କରେ ସବୁ ଶୁଣିବା ପରେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଲେନାହିଁ। ସଢ଼ା ଓ ଜମ୍ବିରା ପଞ୍ଚାୟତର ଚାଷୀମାନେ ୟୁରିଆ ସାର ପାଇ ପାରୁଥିବା ବେଳେ, ଏବେ ସୁଦ୍ଧା ଢେଙ୍କା ଅଞ୍ଚଳର ଚାଷୀମାନେ ୟୁରିଆ ସାର ନପାଇ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ତୁରନ୍ତ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ନିବେଦନ କରିଛନ୍ତି।

# କାଳୀ ପୂଜା ପାଇଁ ମାଟି ଅନୁକୂଳ

ବେଲବାହାଲି,୨୮।୯ ( ସମିସ): ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମରେ କାଳୀପୂଜା ପାଇଁ ମା'ଙ୍କ ମାଟି ଅନୁକୂଳ ହୋଇଯାଇଛି। ଗ୍ରାମଦେବତୀ ମା' କୁଣ୍ଡୁଳାଇ ପୀଠରୁ ରୀତିନୀତି ଅନୁସାରେ ପୂଜା କରି ମାଟି ଅନୁକୂଳ କରାଯାଇଥିଲା। ପୂଜକ ମହେଶ୍ୱର ପାଢ଼ୀ ପୂଜାର୍ଚ୍ଚନା କରିଥିବା ବେଳେ ରାମଚନ୍ଦ୍ର ସାହୁ କର୍ତ୍ତା ଥିଲେ। ହୋମଯଜ୍ଞ, ଘଣ୍ଟ, ନାମ ସଙ୍କୀର୍ତ୍ତନ ଓ ହୁଳହୁଳି ଦେଇ ପୂଜା କରିବା ପରେ ମା'ଙ୍କ ମାଟି ଅନୁକୂଳ କରାଯାଇଥିଲା। କମିଟିର ସଭାପତି ତାପସ କୁମାର ଜେନା, ସମ୍ପାଦକ ମୋହନ ଚରଣ ସାହୁ, ଉପଦେଷ୍ଟା ସଞ୍ଜୟ ଦାସ, ସଦସ୍ୟ ସିପୁ ସାହୁ, ସଞ୍ଜୟସାହୁ, ପ୍ରଶାନ୍ତ ସାହୁ, ନିରଞ୍ଜନ ସାହୁ, ହରପ୍ରସାଦ ସାହୁ, ଭୀମସେନ ସାହୁ, ତ୍ରିଲୋଚନ ସାହୁ, ସାହୁ, ବାପୁନ ସାହୁ, କାଳିଆ ସାହୁ, ସୁଶାନ୍ତ ଜେନା, ରଞ୍ଜନ ସାହୁ ଓ ହେମନ୍ତ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



# ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ମନମାନି

ରାମଚନ୍ଦ୍ରପୁର,୨୮।୯(ସମିସ): ଶିକ୍ଷକଙ୍କ ମନମାନିରେ ଚାଲୁଛି କେଶଦୁରାପାଳ କ୍ଲଷ୍ଟରର କେତେକ ପ୍ରାଥମିକ ବିଦ୍ୟାଳୟ। ଦୀର୍ଘଦିନରୁ ଦେଓଗାଁ କୁଶଳେଶ୍ୱର ମହାଦେବଙ୍କ ପୂଜାବିଧି ପାଇଁ ଘସିପୁରା ବ୍ଲକ ଅଧିନ ଦେଓଗାଁ, ଦରିଡିପାଳ, କଅଁସ ଏବଂ କେଶଦୁରାପାଳ କ୍ଲଷ୍ଟର ସମସ୍ତ ପ୍ରାଥମିକ ସ୍କୁଲ ଶନିବାର ସକାଳୁଆ ପରିବର୍ତ୍ତେ ରବିବାର ସକାଳୁଆ ଓ ସୋମବାର ସାପ୍ତାହିକ ଛୁଟି ହୋଇଥାଏ। ଅନ୍ୟ ସବୁଦିନ ୧୦ରୁ ୪ଟା ପର୍ଯ୍ୟନ୍ତ ଅଦ୍ୟାବଧି ଚାଲୁଥିବା ବେଳେ ୨୭ ସେପ୍ଟେମ୍ବର ଶନିବାର କେଶଦୁରାପାଳ କ୍ଲଷ୍ଟର ଅଧୀନ ବଢେଇସାହି, ପୋଡାପାଟଣା, କେଶଦୁରାପାଳ ସମେତ କେତେକ ପ୍ରାଥମିକ ବିଦ୍ୟାଳୟ ଶନିବାର ସକାଳୁଆ ଚାଲୁଥିଲା। ବିଦ୍ୟାଳୟ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବା ପରିବର୍ତ୍ତେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁମତି ନନେଇ ନିଜ ଇଚ୍ଛା ଅନୁସାରେ ସକାଳୁଆ ସ୍କୁଲ ଚାଲୁଛି। ଘଟଣା ସମ୍ପର୍କରେ ସଂପୃକ୍ତ କେଶଦୁରାପାଳ ପ୍ରାଥମିକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିନେଶ ଚକ୍ରଙ୍କୁ ପଚାରିବାରେ କୌଣସି ଅନୁମତି ନାହିଁ କହି ଖାମଖିଆଲ ଭାବେ କହିଥିଲେ। ଘସିପୁରା ବିଇଓ ସଦ୍ୟସ୍ନାତ ପଣ୍ଡା କହିଛନ୍ତି, ଏହାର ସତ୍ୟତା ତଦନ୍ତ କରି ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବା ବେଳେ ଏଠି କେତେକ ଶିକ୍ଷକ ମନମାନି କରି କୋମଳମତି ଶିଶୁଙ୍କ ସହ ଖେଳ ଖେଳୁଥିବା ନଜରକୁ ଆସିଛି। ଏହାରି ଉପରେ ଦୃଢ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।

# ଇନ୍‌ଡୋର ଷ୍ଟାଡିଅମରେ ଭାରୋତ୍ତୋଳନ ପ୍ରତିଯୋଗିତା

ଆନନ୍ଦପୁର, ୨୮।୯ (ସମିସ): ଆନନ୍ଦପୁର ବହୁମୁଖୀ ଇନଡୋର ଷ୍ଟାଡିଅମରେ ପାୱାର ଲିଫଟିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରଶିକ୍ଷକ ରୋଶନ କୁମାରଙ୍କ ତତ୍ତ୍ୱାବଧାନରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମଦନ ପାଣି ଯୋଗଦେଇ କୃତୀ ପ୍ରତିଯୋଗୀ ଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ବ୍ୟଡ଼ମିଣ୍ଟନ ପ୍ରଶିକ୍ଷକ ରାଜେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଆକାଶ କୁମାର ପାଲ, ଅନନ୍ତ କୁମାର ସିଂହ, ବଳରାମ ପାତ୍ର, ଉମେଶ ବାରିକ, ସୋମେଶ ରାଓ, ବିଶ୍ୱଜିତ ଜେନା, ସୁଶୀଲ କୁମାର ମୁଖି, ଗଣେଶ ପୃଷ୍ଟି, ତାପସ କୁମାର ନାୟକ, ଦୀପକ ବିଶ୍ୱାଳ, ସନତ ମାଧବ ମହାନ୍ତି, ଦୀପ୍ତିରଞ୍ଜନ ସାହୁ, ଅଭିଷେକ ବର୍ମା, ସାୟନ ମିଶ୍ରଙ୍କୁ ଶ୍ରୀ ପାଣି ପୁରସ୍କାର ପ୍ରଦାନ କରିଥିଲେ।



### ● ନବ ବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ସ୍ୱାମୀ ୪୦ ଟଙ୍କା ଦେବାକୁ ମନା କରିବାରୁ ଆତ୍ମହତ୍ୟା

ତୁରୁମୁଙ୍ଗା, ୨୮।୯(ସମିସ): ପାଟଣା ଥାନା ଗୋହିରା ବଗ୍ରାମର ଚତୁରିସାହିରେ ରବିବାର ଘଟିଛି ଅଭାବନୀୟ ଘଟଣା। ବାପ ଘରକୁ ଯିବାକୁ ସ୍ୱାମୀଙ୍କୁ ୪୦ ଟଙ୍କା ମାଗିଥିଲେ ସ୍ତ୍ରୀ କିନ୍ତୁ ସ୍ୱାମୀ ଟଙ୍କା ନଦେବାରୁ ଉଭୟଙ୍କ ମଧ୍ୟରେ କଳହ ପରେ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ନବବିବାହିତା ସ୍ତ୍ରୀ। ମୃତ ମହିଳା ହେଲେ ଗ୍ରାମର ବିଦ୍ୟାଧର ମୁଣ୍ଡାଙ୍କ ପତ୍ନୀ ଜନକୀ (୧୯)। ସେ ଘରଠାରୁ ୩ କିଲୋମିଟର ଦୂର ଏକ ମହୁଲ ଗଛ ଡାଳରେ ପିନ୍ଧା ଡ୍ରେସର ଚୁନିକୁ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପାଟଣା ପୁଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଉଭୟଙ୍କ ୯ ମାସ ପୂର୍ବରୁ ବିବାହ ହୋଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ପାଟଣା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୨୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ନୂଆଗାଁରେ ଚକ୍ଷୁ ଚିକିତ୍ସା ଶିବିର



ରାମଚନ୍ଦ୍ରପୁର,୨୮।୯(ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନୂଆଗାଁରେ ଏକ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସେବା ପକ୍ଷ ପାଳନ ଅବସରରେ ଘସିପୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁଠାରେ ସମାଜସେବୀ ଡ ଶମ୍ଭୁନାଥ ରାଉତଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୩୪ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯାଜପୁର ଭୂମିକା ଏବଂ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସ୍ଥାନୀୟ ଅଞ୍ଚଳର ଅନେକ ବୃଦ୍ଧବୃଦ୍ଧାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଖାଲିଆମେଣ୍ଟା ମଣ୍ଡଳ ସଭାପତି ଯୋଗେନ୍ଦ୍ରବାବୁ ଦାସ, ରାମଚନ୍ଦ୍ରପୁର ସଭପତି ଅଜୟ ବାରିକ, ସୌଭାଗ୍ୟ ରାଉତ, ଚିନ୍ମୟକୁମାର ସା, ମଳୟକୁମାର ପଣ୍ଡା, ଅନନ୍ତ ଜେନା, ସୁରଥଚନ୍ଦ୍ର ସା, ରମାକାନ୍ତ ମାଝୀ, ମହେଶ୍ୱର ନାୟକ, ପ୍ରମୋଦ ପରିଡା, ଚର୍ତୁଭୂଜ ମୁର୍ମୁ, ସମାଜସେବୀ ବିଷ୍ଣୁପ୍ରସାଦ ବାରିକ ସମେତ ଅନେକ କର୍ମୀ ସହଯୋଗ କରିଥିଲେ।

## ଲାଗୁ ହେଉନି ବଦଳି ନିୟମ

# ୧୦ ବର୍ଷରୁ ଅଧିକ ହେଲା କର୍ମଚାରୀ ଗୋଟିଏ ଜାଗାରେ

ଆନନ୍ଦପୁର, ୨୮।୯ (ସମିସ)

ଆନନ୍ଦପୁର ଉପଖଣ୍ଡରେ ଲାଗୁ ହେଉନି ସରକାରଙ୍କ ବଦଳି ଆଇନ। ଫଳରେ ପ୍ରାୟ ୧୦ ବର୍ଷ ସମୟ ଧରି କର୍ମଚାରୀମାନେ ଗୋଟିଏ ସ୍ଥାନରେ ରହି ପ୍ରଶାସନିକ ବ୍ୟବସ୍ଥାକୁ ମନମାନିରେ ଚଳାଇଥିବା ଅଭିଯୋଗ ହେଉଛି। ବିଭିନ୍ନ କାର୍ଯ୍ୟାଳୟକୁ ବଦଳି ହୋଇଆସୁଥିବା ଅଧିକାରୀଙ୍କୁ କାନକୁହା କଥାକହି ବିଭ୍ରାନ୍ତ କରୁଥିବାରୁ ଅନେକ ଉନ୍ନୟନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଥବା ଦେଖାଯାଉଛି। ଦୀର୍ଘଦିନ ଧରି ଆଡ୍ଡା ଜମାଇଥିବା କେତେକ କର୍ମଚାରୀ ସରକାରୀ କାର୍ଯ୍ୟାଳୟକୁ ଉପକରଣ ଯୋଗାଇବା ସମ୍ପର୍କୀୟଙ୍କ ନାଁରେ ଗାଡି ଭଡାରେ ଲଗାଇବା ସରକାରୀ କ୍ୱାର୍ଟରରେ ବ୍ୟବସାୟିକ ଉପକରଣ ମହଜୁଦ ରଖିବା ଭଳି ଆପତ୍ତିଜନକ କାର୍ଯ୍ୟକଳାପ ଦିନକୁ ଦିନ ବଢିଚାଲୁଥିବା ପରିଲକ୍ଷିତ ହୋଇଛି। ଆନନ୍ଦପୁର ଅଞ୍ଚଳର ଅଧିବାସୀ ହୋଇ ଆନନ୍ଦପୁର ହାଟଡିହି ଘସିପୁରା ବ୍ଲକ ତହସିଲ ଶିଶୁବିକାଶ ବିଭାଗ ଶିକ୍ଷା ବିଭାଗ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ଆଡା ଜମାଇଥିବା ଚିନ୍ତାର କାରଣ ହୋଇଛି। ସମଗ୍ର କେନ୍ଦୁଝର ଜିଲାରେ କାର୍ଯ୍ୟକାରୀ ହେଉନି ବଦଳି ଆଦେଶ। ଏପରିକି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଉ ନଥିବାବେଳେ କର୍ମଚାରୀଙ୍କୁ ଚୌକିର ମୋହ ଛାଡୁ ନଥିବା ଅଭିଯୋଗ ହୋଇଛି। ବଦଳି ହେବାପରେ କର୍ମଚାରୀମାନେ ରାଜନୈତିକ ଚାପ ସୃଷ୍ଟି କରି ରହୁଥିବାରୁ ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ପରିଷଦ ଆଦେଶ ଚିଠି ନମ୍ବର୪୯୨୫/୫.୯.୨୦୨୪ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ କର୍ମଚାରୀ ବଦଳି ହୋଇଥିଲେ ମଧ୍ୟ ସେ ଅଦ୍ୟାବଧି ସେହି ବ୍ଲକ୍‌ରେ କାର୍ଯ୍ୟରତ ଅଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଞ୍ଚାୟତ ବିଭାଗର ନିର୍ଦ୍ଦେଶ ଚିଠି ନମ୍ବର ୭୬୭/ ୨୨.୭.୨୦୨୫ ୨୫ରେ ଘସିପୁରା ବ୍ଲକର କର୍ମଚାରୀଙ୍କ ବଦଳି ହୋଇଛି। ଆନନ୍ଦପୁର ଶିଶୁ ବିକାଶ ବିଭାଗରେ ଗତ ପ୍ରାୟ ୧୦ ବର୍ଷ ଧରି କର୍ମଚାରୀ ଆଡ୍ଡା ଜମାଇ ରହିଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୬ ବର୍ଷ ପରେ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଏହି ଆଦେଶକୁ ଚାପି ଦିଆଯାଇଛି। ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଜାରି କରିଥିବା ପତ୍ରସଂଖ୍ୟା ୧୬୨୬୫ର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନେବାକୁ ସାଂସଦ ପ୍ରତିନିଧି ପ୍ରଣୟିନୀ ବ୍ରହ୍ମ ଦାବି କରିଛନ୍ତି।



# ଜୀବନଦୀପ କ୍ଲବ୍ ପକ୍ଷରୁ ଦୁଇଦିନିଆ ଫୁଟ୍‌ବଲ



ତୁରୁମୁଙ୍ଗା, ୨୮।୯(ସମିସ): ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ଗୋଡିପଖରୀ ଗ୍ରାମର ଜୀବନଦୀପ କ୍ଲବ୍ ଆନୁକୁଲ୍ୟରେ ପ୍ରଥମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ଯୁବ ସମାଜସେବୀ ଦୀପକ ମଣ୍ଡଳ, ଜ୍ୟୋତିରଞ୍ଜନ ସାହୁ, ମର୍ଚ୍ଚାଣ୍ଟ ନେଭି ଅଧିକାରୀ ବସନ୍ତ ନାୟକ ପ୍ରମୁଖ ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଯୋଗ ଦେଇଥିଲେ। କଟକ, ଭୁବନେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବିଶିଷ୍ଟ ଫୁଟବଲ୍ କ୍ଲବ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ କଣ୍ଟିଆପଡା ସହ ଗୋଡ଼ିପୋଖରୀ ମଧ୍ୟରେ ହୋଇଥିଲା। ଖେଳକୁ ରେଫରି ସନ୍ତୋଷ ମହାକୁଡ଼ ଯତୀନ ମହାନ୍ତ, ଶଙ୍କର୍ଷଣ ନାଏକ, ଧନେଶ୍ୱର ସର୍ଦ୍ଦାର ପରିଚାଳନା କରିଥିବା ବେଳେ ଭାଷ୍ୟକାର ଅରୁଣ ମହାନ୍ତ, ଟଙ୍କଧର ମହାନ୍ତଧାରା ବିବରଣୀ ଦେଇଥିଲେ। କ୍ଲବ ସଭାପତି ଭକ୍ତବନ୍ଧୁ ନାଏକ, ସମ୍ପାଦକ ହୃଷୀକେଶ ନାଏକ, ହାପି, ନିହାର, ନାଗ, କେଦାର ମନୋଜ, ଜପ, ଇନ୍ଦ୍ର, ସୋନୁ, ବାବୁଲା, ଗୁଲୁ, କୁଳଦୀପ ପ୍ରମୁଖ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଦାନଧର୍ମ କରିବେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପେଟଜନିତ ସମସ୍ୟା ଦେଖାଦେଇପାରେ। ହସଖୁସିରେ ଦିନ ବିତିବ।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ ଆରମ୍ଭ କରିବେ। ନେଣ-ଦେଣ ମାମଲାରେ କାହା ଉପରେ ବିଶ୍ୱାସ କରନ୍ତୁନି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଆଜି ଦିନଟି ସନ୍ତୋଷଜନକ ରହିବ। ପ୍ରତ୍ୟେକ କାମ ଶାନ୍ତି ଶୃଙ୍ଖଳାର ସହିତ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଜମି କିଣିପାରନ୍ତି।

**ସିଂହ:** ସାମାଜିକ କାର୍ଯ୍ୟରେ ଯୋଗଦାନ ରହିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କନ୍ୟା:** ସୁଖ-ସମୃଦ୍ଧି ବୃଦ୍ଧି ପାଇବ। ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ବରିଷ୍ଠ ଲୋକଙ୍କ ସହଯୋଗ ମିଳିପାରେ। ବ୍ୟକ୍ତିଗତ କାର୍ଯ୍ୟରେ ବାଧା ଉପୁଜିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଆୟ ଓ ବ୍ୟୟ ବୃଦ୍ଧି ହେବ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିପାରେ। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ହେବ।

## ଆଜିର ଇତିହାସ

- ୧୬୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋର ଆରମ୍ଭ।
- ୧୮୩୬- ମାଡ୍ରାସ ଚାମ୍ବର ଅଫ୍ କର୍ମସ୍ ଆଣ୍ଡ ଇଣ୍ଡଷ୍ଟ୍ରୀର ସ୍ଥାପନା।
- ୧୯୧୧- ଇଟାଲୀ ଓଟୋମନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୭- ଆମେରିକା ଓ ମେକ୍ସିକୋ ମଧ୍ୟରେ ଟେଲିଫୋନ ସେବା ଆରମ୍ଭ ହେଲା।
- ୧୯୫୯- ଆରତି ଶାହ ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ।
- ୧୯୭୮-ପୋପ୍ ଜନ୍ ପଲ୍ ପ୍ରଥମଙ୍କର ରହସ୍ୟମୟ ସ୍ଥିତିରେ ମୃତ୍ୟୁ।

## 'ଡନ୍ ୩'କୁ ମିଳିଲା ଖଳନାୟକ





ବିଗ୍ ବି ଅମିତାଭ, ଶାହାରୁଖ୍ ଖାନ୍‌ଙ୍କ ପରେ ଏବେ ରଣବୀର ସିଂହ ଡନ୍ ଭୂମିକାରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଡନ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ 'ଡନ୍ ୩'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଏଥିରେ ରଣବୀର ସିଂହଙ୍କ ସହ କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ଅନ୍ୟପକ୍ଷରେ ଫିଲ୍ମରେ ରଣବୀରଙ୍କୁ ଟକ୍କର ଦେବା ପାଇଁ ପ୍ରଯୋଜକ ଜଣେ ସାଉଥ୍ କଳାକାରଙ୍କୁ ଏଥିରେ ବ୍ରେକ୍ ଦେଇଛନ୍ତି। ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ଫିଲ୍ମ ନିର୍ମାତା 'ମାଷ୍ଟର', 'କୈଥି', 'ବିକ୍ରମ' ଭଳି ହିଟ୍ ଫିଲ୍ମ ଦେଇଥିବା ତେଲୁଗୁ କଳାକାର ଅର୍ଜୁନ୍ ଦାସଙ୍କୁ ବାଛିଛନ୍ତି। ଯଦି ଏହା ସତ ହେଲା, ତେବେ ଅର୍ଜୁନ ଏହି ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ। ଫରହାନ୍ ଓ ତାଙ୍କ ଟିମ୍ ଏବେ ଅର୍ଜୁନଙ୍କ ସହ କଥାବାର୍ତ୍ତା କରୁଛନ୍ତି। ଅର୍ଜୁନ୍ ମଧ୍ୟ ଏହି ଫିଲ୍ମ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଏହାର ସୁଟିଂ ଆସନ୍ତାବର୍ଷ ଜାନୁଆରୀରୁ ଆରମ୍ଭ ହେବ। 'ଡନ୍ ୩'ର ଆକ୍ସନ୍ ସିନ୍‌ଗୁଡ଼ିକ ସୁଟ୍ ପାଇଁ ଆନ୍ତର୍ଜାତିକ ସ୍ତରର ଷ୍ଟଣ୍ଟ ଟିମ୍ ରହିବ।

## ବିଶ୍ୱ ହୃଦୟ ଦିବସ




ଆଜି ହେଉଛି ୱାର୍ଲ୍ଡ୍ ହାର୍ଟ ଡେ' ବା ବିଶ୍ୱ ହୃଦୟ ଦିବସ । ହୃଦ୍‌ରୋଗ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃଦୟ ଦିବସ' ପାଳନ କରାଯାଏ। ସାରା ବିଶ୍ୱରେ ହୃଦ୍‌ଘାତ ମୃତ୍ୟୁ ସଂଖ୍ୟା ବଢୁଥିବାର ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ହୃଦୟ ଫେଡେରେସନ୍ ମିଳିତ ଭାବେ ବିଶ୍ୱ ହୃଦୟ ଦିବସର କଳ୍ପନା କରିଥିଲେ। ଏହି ବିଶେଷ ଦିନ ପାଳନ କରିବାର ଆରମ୍ଭ ପ୍ରଥମେ ୨୦୦୦ ମସିହାରେ ହୋଇଥିଲା । ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ, ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ରବିବାର ଦିନ ବିଶ୍ୱ ହୃଦୟ ଦିବସ ପାଳନ କରାଯିବ । ୨୦୧୪ରେ ଏଥିରେ ପରିବର୍ତ୍ତନ ଅଣାଯାଇ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରିବାକୁ ସ୍ଥିର କରାଗଲା । ଖାଦ୍ୟପେୟ ଅନିୟମିତତା ହେଉ ବା ଶାରୀରିକ ପରିଶ୍ରମର ଅଭାବ, ବର୍ତ୍ତମାନ ହୃଦ୍‌ରୋଗ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ସଚେତନତା ଅଭାବରୁ ଅନେକ ଲୋକ ହୃଦ୍‌ଘାତର ଶିକାର ହେବା ସହ ପ୍ରାଣ ମଧ୍ୟ ହରାଉଛନ୍ତି। ବର୍ତ୍ତମାନ ସମୟରେ ଆଧୁନିକ ଜୀବନଶୈଳୀ ଅନେକ ରୋଗର କାରଣ ପାଲଟିଛି। ତା'ମଧ୍ୟରୁ ସବୁଠାରୁ ବଡ଼ ରୋଗ ହେଉଛି ହୃଦ୍‌ରୋଗ। ହୃତ୍‌ପିଣ୍ଡ ଆମ ଶରୀରର ମୁଖ୍ୟ ଅଙ୍ଗ। ହୃତ୍‌ପିଣ୍ଡ ସଠିକ ଭାବେ କାର୍ଯ୍ୟ ନ କଲେ ପୁରା ଶରୀରରେ ସମସ୍ୟା ଦେଖାଯାଇଥାଏ। ତେଣୁ ହାର୍ଟ ବା ହୃଦୟକୁ ସୁସ୍ଥ ରଖିବା ନିହାତି ଦରକାର।

ଫାଷ୍ଟଫୁଡ୍, ଜଙ୍କଫୁଡ୍, ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇବା, ମଦ୍ୟପାନ, ଧୂମପାନ ସହ ବ୍ୟାୟାମରୁ ଦୂରେଇ ରହିବା ଦ୍ୱାରା ହୃଦ୍‌ଯନ୍ତ୍ର ଦୁର୍ବଳ ଏବଂ ରୁଗ୍‌ଣ ହୋଇଯାଇଥାଏ। ଅତ୍ୟଧିକ ଚିନ୍ତା ଓ ଉଦ୍‌ବେଗ ମଧ୍ୟ ହୃଦ୍‌ରୋଗକୁ ଡାକିଆଣେ। ୫୦ ରୁ ଅଧିକ ବୟସ୍କ ଲୋକଙ୍କଠାରେ ଏହା ସାଧାରଣତଃ ଅଧିକ ଦେଖାଯାଏ । ତେବେ ସ୍ତ୍ରୀ ଲୋକଙ୍କ ତୁଳନାରେ ପୁରୁଷମାନେ କମ୍ ବୟସରେ ହୃଦରୋଗର ଶିକାର ହେବାର ସମ୍ଭାବନା ଅଧିକ ଥାଏ । ହୃଦୟ ମାନସିକ ଆଉ ଶାରୀରିକ ସୁସ୍ଥତାର ଏକ ପ୍ରମୁଖ ଅଂଶ। ତେଣୁ ହୃଦୟ ସୁସ୍ଥ ରହିବା ନିହାତି ଆବଶ୍ୟକ। ମାତ୍ର ବର୍ତ୍ତମାନ ପରିସ୍ଥିତି ଏପରି ହେଲାଣି, ହୃଦସ୍ପନ୍ଦନ କେତେବେଳେ ଠପ୍ ହୋଇଯାଉଛି, ତା'ର ସାମାନ୍ୟ ସଙ୍କେତ ବି ମିଳୁନି। ଉଚିତ ଖାଦ୍ୟ ପାନୀୟ ଗ୍ରହଣ, ନିୟମିତ ବ୍ୟାୟାମ, ଧୂମପାନ ବର୍ଜନ ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ଏହି ଦିବସ ମାଧ୍ୟମରେ ହୃଦ୍‌ରୋଗକୁ କିଭଳି ଦୂର କରାଯାଇପାରିବ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଚଳିତବର୍ଷ ବିଶ୍ୱ ହୃଦୟ ଦିବସର ଥିମ୍ ରହିଛି "Don't Miss a Beat" ।

## ୬୩ ଦିନ ଧରି ଗୁମ୍ଫାରେ ରହିଲେ ବୈଜ୍ଞାନିକ

ମିସେଲ ସିଫ୍ରେ ନାମକ ଜଣେ ବୈଜ୍ଞାନିକ ୧୯୬୨ ମସିହାରେ ଏକ ନିଆରା ପରୀକ୍ଷା କରିଥିଲେ। ଫ୍ରାନ୍ସର ଆଲପସ୍ ପର୍ବତମାଳାର ଏକ ୧୩୦ ମିଟର ଗଭୀର ଗୁମ୍ଫାକୁ ସେ ଏକ ଗ୍ଲେସିୟର୍ ଠାବ କରିବାକୁ ଯାଇଥିଲେ। ଅବଶ୍ୟ ପରେ ସେ ମନ ପରିବର୍ତ୍ତନ କରି ନେଇଥିଲେ। ଘଣ୍ଟା, ସୂର୍ଯ୍ୟାଲୋକ, କ୍ୟାଲେଣ୍ଡର ବିନା ଏକ ମାହୋଲରେ ସେ ୬୩ ଦିନ ଜୀବନ ବିତାଇବା ପାଇଁ ସ୍ଥିର କରିଥିଲେ। ଏହି ସମୟରେ ସେ ମଣିଷର ଶରୀର ସମୟର ଉପସ୍ଥିତିକୁ କିପରି ଜାଣୁଛି ତାହା ଜାଣିବାକୁ ଚେଷ୍ଟା କରିଥିଲେ। ତାଙ୍କର ଏହି ପରୀକ୍ଷା ସେତେବେଳେ ଜୀବ ବିଜ୍ଞାନରେ ହଇଚଇ ସୃଷ୍ଟି କରିଥିଲା। ଗୁମ୍ଫାରେ ରହିବା ମିସେଲଙ୍କ ପାଇଁ ବେଶ୍ କଷ୍ଟକର ଥିଲା। କାରଣ ଏଠାରେ ତାପମାତ୍ରା ଶୂନ ଡିଗ୍ରୀ ରହୁଥିଲା। ହେଲେ ଗୁମ୍ଫାର ଶାନ୍ତ ପରିବେଶ ତାଙ୍କୁ ବହୁତ ଭଲ ଲାଗୁଥିଲା। ଏଠାରେ ଦିନ ରାତି ଜଣାପଡୁ ନ ଥିବାରୁ ତାଙ୍କର ଜୈବିକ ଚକ୍ର ବିଗିଡ଼ିବାକୁ ଲାଗିଲା। ଅତ୍ୟଧିକ ଥଣ୍ଡା ଏବଂ ଏକାକୀତ୍ୱ ତାଙ୍କ ମନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଲା। ଏହି ଯନ୍ତ୍ରଣାପୂର୍ଣ୍ଣ ଅଭିଜ୍ଞତା ତାଙ୍କୁ ମନୁଷ୍ୟ ଶରୀର ଉପରେ ଏକାକୀତ୍ୱର ପ୍ରଭାବ ବୁଝିବାରେ ସାହାଯ୍ୟ କଲା। ସୂର୍ଯ୍ୟାଲୋକ ଏବଂ ଘଣ୍ଟା ନ ଥିବା କାରଣରୁ ତାଙ୍କ ଶରୀରର ଜୈବିକ ଘଣ୍ଟା ୨୪ ଘଣ୍ଟାରୁ ବିଚ୍ୟୁତ ହୋଇଥିଲା। ଆରମ୍ଭରୁ ତାଙ୍କର ଜୈବିକଚକ୍ର ୨୪.୫ ଘଣ୍ଟା ଥିବାବେଳେ ପରବର୍ତ୍ତୀ ସମୟରେ ଏହା ୩୬ ଘଣ୍ଟାକୁ ବୃଦ୍ଧି ପାଇଥିଲା। କାରଣ ଏହି ସମୟରେ ମିସେଲ ୨୪ ଓ ୩୬ ଘଣ୍ଟା ମଧ୍ୟରେ ଅନ୍ତର ଜାଣି ପାରି ନ ଥିଲେ। ମଣିଷ ଶରୀର ତା'ର ନିଜସ୍ୱ ଆଭ୍ୟନ୍ତରୀଣ ଘଣ୍ଟା ଦ୍ୱାରା କାମ କରିଥାଏ ଓ ଏହା ବାହାର ଦୁନିଆରୁ ଅଲଗା ହୋଇଥାଏ ବୋଲି ମିସେଲଙ୍କ ଏହି ଆବିଷ୍କାର ପ୍ରମାଣ କରିଥିଲା। ଆରମ୍ଭରୁ ମିସେଲଙ୍କ ଗବେଷଣାକୁ ଅନ୍ୟ ବୈଜ୍ଞାନିକମାନେ ସନ୍ଦେହ ଦୃଷ୍ଟିରେ ଦେଖିଥିଲେ ହେଁ ପରେ ପରେ ତାଙ୍କ ପରୀକ୍ଷାର ଗୁରୁତ୍ୱ ବଢ଼ିଥିଲା। ଏହାପରେ କ୍ରୋନୋବାୟୋଲୋଜି, ନାମକ ଏକ ବିଜ୍ଞାନ ସାମ୍ନାକୁ ଆସିଥିଲା। ଏହା ଆମ ଶରୀର ସମୟ ସହିତ କିପରି ଖାପ ଖାଏ, ତାହା ସ୍ପଷ୍ଟ କରିଥିଲା।



## ନବରାତ୍ରୀରେ ୧୦୮ ନାମ ଜପ

ନବରାତ୍ରୀରେ ମନ୍ତ୍ର ଓ ନାମ ଜପକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହି ସମୟରେ ଦେବୀ ଦୁର୍ଗାଙ୍କ ୧୦୮ ନାମ ଜପ କରିବା ଉଚିତ। ଦୁର୍ଗା, ପ୍ରଥମା, ଜୟା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଶକ୍ତି, ଅନନ୍ତ, ଭବାନି, ରତ୍ନପ୍ରିୟା , ସର୍ବବିଦ୍ୟା, ବହୁରଙ୍ଗୀ, ପାତାଳବତୀ ଭଳି ଆହୁରି ଅନେକ ନାମ ଦେବୀ ଦୁର୍ଗାଙ୍କର ଅଛି। ତାଙ୍କ ନାମ ଓ ମନ୍ତ୍ର ଜପରୁ ଅନେକ ଲାଭ ମିଳିଥାଏ। ବିଶେଷକରି ନବରାତ୍ରୀରେ ଦୁର୍ଗା ମା'ଙ୍କ ନାମ ଜପ କଲେ ଅଲୌକିକ ଲାଭ ମିଳେ। ଏହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବି ଭଲ ପ୍ରଭାବ ପକାଏ। ଏହି ନାମ ଜପ ଦ୍ୱାରା ଆଧ୍ୟାତ୍ମିକ ଉନ୍ନତି ହେବା ସହ ଜୀବନର ବାଧା ବି ଦୂର ହୁଏ। ସେହିପରି ଶରୀରରେ ଶକ୍ତି ନିରନ୍ତର ବଢ଼ିଥାଏ । ଏହି ମନ୍ତ୍ର ଜପ ଦ୍ୱାରା ଦେବୀ ମା'ଙ୍କ ଅସୀମ କୃପା ପ୍ରାପ୍ତି ହୁଏ। ତେବେ ଏହାକୁ କେବଳ ପୂଜା ସମୟରେ ଜପ କରାଯିବ ତାହା ନୁହେଁ, ଦିନର ଯେକୌଣସି ସମୟରେ ଦେବୀ ମା'ଙ୍କ ନାମକୁ ଜପ କରାଯାଇପାରିବ।

ନବରାତ୍ରୀ ଭଳି ପବିତ୍ର ଅବସରରେ ଦୁର୍ଗା ମା'ଙ୍କ ୧୦୮ ନାମ ଜପ କରିବା ଅତ୍ୟନ୍ତ ଶୁଭ। ଏହି ନାମ ଜପ ଦ୍ୱାରା ମାନସିକ ଶାନ୍ତି, ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ ହୁଏ। ତା'ସହ ଜୀବନର ସମସ୍ତ ବାଧା ଦୂର ହୁଏ।



## ସ୍ତୁତି

## ପବିତ୍ର ବିଜୟା ଦଶମୀ



ଆଶ୍ୱିନ ଶୁକ୍ଳ ଦଶମୀକୁ 'ବିଜୟା ଦଶମୀ' କୁହାଯାଏ। ଏହି ଦିନ ମାଆ ଦୁର୍ଗାଙ୍କୁ ପୂଜନ କଲେ ମାନବ ଦଶ ଜନ୍ମକୃତ ପାପରୁ ଉଦ୍ଧାର ପାଏ ବୋଲି, ଏହାକୁ "ଦଶହରା" କୁହାଯାଏ । ଏତଭିନ୍ନ ଏହି ତିଥିରେ ମାଆ ଦୁର୍ଗାଙ୍କ ପୂଜା ନିଷ୍ଠାର ସହ ପାଳନ କଲେ ଦଶ ବାଧାବିଘ୍ନ ଦୂର ହେଉଥିବାରୁ ଏହାର ନାମ ଦଶହରା। ଦଶହରା ବା ବିଜୟା ଦଶମୀ ହେଉଛି ଜଗତଜନନୀଙ୍କ ଶାରଦୀୟ ଦୁର୍ଗା ପୂଜାର ଶେଷ ଦିନ। ଏହିଦିନ ବିଭିନ୍ନ ଦୁର୍ଗା ମନ୍ଦିର ତଥା ପୂଜା ମଣ୍ଡପରେ ମା'ଙ୍କର ରୀତିନୀତିରେ ପୂଜାର୍ଚ୍ଚନା କରାଯାଏ।

- ଦଶହରାରେ ଖଣ୍ଡା, ଢାଲ, ଲଙ୍ଗଳ, କରଣୀ ଆଦି ବିଭିନ୍ନ ପାରମ୍ପରିକ ଯନ୍ତ୍ର ଏବଂ ଉପକରଣ ପୂଜା କରାଯାଇଥାଏ। ଏହି ଦଶମୀ ପର୍ବକୁ ଅପରାଜିତା ପୂଜା ମଧ୍ୟ କୁହାଯାଏ। ତେବେ ଦୁର୍ଗା ମା'ଙ୍କୁ ଅପରାଜିତା ଫୁଲରେ ପୂଜା କଲେ ଦୁର୍ଗା ମା' ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ସେହିପରି ବିଜୟା ଦଶମୀରେ ଅପରାଜିତା ଫୁଲରେ ମା' ଦଶଭୂଜାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଏ।
- ପୁରାଣ ଅନୁସାରେ, ମହିଷାସୁର ଅତ୍ୟାଚାରରେ ଦେବତାମାନେ ତ୍ରାହି ତ୍ରାହି ଡାକିଲେ। ତେବେ ଏହି ରାକ୍ଷସର ଅତ୍ୟାଚାର ଅସହ୍ୟ ହେବାରୁ ଦେବତାମାନେ ଦୁର୍ଗାଙ୍କୁ ଆବାହନ କଲେ। ଦେବୀ ଦୁର୍ଗା ସିଂହବାହିନୀ ସାଜି ମହିଷାସୁରର ବଦ୍ଧ କରିଥିଲେ। ପାପୀ ମହିଷାସୁରକୁ ବଦ୍ଧ କରି ତିନିପୁରରେ ମା' ଦୁର୍ଗା ଶାନ୍ତି ପ୍ରତିଷ୍ଠା କରିଥିଲେ। ସେହିପରି ଦଶହରା ଦିନ ଶ୍ରୀରାମ ମାତୃଶକ୍ତି ବନଦୁର୍ଗାଙ୍କୁ ପୂଜା କରି ରାବଣକୁ ବଦ୍ଧ କରି ମା' ସୀତାଙ୍କୁ ଉଦ୍ଧାର କରିଥିଲେ। ଏଣୁ ଦଶହରାକୁ ଅଧର୍ମ ଉପରେ ଧର୍ମର ବିଜୟ ଉତ୍ସବ ଭାବେ ପାଳନ କରାଯାଏ। ଏହିଦିନ ଯାନବାହନ ପୂଜା କରାଯାଏ।
- ଦଶହରା ଦିନ ରାବଣପୋଡ଼ିର ପରମ୍ପରା ରହିଛି। ଏହା ହିଁ ହେଉଛି ଏହିଦିନର ମୁଖ୍ୟ ଆକର୍ଷଣ। କୁହାଯାଏ, ରାବଣ ପୋଡ଼ି ଦ୍ୱାରା ଅସତ୍ୟର ଲୋପ ଘଟି ସତ୍ୟର ବିଜୟ ହୁଏ। ତେଣୁ ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ଭାବେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷରେ ଦଶହରା ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ଭାବ ଓ ଭକ୍ତିମୟ ପରିବେଶ ଥାଏ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

**ଶିବନାରାୟଣ ମହାପାତ୍ର**

ଶ୍ରୀମଦ୍ ଭାଗବତର ଚତୁର୍ଥ ସ୍କନ୍ଧ , ୨୫ ଠାରୁ ୨୮ ଅଧ୍ୟାୟରେ ଏକ ଭାବ ଉଦ୍ରେକ ମନୋଜ୍ଞ ଉପାଖ୍ୟାନ ରହିଅଛି। ଏହାର ଶୀର୍ଷକ ପୁରଞ୍ଜନ ଉପାଖ୍ୟାନ। ଜୀବତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ବିଷୟରେ ଅତ୍ୟନ୍ତ ତାତ୍ତ୍ୱିକ ଭାବରେ ଏକ କଥା ଛଳରେ ନାରଦ ମୁନୀ ପ୍ରାଚୀନବର୍ହିଙ୍କୁ ଏହି ଉପାଖ୍ୟାନ ଶୁଣାଇଛନ୍ତି।

ପ୍ରାଚୀନବର୍ହି କିଏ ପ୍ରଥମେ ଜାଣିବା। ଶ୍ରୀମଦ୍ ଭାଗବତରେ ଧ୍ରୁବ ଏକ ପରିଚିତ ଚରିତ୍ର। ଧ୍ରୁବଙ୍କ ପୁତ୍ର ହେଉଛନ୍ତି ଅଙ୍ଗ, ଅଙ୍ଗଙ୍କ ପୁତ୍ର ବେନ, ବେନଙ୍କ ପୁତ୍ର ପୃଥୁ, ପୃଥୁଙ୍କ ପୁତ୍ର ପ୍ରାଚୀନବରହୀ। ଅର୍ଥାତ ଧ୍ରୁବ ମହାରାଜଙ୍କ ବଂଶ ପରମ୍ପରାରେ ପ୍ରାଚୀନବରହୀ ଜନ୍ମ ଗ୍ରହଣ କରିଥିଲେ।

ପ୍ରାଚୀନବରହୀ ଜଣେ କର୍ମ କାଣ୍ଡି ରାଜା ଥିଲେ। ସେ ଅନେକ କର୍ମ କାଣ୍ଡ ଓ ଯଜ୍ଞାଦି କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଯଜ୍ଞ ଶେଷରେ ସେ ଅନେକ ପଶୁ ବଳି ଦେଉ ଥିଲେ। ନିରୀହ ପଶୁ ଗୁଡିକ ଅସମୟରେ ମୃତ୍ୟୁ ମୁଖରେ ପଡି କଷ୍ଟ ପାଉଥିଲେ ଓ ସ୍ୱର୍ଗରେ ଥାଇ ପ୍ରାଚୀନବରହୀଙ୍କୁ ଅଭିଶାପ ଦେଉ ଥିଲେ। ଏ କଥା ନାରଦ ମୁନୀଙ୍କ ଦୃଷ୍ଟି ଗୋଚର ହୁଅନ୍ତେ ସେ ପ୍ରାଚୀନବରହୀଙ୍କ ପାଖରେ ପହଞ୍ଚି କହିଲେ, "ଅସଲ ସୁଖ ଭଗବତ ପ୍ରାପ୍ତିରେ ଅଛି, ଯାହା କର୍ମକାଣ୍ଡ ଦ୍ୱାରା ହାସଲ ହୋଇ ପାରେ ନାହିଁ।" ପ୍ରାଚୀନବରହୀ ନାରଦଙ୍କୁ କହିଲେ, "ମୁନୀବର, କଅଣ କଲେ ସୁଖ ପ୍ରାପ୍ତି ହେବ ସେ ବିଷୟରେ ମୋତେ ଜ୍ଞାନ ଦିଅନ୍ତୁ।" ନାରଦ ମୁନି ପ୍ରାଚୀନବରହୀଙ୍କୁ ଏକ ଗଳ୍ପ ମାଧ୍ୟମରେ ଜୀବାତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ବିଷୟରେ ଉପଦେଶ ଦେଲେ, ଯାହାର ନାମ " ପୁରଞ୍ଜନ ଉପାଖ୍ୟାନ ।" (କ୍ରମଶଃ)

କେଶୁରା,
ମୋ: ୮୨୪୯୨୧୩୦୪୦

ଅନେକ ସମୟରେ ଆର୍ଥିକ ସମସ୍ୟା ଯୋଗୁଁ ଧାର କରଜ କରିବାକୁ ପଡ଼େ। ତେବେ ଋଣ ଭାର କାହିଁକି ବଢ଼େ, ସେ ସମ୍ପର୍କରେ ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ କୁହାଯାଇଛି।

- ମଙ୍ଗଳବାର ଦିନ କାହାଠୁ ଧାର ଆଣନ୍ତୁ ନାହିଁ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହିଦିନ ମଙ୍ଗଳଗ୍ରହକୁ ସମର୍ପିତ। ମଙ୍ଗଳ ପ୍ରଭାବ ଯୋଗୁଁ ଋଣ ସୁଝି ହୁଏ ନାହିଁ ବୋଲି କୁହାଯାଏ।
- ଘରକୁ ମଙ୍ଗଳବାର ଓ ଶନିବାର ଲୁଣ କିଣିକି ଆଣିବା ଅନୁଚିତ। ଏହିଦିନ କିଣାଯାଉଥିବା ଜିନିଷ ଘରକୁ ନକାରାତ୍ମକ ଶକ୍ତି ସଞ୍ଚାର କରେ। ଫଳରେ ଆର୍ଥିକ ସଙ୍କଟ ବୃଦ୍ଧି ପାଏ।
- ଘରର ପୂର୍ବ ଦିଗରେ ଦର୍ପଣ ଲଗାଇବା ଦ୍ୱାରା ଋଣ ଭାର ବଢ଼ିଥାଏ। ଏହା ଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ଚିନ୍ତା, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇପାରେ।
- ଘରର ମୁଖ୍ୟ ଦ୍ୱାର ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହିଠାରୁ ଘରକୁ ମହାଲକ୍ଷ୍ମୀ ଏବଂ ସକାରାତ୍ମକ ଶକ୍ତିର ପ୍ରବେଶ ହୁଏ। ଘରର ମୁଖ୍ୟ ଦ୍ୱାରରେ ଡଷ୍ଟବିନ୍ ରଖିଲେ ସକାରାତ୍ମକ ଶକ୍ତି ବାଧାପ୍ରାପ୍ତ ହୁଏ।



### ଏସିଆ କପ୍‌ରେ ସ୍ପିନରଙ୍କ କମାଲ, ତିଳକ ବର୍ମାଙ୍କ ଅର୍ଦ୍ଧଶତକ

# ପାକିସ୍ତାନ ଧରାଶାୟୀ; ଭାରତକୁ ୯ମ ଟାଇଟଲ୍

ଦୁବାଇ, ୨୮।୯ (ଏଜେନ୍ସି):



ପାକିସ୍ତାନକୁ ୫ ୱିକେଟରେ ହରାଇ ବିଶ୍ୱ ଚାମ୍ପିଅନ୍ ଭାରତ ୨୦୨୫ ଏସିଆ କପ୍ ଟି-୨୦ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ରୋମାଞ୍ଚକ ଫାଇନାଲରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ୍ କରିଥିଲା। ଜବାବରେ ଭାରତ ୨ଟି ବଲ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବାମହାତୀ ବ୍ୟାଟର ତିଳକ ବର୍ମା ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ୫୩ ବଲ୍‌ରେ ୩ ଚୌକା ଓ ୪ଛକା ସହ ଅପରାଜିତ ୬୯ ରନ୍ କରିବା ସହ ଭାରତକୁ ୯ମଥର ଏସିଆ କପ୍ ଜିତାଇଥିଲେ। ଏହି ଫାଇନାଲରେ ୧୪୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୨୦ ରନ୍‌ରେ ପ୍ରଥମ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ୫, ସୂର୍ଯ୍ୟକୁମାର ଯାଦବ ୧ ଓ ଶୁବମନ ଗିଲ୍ ୧୨ ରନ୍‌ରେ ଆଉଟ ହୋଇଥିଲେ। ଏହି ସମୟରେ ତିଳକ ୪ର୍ଥ ୱିକେଟରେ ସଞ୍ଜୁ ସାମସନଙ୍କ ସହ ୫୦ ବଲ୍‌ରୁ ୫୭ ଓ ୫ମ ୱିକେଟ ଯୋଡିରେ ଶିବମ ଦୁବେଙ୍କ ସହ ୪୦ ବଲ୍‌ରେ ୬୦ ରନ୍ ଉଠାଇବା ସହ ଭାରତକୁ ଆକର୍ଷଣୀୟ ବିଜୟ ପ୍ରଦାନ କରିଥିଲେ। ସଞ୍ଜୁ ୨୧ ବଲ୍‌ରେ ୨୪ ଓ ଦୁବେ ୨୨ ବଲ୍‌ରେ ୩୩ ରନ୍ କରିଥିଲେ। ୧୯ତମ ଓଭରରେ ଦୁବେ ଆଉଟ ହେବା ପରେ ତିଳକ ଓ ରିଙ୍କୁ ୪ଟି ବଲ୍‌ରୁ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିଥିଲେ।

ଭାରତ ଏହାକୁ ମିଶାଇ ଏସିଆ କପ୍‌ରେ ୯ମଥର ଚାମ୍ପିଅନ ହୋଇଛି। ଏହା ମଧ୍ୟରୁ ଦିନିକିଆ ଫର୍ମାଟରେ ୭ଥର ଓ ଟି-୨୦ ଫର୍ମାଟରେ ୨ଥର ଟାଇଟଲ ଜିତିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଗୋଟିଏ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନକୁ ଭାରତ ୩ଟି ମ୍ୟାଚ୍‌ରେ ପରାସ୍ତ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି। ଲିଗ୍ ପର୍ଯ୍ୟାୟରେ ୭ ୱିକେଟ, ସୁପର-୪ରେ ୬ ୱିକେଟ ଓ ଫାଇନାଲରେ ୫ ୱିକେଟରେ ପାକିସ୍ତାନକୁ ଭାରତ ହରାଇଥିଲା। ଏସିଆ କପ୍‌ର ୪୧ ବର୍ଷ ଇତିହାସରେ ଏହା ଉଭୟଙ୍କ ମଧ୍ୟରେ ପ୍ରଥମ ଫାଇନାଲ ଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିଲାବେଳେ ଭାରତ ଅପରାଜେୟ ରହିଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଆରମ୍ଭରୁ ଭଲ ବ୍ୟାଟିଂ କରିଥିଲା। ଦଳ ଏକଦା କୌଣସି ୱିକେଟ ନ ହରାଇ ୮୪ ରନ୍ କରିଥିଲା। ଏହି ସମୟରେ ଫରହାନ୍‌ଙ୍କୁ ଆଉଟ କରି ପାକିସ୍ତାନର ରନ୍ ଇଞ୍ଜିନକୁ ଅକାମୀ କରିଦେଇଥିଲେ ବରୁଣ ଚକ୍ରବର୍ତ୍ତୀ। ଫରହାନ ୩୮ ବଲ୍‌ରେ ୫ ଚୌକା ଓ ୩ ଛକା ସହ ୫୭ ରନ୍ କରି ଆଉଟ ହୋଇଥିଲେ। ଫରହାନଙ୍କ ଆଉଟ ପରେ ପାକିସ୍ତାନ ବ୍ୟାଟରମାନେ ପଡ଼ିଆରୁ ପାଭିଲିୟନକୁ ଯିବାଆସିବା କରିଥିଲେ। ଦଳ ତାହାର ସମସ୍ତ ୧୦ଟି ଯାକ ୱିକେଟ ପରବର୍ତ୍ତୀ ୬୨ ରନ୍‌ରେ ହରାଇଥିଲା। ଏପରିକି ପାକିସ୍ତାନ ତାହାର ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୧୭ତମ ଓଭରରେ ୩ଟି ୱିକେଟ ନେଇ ପାକିସ୍ତାନର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ସେ ୩୦ ରନ୍‌ରେ ୪ଟି, ଅକ୍ଷର ପଟେଲ ସୁନ୍ଦର ବୋଲିଂ କରି ୨୬ ଓ ବରୁଣ ଚକ୍ରବର୍ତ୍ତୀ ୩୦ ରନ୍‌ରେ ୨ଟି ୱିକେଟ ନେଇଥିଲେ। ଏମାନେ ୧୨ ଓଭରରେ ୮୬ ରନ୍ ଦେଇ ୮ଟି ୱିକେଟ ନେଇଥିଲେ। ଅନ୍ୟ ଦୁଇଟି ୱିକେଟ ବୁମ୍‌ରାଙ୍କୁ ମିଳିଥିଲା।

## ଜୁନିଅର ସୁଟିଂ ବିଶ୍ୱକପ୍: ଅନୁଷ୍କାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ସ୍ଥାନୀୟ ଡ. କର୍ନି ସିଂହ ରେଞ୍ଜରେ ଚାଲିଥିବା ଜୁନିଅର ସୁଟିଂ ବିଶ୍ୱକପ୍‌ରେ ଭାରତର ଅନୁଷ୍କା ଥୋକୁର କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ ଇଭେଣ୍ଟରେ ଅନୁଷ୍କା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିରେ ସେ ୪୫ଟି ସଟ୍ ମାରି ମୋଟ୍ ୪୬୧ ସ୍କୋର କରି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ସେ ୫୦ ମିଟର ରାଇଫଲ୍ ପ୍ରୋନ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ରବିବାର ଅନୁଷ୍ଠିତ ୫୦ ମିଟର ରାଇଫଲ୍ ଥ୍ରି-ପୋଜିସନରେ ଭାରତର ଆଦ୍ରିୟାନ କର୍ମାକର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ବିଶ୍ୱକପ୍‌ର ୩ୟ ଦିବସ ଶେଷ ସୁଦ୍ଧା ୬୯ ଜଣିଆ ଭାରତୀୟ ସୁଟିଂ ଦଳ ୧୩ ପଦକ ଜିତି ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ କାଂସ୍ୟ ପଦକ ରହିଛି।

## ୧୬ ବର୍ଷ ପରେ ସଫଳତା ଆଣିଲେ ନଟରାଜ

ଅହମ୍ମଦାବାଦ୍, ୨୮।୯ (ଏଜେନ୍ସି): ଦୀର୍ଘ ୧୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏସିଆନ୍ ଆକ୍ୱାଟିକ (ଜଳକ୍ରୀଡ଼ା) ଚାମ୍ପିଅନସିପ୍‌ରେ



ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୧୧ତମ ଏସିଆନ୍ ଆକ୍ୱାଟିକ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଶ୍ରୀହରି ନଟରାଜ ରୌପ୍ୟ ଜିତି ଦୀର୍ଘ ବର୍ଷର ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି। ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟକୁ ଶ୍ରୀହରି ଏକ ମିନିଟ୍ ୪୮.୪୭ ସେକେଣ୍ଡରେ ଫିନିଶ କରି ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ଏଥିରେ ଚୀନର ୧୭ ବର୍ଷୀୟ ଜୁ ହାଇବୋ ୧ ମିନିଟ୍ ୪୬.୮୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ।

## ଓସିଏର ଅଭିନନ୍ଦନ

କଟକ,୨୮।୯ (ସମିସ): ବିସିସିଆଇରେ ୩ଜଣ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜାତୀୟ ସିନିଅର ଚୟନ କମିଟିରେ ଶିବସୁନ୍ଦର ଦାସ ଓ ପ୍ରଜ୍ଞାନ ଓଝା। ସେହିପରି ଦେବାଶିଷ ମହାନ୍ତି ଅଷ୍ଟ୍ରେଲିଆ ଗସ୍ତରେ ଥିବା ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ କାମ କରୁଛନ୍ତି। ଏହି ୩ଜଣ ଓଡ଼ିଆଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ଓଡ଼ିଶା କ୍ରିକେଟ ସଂଘ (ଓସିଏ) ପକ୍ଷରୁ ସମ୍ପାଦକ ସଞ୍ଜୟ ବେହେରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଓସିଏ ପକ୍ଷରୁ ଆଇସିସି ଚେୟାରମ୍ୟାନ ଜୟ ଶାହ, ବିସିସିଆଇ ସଭାପତି ମିଥୁନ ମାନହାସ ଓ ସମ୍ପାଦକ ଦେବଜିତ ସାଇକିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମହିଳା ରଗ୍‌ବୀ ବିଶ୍ୱକପ୍ ଜିତିଲା ଇଂଲଣ୍ଡ

ଲଣ୍ଡନ, ୨୮।୯ (ଏଜେନ୍ସି): ମହିଳା ରଗ୍‌ବୀ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଆୟୋଜକ ଇଂଲଣ୍ଡ ଦଳ ଚାମ୍ପିଅନ ହୋଇଛି। ଟ୍ୱିକେନହାମରେ ରବିବାର ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲରେ ଇଂଲଣ୍ଡ ମହିଳା ଦଳ ୩୩-୧୩ ସ୍କୋରରେ କାନାଡାକୁ ପରାସ୍ତ କରି ୩ୟଥର ଲାଗି ଟାଇଟଲ୍ ହାସଲ କରିଛି। ଏଥି ପୂର୍ବରୁ ଇଂଲଣ୍ଡ ପ୍ରଥମଥର ଲାଗି ୧୯୯୪ରେ ଓ ଶେଷଥର ଲାଗି ୨୦୧୪ରେ ମହିଳା ରଗ୍‌ବୀ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ସେହିଭଳି ଇଂଲଣ୍ଡ ୨୦୦୨ରୁ କ୍ରମାଗତ ଭାବେ ଗତ ୭ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିଆସୁଛି।

## ବିଶ୍ୱ ପାରା ଆଥଲେଟିକ୍ସରେ ୧୨ ଓଡ଼ିଆ କର୍ମକର୍ତ୍ତା



ଭୁବନେଶ୍ୱର,୨୮।୯ (ସମିସ): ଭାରତରେ ପ୍ରଥମଥର ନୂଆଦିଲ୍ଲୀରେ ଗତକାଲିଠାରୁ ଆରମ୍ଭ ହୋଇଛି ୱାର୍ଲ୍ଡ ପାରା ଆଥଲେଟିକ୍ ଚାମ୍ପିଅନସିପ୍। ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୨ଜଣ ଓଡ଼ିଆ ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ ହୋଇଛନ୍ତି। ଏପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରଥମଥର ଏତେ ସଂଖ୍ୟାରେ କର୍ମକର୍ତ୍ତା ସ୍ଥାନ ପାଇଛନ୍ତି। ସ୍ଥାନ ପାଇଥିବା କର୍ମକର୍ତ୍ତାମାନେ ହେଲେ ଦେବମୃତା ସାହୁ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରିୟଞ୍ଜନ ନାୟକ, ଲକ୍ଷ୍ମୀଧର ମହାନ୍ତି, ଗୋପାଳ ସୋନି, ଶୋଭାରାଣୀ ଦୋରା, ପତ୍ରପୁଷ୍ପ ମହାନ୍ତି, ଲିପ୍‌ସା ମିଶ୍ର, ରୋନାଲି ସାହୁ, ପୂଜା ବେହେରା, ମାଳବିକା ମିଶ୍ର ଓ ସରିତା ସାହୁ।

## ଏସ୍‌ପିଡି ସ୍ମାରକୀ ଚେସ୍; ଦୀପ୍ତିରଞ୍ଜନ ଚାମ୍ପିଅନ



ଭୁବନେଶ୍ୱର,୨୮।୯ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆଉ ଏକ ଦିନିକିଆ ଓ ୫ ରାଉଣ୍ଡ ବିଶିଷ୍ଟ ୫ମ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ବଡ଼ଗଡ କେନାଲ ରୋଡ୍‌ରେ ଥିବା ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କନ୍ଧମାଳର ଲରେନ୍ସ ପ୍ରଧାନ ରନର୍ସଅପ୍ ଓ ଭୁବନେଶ୍ୱରର ଦିବ୍ୟାଂଶୁ କୁମାର ପଶାୟତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ଚେୟାରମ୍ୟାନ୍ ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଚିତ୍ତରଞ୍ଜନ ଦେବତା ଖେଳ ଶେଷରେ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ୍‌ର ପ୍ରିନ୍ସିପାଲ ମନୋରଞ୍ଜନ ବିଶାଳ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରସ୍କାର ପ୍ରଦାନ ଉତ୍ସବ ବିଳମ୍ବିତ

## ଦେଢ଼ ଘଣ୍ଟା ପରେ ଆସିଲେ ପାକିସ୍ତାନ ଖେଳାଳି

ଦୁବାଇ, ୨୮।୯ (ଏଜେନ୍ସି): ଏସିଆ କପ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳିମାନେ କରମର୍ଦ୍ଦନ ନ କରିବା ନେଇ ସୃଷ୍ଟି ହୋଇଥିବା ବିବାଦର ପ୍ରଭାବ ଫାଇନାଲ ପରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ପଡ଼ିଥିଲା। ପରାଜିତ ହେବା ପରେ ପାକିସ୍ତାନର ଖେଳାଳିମାନେ ଡ୍ରେସିଂ ରୁମ୍‌ରୁ ବାହାରି ନ ଥିଲେ। ପାକିସ୍ତାନର କୋଚ୍ ମାଇକ୍ ହେସନ ଓ ସଲମାନ ଅଲି ଆଘାଙ୍କ ସହ ଏସୀୟ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଆଲୋଚନା କରିବା ପରେ ଖେଳାଳିମାନେ ଦୀର୍ଘ ଦେଢ଼ ଘଣ୍ଟା ପରେ ପଡ଼ିଆକୁ ଆସିଥିଲେ ଓ ରନର୍ସ ଅପ୍ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ଚାମ୍ପିଅନ ହୋଇଥିବା ଭାରତୀୟ ଖେଳାଳି ବ୍ୟକ୍ତିଗତ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଟ୍ରଫି ଗ୍ରହଣ କରିବେ ନାହିଁ ବୋଲି ଜଣାଇବା ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିଲା। ଏକାଧିକ ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାରରେ ମନ୍ତ୍ରୀ, କ୍ରିକେଟ ବୋର୍ଡର ଅଧ୍ୟକ୍ଷ ତଥା ଏସୀୟ କ୍ରିକେଟ କାଉନ୍ସିଲର ସଭାପତି ଥିବା ମୋହସିନ ନକ୍‌ଭୀଙ୍କଠାରୁ ଭାରତ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ଜଣାଇଥିଲେ। ଏହା ଫଳରେ ସେମାନେ ଟ୍ରଫି ନେବାକୁ ଆସି ନ ଥିଲେ। ଫାଇନାଲରେ ଅପରାଜିତ ୬୯ ରନ୍ କରିଥିବା ଭାରତର ତିଳକ ବର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ଓ ମୋଟରେ ୧୭ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭାଲ୍ୟୁଏବଲ ଓ ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ବିସିଏ ସଭାପତି ହେବାରେ ୨୪ ବର୍ଷୀୟ ହର୍ଷ ସର୍ବକନିଷ୍ଠ



ପାଟନା. ୨୮।୯ (ଏଜେନ୍ସି): ବିହାର କ୍ରିକେଟ୍ ସଂଘ (ବିସିଏ) ଇତିହାସରେ ହର୍ଷ ବର୍ଦ୍ଧନ ସର୍ବକନିଷ୍ଠ ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ଅନୁଷ୍ଠିତ ବିସିଏର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ହର୍ଷ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିବା ନେଇ ଘୋଷଣା କରାଯାଇଥିଲା। ହର୍ଷ ହେଉଛନ୍ତି ବିସିଏର ପୂର୍ବତନ ସଭାପତି ରାକେଶ ତିୱାରୀଙ୍କ ପୁଅ। ହର୍ଷଙ୍କ ସମେତ ପ୍ରିୟା କୁମାରୀ ଉପ-ସଭାପତି, ଜିଆଲୁ ଆରିଫିନ ସମ୍ପାଦକ, ଅଭିଷେକ ନନ୍ଦନ କୋଷାଧ୍ୟକ୍ଷ ଓ ରୋହିତ୍ କୁମାର ଯୁଗ୍ମ ସମ୍ପାଦକ ଭାବେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଏମ୍. ମୋଦାସିର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ମିଥୁନ ମାନ୍‌ହାସ୍ ବିସିସିଆଇର ନୂଆ ସଭାପତି

ମୁମ୍ବଇ,୨୮।୯ (ଏଜେନ୍ସି)



ଦିଲ୍ଲୀର ପୂର୍ବତନ କ୍ରିକେଟ ଅଧିନାୟକ ତଥା ଜମ୍ମୁ-କାଶ୍ମୀରର ପ୍ରଶାସକ ମିଥୁନ ମାନହାସ ଦେଶର ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ୩୭ତମ ନିର୍ବାଚିତ ସଭାପତି ହୋଇଛନ୍ତି। ଭାରତର ବିଶ୍ୱକପ୍ ବିଜୟୀ ଅଲରାଉଣ୍ଡର ରୋଜର ମାଇକେଲ ବିନ୍ନି ଚଳିତବର୍ଷ ଅଗଷ୍ଟମାସରେ ସଭାପତି ପଦରୁ ଅବ୍ୟାହତି ନେବା ପରେ ତାଙ୍କ ସ୍ଥାନରେ ୪୫ ବର୍ଷୀୟ ମିଥୁନ ସଭାପତି ପଦ ପୂରଣ କରିଛନ୍ତି। ଆଜି ବିସିସିଆଇର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ହୋଇଥିଲା। ଏଥିରେ ମିଥୁନ ଏକମାତ୍ର ପ୍ରାର୍ଥୀଭାବେ ମନୋନୟନ ପତ୍ର ଦାଖଲ କରିଥିଲେ। ଏଣୁ ସେ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସହ ବିସିସିଆଇର ଅନ୍ୟ ସମସ୍ତ ପଦବୀ ଗୁଡ଼ିକରେ ମନୋନୟନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରାଜୀବ ଶୁକ୍ଲା ଆଉ ଗୋଟିଏ ଟର୍ମ ଲାଗି ଉପସଭାପତି ଭାବେ ରହିଛନ୍ତି। ସେହିପରି ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ସିଂହ ଭାଟିଆ ନୂଆ ଯୁଗ୍ମ ସମ୍ପାଦକ, ଆଉଜଣେ ପୂର୍ବତନ କ୍ରିକେଟର ରଘୁରାମ ଭଟ୍ଟ ନୂଆ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭଟ୍ଟ ଭାରତର ଜଣେ ପୂର୍ବତନ କ୍ରିକେଟ ହୋଇଥିଲାବେଳେ ୨୦୨୨ରୁ ୨୦୨୫ ଯାଏ କର୍ଣ୍ଣାଟକ କ୍ରିକେଟ ସଂଘର ସଭାପତି ରହିଥିଲେ। ପୂର୍ବପରି ଅରୁଣ ଧୂମାଲ ଆଇପିଏଲ କମିଶନର ରହିବେ।

ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ସଂଘର ସଭାପତି ହେବା ମୋ ଲାଗି ଏକ ସମ୍ମାନର କଥା। ଏହି ସମୟରେ ଭାରତୀୟ କ୍ରିକେଟ ପ୍ରଶାସନକୁ ସମ୍ଭାଳିବା ମଧ୍ୟ ଏକ ଗୁରୁଦାୟିତ୍ୱ। ପ୍ରତିଶ୍ରୁତି ଦେଉଛି, ନିଜ ଦକ୍ଷତା ଅନୁଯାୟୀ ଭାରତୀୟ କ୍ରିକେଟର ଉନ୍ନତି କରିବାକୁ ମୁଁ ସମସ୍ତ ପ୍ରକାର ଚେଷ୍ଟା କରିବି ବୋଲି ମାନହାସ କହିଛନ୍ତି। ସଭାପତି ହେବା ଲାଗି ଆପଣଙ୍କର କେଉଁ ଦକ୍ଷତା ସହାୟକ ହେଲା ବୋଲି ପ୍ରଶ୍ନର ଉତ୍ତରରେ ସେ କହନ୍ତି, ବୋଧହୁଏ ଜମ୍ମୁ-କାଶ୍ମୀରର ପ୍ରଶାସକ ଭାବେ ଗତ ୪ ବର୍ଷ ଧରି ଯେଉଁ କାମ କରିଛି, ତାହା ମୋ ସପକ୍ଷରେ ଯାଇଛି ବୋଲି ମୁଁ ଅନୁଭବ କରୁଛି। ଆସନ୍ତା ଅକ୍ଟୋବର ମାସରେ ୪୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ମିଥୁନ ଦୀର୍ଘ ୨୦ ବର୍ଷ ଧରି କ୍ରିକେଟ ଖେଳିଛନ୍ତି। ଏହା ମଧ୍ୟରେ ୧୫୭ଟି ପ୍ରଥମଶ୍ରେଣୀ, ୧୩୦ଟି ଲିଷ୍ଟ-ଏ' (ଘରୋଇ ଦିନିକିଆ) ଓ ୯୧ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।

### ଶରତ ଜୁନିଅର କମିଟି ଚେୟାରମ୍ୟାନ୍

ଅନ୍ୟପକ୍ଷରେ ଜାତୀୟ ସିନିଅର ସିଲେକ୍ଟର ପଦରୁ ବାଦ୍ ପଡ଼ିଥିବା ଶରତଙ୍କୁ ଜାତୀୟ ଜୁନିୟର ସିଲେକ୍ସନ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି ମିଳିଛି। ସେ ତିଳକ ନାଇଡୁଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିବେ। ଜୁନିଅର କମିଟିରେ ହରବିନ୍ଦର ସିଂହ ସୋଢ଼ି, ରଣଦେବ ବୋଷ, ପଥିକ ପଟେଲ ଓ କ୍ରିଷ୍ଣା ମୋହନ ସଦସ୍ୟ ଭାବେ ରହିଛନ୍ତି। ସୌରାଷ୍ଟ୍ରର ପୂର୍ବତନ ଅଧିନାୟକ ତଥା ନିରଞ୍ଜନ ଶାହଙ୍କ ପୁଅ ଜୟଦେଶ ଶାହଙ୍କୁ ବିସିସିଆଇ ଆପେକ୍ସ କାଉନ୍ସିଲରେ ସଦସ୍ୟ ଭାବେ ରହିଛନ୍ତି। ସେ ମିଜୋରାମର ଖଇରୁଲ ଜମାଲ ମଜୁମଦାରଙ୍କ ସ୍ଥାନରେ ଏହି ଦାୟିତ୍ୱରେ ରହିବେ। ଅରୁଣ ଧୂମାଲଙ୍କୁ ଆଇପିଏଲ୍ ଚେୟାରମ୍ୟାନ୍ କରାଯାଇଥିଲାବେଳେ ଖଇରୁଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ କମିଟିରେ ସଦସ୍ୟ ଅଛନ୍ତି।

### ଅମିତା ଶର୍ମାଙ୍କୁ ମହିଳା ଚୟନ ଦାୟିତ୍ୱ

ଜାତୀୟ ସିନିୟର ମହିଳା ସିଲେକ୍ସନ କମିଟିର ଚେୟାରମ୍ୟାନ୍ ଭାବେ ନୀତୁ ଡେଭିଡ୍‌ଙ୍କ ସ୍ଥାନରେ ଅମିତା ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କମିଟିରେ ଶ୍ୟାମା ଦେ, ସୁଲକ୍ଷଣା ନାଏକ, ଜୟା ଶର୍ମା ଓ ଶ୍ରାବନ୍ତୀ ନାଇଡୁ ସଦସ୍ୟ ରହିଛନ୍ତି। ଦେ'ଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ସଦସ୍ୟ ପ୍ରଥମ କରି ସାମିଲ ହୋଇଛନ୍ତି। ମହିଳା ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ୍ ଭାବେ ଜୟେଶ ଜର୍ଜଙ୍କୁ ଦାୟିତ୍ୱ ଦିଆଯାଇଛି।

## ପ୍ରଜ୍ଞାନ ନୂଆ ସିଲେକ୍ଟର, କମିଟିରେ ୨ ଓଡ଼ିଆ



ବିସିସିଆଇର ନୂଆ ସଭାପତି ଭାବେ ନିର୍ବାଚିତ ହେବା ପରେ ସିନିୟର ଓ ଜୁନିୟର ଚୟନ କମିଟିରେ ମଧ୍ୟ ପରିବର୍ତ୍ତନ ହୋଇଛି। ଜାତୀୟ ସିନିଅର ସିଲେକ୍ସନ କମିଟିରେ ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ପୂରିଯାଇଛି। ସେମାନେ ହେଲେ ଦକ୍ଷିଣାଞ୍ଚଳର ଏସ୍ ଶରତ ଓ ପୂର୍ବାଞ୍ଚଳର ସୁବ୍ରତ ବାନାର୍ଜୀ। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ସନ କମିଟିର ଅନ୍ୟ ଦୁଇ ଜଣ ସଦସ୍ୟ ହେଲେ ଅଜୟ ରାତ୍ରା ଓ ବିଦର୍ଭର ଓଡ଼ିଆ ଖେଳାଳି ଶିବସୁନ୍ଦର ଦାସ। ଏମାନଙ୍କ କାର୍ଯ୍ୟକାଳ ୨୦୨୬ରେ ଶେଷ ହେବ। ସିନିଅର ସିଲେକ୍ସନ କମିଟିରେ ଶରତଙ୍କ ସ୍ଥାନରେ ହାଇଦ୍ରାବାଦ୍‌ର ବାମହାତୀ ସ୍ପିନର ତଥା ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ଏବଂ ବାନାର୍ଜୀଙ୍କ ସ୍ଥାନରେ ରୁଦ୍ରପ୍ରତାପ ସିଂଙ୍କୁ ନୂଆ ସିଲେକ୍ଟର ଭାବେ ଚୟନ କରାଯାଇଛି। ଏହା ଫଳରେ ଭାରତୀୟ କ୍ରିକେଟ ଇତିହାସରେ ଗୋଟିଏ ରାଜ୍ୟ ଓଡ଼ିଶାର ଦୁଇ ଖେଳାଳି ଜାତୀୟ ଚୟନ କମିଟିରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଓଡ଼ିଶା ତଥା ଭୁବନେଶ୍ୱରର ଖେଳାଳି ହୋଇଥିଲାବେଳେ ପ୍ରଜ୍ଞାନ ଆରମ୍ଭରୁ ଅବସର ନେବା ଯାଏ ହାଇଦରାବାଦ୍ ପକ୍ଷରୁ ସମସ୍ତ ପ୍ରକାର କ୍ରିକେଟ ଖେଳିଛନ୍ତି। କିନ୍ତୁ ଶିବସୁନ୍ଦର ଦାସ କ୍ୟାରିୟରର ଶେଷ ଭାଗରେ ବିଦର୍ଭ ପକ୍ଷରୁ ଖେଳିଥିଲେ। ଜାତୀୟ ଦଳର ନେତୃତ୍ୱ ନେବାରେ ଶିବସୁନ୍ଦର ଓଡ଼ିଶାର ପ୍ରଥମ ଖେଳାଳି ହୋଇଥିଲେ। କିନ୍ତୁ ଜାତୀୟସ୍ତରର ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସଂଘରେ ୨ଜଣ ଓଡ଼ିଆ ଏକତ୍ର କାମ କରିବା ଓଡ଼ିଶା କ୍ରିକେଟ ଇତିହାସରେ ପ୍ରଥମ ଘଟଣା।

### ନୂଆ କର୍ମକର୍ତ୍ତା

**ବିସିସିଆଇ ନିର୍ବାଚତ କର୍ମକର୍ତ୍ତା**: ମିଥୁନ ମାନହାସ- ସଭାପତି, ରାଜୀବ ଶୁକ୍ଲା- ଉପସଭାପତି, ଦେବଜିତ ସାଇକିଆ- ସମ୍ପାଦକ, ପ୍ରଭତେଜ ସିଂହ ଭାଟିଆ- ଯୁଗ୍ମ ସମ୍ପାଦକ, ରଘୁରାମ ଭଟ୍ଟ- କୋଷାଧ୍ୟକ୍ଷ। ଆଇପିଏଲ୍ ପ୍ରତିନିଧି- ଅରୁଣ ଧୂମାଲ, ଖଇରୁଲ ଜମାଲ ମଜୁମଦାର।

**ପୁରୁଷ ସିନିଅର ଚୟନ କମିଟି**: ଅଜିତ ଅଗରକର (ଚେୟାରମ୍ୟାନ୍), ଶିବସୁନ୍ଦର ଦାସ, ଅଜୟ ରାତ୍ରା, ରୁଦ୍ରପ୍ରତାପ ସିଂ ଓ ପ୍ରଜ୍ଞାନ ଓଝା।

**ମହିଳା ସିନିଅର ଚୟନ କମିଟି**: ଅମିତା ଶର୍ମା (ଚେୟାରପର୍ସନ), ଶ୍ୟାମା ଦେ, ସୁଲକ୍ଷଣା ନାଏକ, ଜୟା ଶର୍ମା, ଶ୍ରାବନ୍ତୀ ନାଇଡୁ।

**ଜୁନିଅର ଚୟନ କମିଟି**: ଏସ୍ ଶରତ (ଚେୟାରପର୍ସନ), ହରବିନ୍ଦର ସିଂହ, ପାଥିକ ପଟେଲ, କ୍ରିଷ୍ଣା ମୋହନ ଓ ରଣଦେବ ବୋଷ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS